

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୨ ଅକ୍ଟୋବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 02 OCTOBER 2023
Vol.No. 34 ■ No. 259■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ସାରା ଦେଶରେ ସ୍ୱଚ୍ଛତା ହିଁ ସେବା ଅଭିଯାନ

## ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛତା ମନ୍ତ୍ର, ଅଙ୍କିତ ବାୟାନପୁରିଆଙ୍କ ସହ ନିଜେ କଲେ ସଫେଇ



ନୂଆଦିଲ୍ଲୀ,୦୧/୧୦ : ମୋଦିଙ୍କ ହାତରେ ଝାଡୁ । ଗାନ୍ଧୀ ଜୟନ୍ତୀ ପୂର୍ବରୁ ସ୍ୱଚ୍ଛତା ବାର୍ତ୍ତା ଦେଇ ନିଜେ ଝାଡୁ ଧରି ସଫେଇ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ରେସଲର ଅଙ୍କିତ ବେୟନପୁରିୟାଙ୍କ ସହ ଶ୍ରମଦାନ କରିଛନ୍ତି ନରେନ୍ଦ୍ର ମୋଦୀ । ସ୍ୱଚ୍ଛତା ପାଇଁ ଗୋଟିଏ ଘଂଟା ଶ୍ରମଦାନ କରିବାକୁ ପ୍ରଧାନମନ୍ତ୍ରୀ ଅପିଲ କରିଥିଲେ । ଆଉ ଏହାକୁ ଗ୍ରହଣ କରି ସାରା ଦେଶରେ ଝାଡୁ ଧରି ସ୍ୱଚ୍ଛତାର ବାର୍ତ୍ତା ଦେଇଛନ୍ତି ନେତା । ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀର ଠିକ୍ ଦିନକ ପୂର୍ବରୁ ସାରା ଦେଶରେ ସ୍ୱଚ୍ଛତା ବାର୍ତ୍ତା ନେଇ ନେତା ଉଠାଇଛନ୍ତି ସଫେଇ ଝାଡୁ । ସ୍ୱଚ୍ଛତା ହିଁ ସେବା ଏହି ନାରାକୁ ଅଭିଯାନ ଭାବେ ଗ୍ରହଣ କରି ନିଜେ ଝାଡୁ ଧରି ସଫେଇ କରିଛନ୍ତି ପ୍ରଧାନମନ୍ତ୍ରୀ । ରେସଲର ଅଙ୍କିତ ବେୟନପୁରିୟାଙ୍କ ସହ ଶ୍ରମଦାନ କରିଛନ୍ତି ନରେନ୍ଦ୍ର ମୋଦୀ । ଏହାର ଭିଡିଓ ନିଜ ଟ୍ୱିଟର ଆକାଉଂଟରେ ସେୟାର କରିଛନ୍ତି ପ୍ରଧାନମନ୍ତ୍ରୀ । ଏହି ସମୟରେ ଅଙ୍କିତଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି ମୋଦୀ । ତାଙ୍କ ଫିଟ୍ନେସ୍ ସଂପର୍କରେ ମଧ୍ୟ ଅଙ୍କିତଙ୍କଠାରୁ ପଚାରି ବୁଝିଛନ୍ତି । ସ୍ୱଚ୍ଛତା ପାଇଁ ଗୋଟିଏ ଘଂଟା ଶ୍ରମଦାନ କରିବାକୁ ଦେଶବାସୀଙ୍କୁ ଅପିଲ କରିଥିଲେ ପ୍ରଧାନମନ୍ତ୍ରୀ । ଏହି ଆହ୍ୱାନକୁ ଆଗ୍ରହର ସହ ଗ୍ରହଣ କରିଛନ୍ତି ଦେଶବାସୀ । ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଅହମ୍ମଦାବାଦରେ ଏହି ଅଭିଯାନରେ ସାମିଲ ହୋଇଥିଲେ ଗୃହମନ୍ତ୍ରୀ ଅମିତ ଶାହ । ହାତରେ ଝାଡୁ ଧରି ସଫା କରିଥିଲେ ଶାହ ।

# କଂଗ୍ରେସରେ ବଢ଼ିଲା ଅଜୟ ମାକନଙ୍କ ଦାୟିତ୍ୱ: ଏଆଇସିସି କୋଷାଧ୍ୟକ୍ଷ ଭାବରେ ହେଲେ ନିଯୁକ୍ତ



ନୂଆଦିଲ୍ଲୀ,୦୧/୧୦ :ଏଆଇସିସି କୋଷାଧ୍ୟକ୍ଷ ଭାବରେ ନିଯୁକ୍ତ ହେଲେ ଅଜୟ ମାକନ। କଂଗ୍ରେସ ମହାସଚିବ କେସି ବେଣୁଗୋପାଳ ଅଜୟ ମାକନଙ୍କୁ ଏଆଇସିସିର କୋଷାଧ୍ୟକ୍ଷ ନିଯୁକ୍ତ କରିଛନ୍ତି। ତାଙ୍କୁ ପବ୍ନ ବଂସଲଙ୍କ ସ୍ଥାନରେ କୋଷାଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଛି। ଏହି ନିଯୁକ୍ତି ଉପରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ମୋହର ମାରିଛନ୍ତି। ମାକନଙ୍କ ନିଯୁକ୍ତି ଅନ୍ତରୀଣ ମତଭେଦକୁ ସମାଧାନ, ଦଳର ଏକତାକୁ ମଜବୁତ କରିବା ଏବଂ ରାଜସ୍ଥାନରେ କଂଗ୍ରେସରେ ସ୍ଥିରତା ଆଣିବାକୁ ଏକ ରଣନୀତିକ ପଦକ୍ଷେପ ଭାବରେ ଦେଖାଯାଉଛି। ଦଳର ଜଣେ ନେତାଙ୍କ କହିବା ଅନୁଯାୟୀ ସାଂଗଠନିକ ଅନୁଭବ ଦ୍ୱାରା କର୍ମକର୍ତ୍ତାଙ୍କୁ ଶକ୍ତି ମିଳିବ ଏବଂ ଦଳକୁ ମଜବୁତ କରିବ। ଏହି ପଦକ୍ଷେପ ବିଦ୍ରୋହୀ କଂଗ୍ରେସ ବିଧାୟକଙ୍କ ଦ୍ୱାରା ଉଠାଯାଇଥିବା ପ୍ରସଙ୍ଗକୁ ସମ୍ବୋଧିତ କରିବା ଏବଂ ସମାଧାନ କରିବା ପାଇଁ ପାର୍ଟୀର ପ୍ରତିବଦ୍ଧତାକୁ ମଧ୍ୟ ସଙ୍କେତ ଦେଉଛି। ସୂଚନାଥାଉକି, ଅଜୟ ମାକନ ରବିବାର ଛତିଶଗଡ଼ରେ ଅଛନ୍ତି ଏବଂ ସେ ରାୟପୁରରେ କଂଗ୍ରେସ କମିଟିର ସଦସ୍ୟଙ୍କ ସହ ବୈଠକ କରୁଛନ୍ତି। ଏହି ବୈଠକରେ ଆଶାୟୀଙ୍କ ଚୟନକୁ ନେଇ ନିଷ୍ପତ୍ତି ହେବ। ଏହାରି ମଧ୍ୟରେ ଏହି ଘୋଷଣା ହୋଇଛି।

# ଭିଜିଲାନ୍ସ ପଞ୍ଝାରେ କମାଣ୍ଡାଣ୍ଟ ସୁନିଲ କୁମାର

ଢେଙ୍କାନାଳ , ୦୧/୧୦ (ନି.ପ୍ର): ଭିଜିଲାନ୍ସ ଜାଲରେ ବାଟାଲିଅନ ୧ ଢେଙ୍କାନାଳର କମାଣ୍ଡାଣ୍ଟ ସୁନୀଲ କୁମାର ବେହେରା । କଟକ ସିଡିଏ ୧୧ ନିକଟ ମଧୁସୂଦନ ସେତୁ ଉପରୁ ଧରିଲା ଭିଜିଲାନ୍ସ । ଘଟଣାରେ ଅଧିକ ଛାନ୍‌ଭିନ୍ କରୁଛି ଭିଜିଲାନ୍ସ । ଖବର ଅନୁଯାୟୀ, ଢେଙ୍କାନାଳରୁ କଟକ ଏକ ଲକ୍ଷରୁ ଅଧିକ ଟଙ୍କା ନେଇ ଆସୁଥିଲେ । ଏହି ସମୟରେ କଟକ ସିଡିଏ ୧୧ ନିକଟ ମଧୁସୂଦନ ସେତୁ ଉପରେ ଭିଜିଲାନ୍ସ ଧରିଥିଲା । ତାଙ୍କ ପାଖରେ ଥିବା ଟଙ୍କାକୁ ଜବତ କରିବା ସହ ଘର ସମେତ ଏକକାଳୀନ ୫ଟି ସ୍ଥାନରେ ଚଢାଉ ଜାରି ରଖିଛି ଭିଜିଲାନ୍ସ । ତେବେ ବର୍ତ୍ତମାନ ସୁଦ୍ଧା ଏହି ଚଢାଉରୁ ଭିଜିଲାନ୍ସକୁ ୮ ଲକ୍ଷ ୭୦ ହଜାର ଟଙ୍କା ଜବତ ହୋଇଛି । ଭିଜିଲାନ୍ସ ଚଢାଉରେ ମୋଟ ୧୦ ଲକ୍ଷରୁ ଅଧିକ ଜବତ ହୋଇଥିବା ସୂଚନା ମିଳିଛି । କମାଣ୍ଡାଣ୍ଟଙ୍କ ପାଖରେ ଏତେ ପରିମାଣର ସଂପତ୍ତି କେଉଁଠୁ ଆସିଲା । ସେନେଇ ଛାନ୍‌ଭିନ୍ କରୁଛି ଭିଜିଲାନ୍ସ ।

# ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ୍



ବାଲେଶ୍ୱର, ୦୧/୧୦ (ନି.ପ୍ର): ବାଲେଶ୍ୱରର ରେମୁଣା କ୍ଷୀରଚୋରା ଗୋପୀନାଥ ମନ୍ଦିର ନିକଟରେ ଥିବା ଏସ୍‌ବିଆଇ ଏଟିଏମ୍‌ରୁ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଗତକାଲି ବିଳମ୍ବିତ ରାତିରେ ଏଟିଏମ୍ ଭାଙ୍ଗି ଟଙ୍କା ନେଇ ଯାଇଥିବା ଜଣାପଡ଼ିଛି। ଏଟିଏମ୍‌ରେ କେତେ ଟଙ୍କା ଥିଲା ତାହା ଜଣାପଡ଼ିନି। କେବଳ ଲୋକଙ୍କ କହିବା କଥା କାଲି ଏହି ଏଟିଏମ୍‌ରେ ଟଙ୍କା ଭର୍ତି କରାଯାଇଥିଲା। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛି। ହେଲେ ଖବର ଲେଖାଯିବା ସୁଦ୍ଧା ବ୍ୟାଙ୍କର କୌଣସି ଅଧିକାରୀ ଆସିନଥିବାରୁ ଆଗକୁ ବଢ଼ି ପାରିନି ପୁଲିସ୍‌ର ତଦନ୍ତ। ଅନ୍ୟପକ୍ଷରେ ଘଟଣାସ୍ଥଳରୁ ଫାଣ୍ଡି ମାତ୍ର ୫୦ ରୁ ୬୦ ମିଟର। ଫାଣ୍ଡିରେ କର୍ମଚାରୀ ଥିବା ସତ୍ତ୍ୱେ କିପରି ଏଟିଏମ୍‌ରୁ ଟଙ୍କା ଲୁଟ୍ ହେଲା, ତାକୁ ନେଇ ସ୍ଥାନୀୟ ଲୋକ ଉଠାଇଛନ୍ତି ପ୍ରଶ୍ନ।


DADLS-41



ରୂପାନ୍ତରଣ ପଥେ ଓଡ଼ିଶା

ଓଡିଶା ସରକାର

ମୋ ସରକାର ☎ 14545

- ସାମାଜିକ ସୁରକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ସ୍ୱରୂପ ୧୫ ଅଗଷ୍ଟ ୨୦୨୩ରୁ ୪.୧୩ ଲକ୍ଷ ନୂତନ ହିତାଧିକାରୀ ପାଉଛନ୍ତି ମଧୁବାବୁ ପେନସନ । ରାଜ୍ୟର ସମୁଦାୟ ୩୨.୫୫ ଲକ୍ଷ ବୟସ୍କ, ବିଧବା, ଭିନ୍ନକ୍ଷମ ଓ ଅସହାୟ ଉପକୃତ ହେଉଛନ୍ତି ।
- ମିଶନ ଶକ୍ତି ଜରିଆରେ ରାଜ୍ୟର ୭୦ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ସଶକ୍ତ । ସେମାନଙ୍କୁ ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରିବା ପାଇଁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ସହାୟତା । ସ୍କୁଟି ଯୋଜନାରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧବିହୀନ ଋଣ ।
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ମାସିକ ଖର୍ଚ୍ଚ ହେଉଛି ପ୍ରାୟ ୨୫୦ କୋଟି ଟଙ୍କା । ଆର୍ଥିକ ଦୁର୍ବଳ ପରିବାରକୁ ବାର୍ଷିକ ୫ ଲକ୍ଷ ଟଙ୍କା ଓ ପରିବାରର ମହିଳା ସଦସ୍ୟାଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସହାୟତା ଉପଲବ୍ଧ । ରାଜ୍ୟ ତଥା ରାଜ୍ୟ ବାହାରର ୭୦୦ଟି ପ୍ରମୁଖ ଘରୋଇ ଚିକିତ୍ସାଳୟରେ ମିଳିପାରୁଛି ଅତ୍ୟାଧୁନିକ ଚିକିତ୍ସା ସୁବିଧା ।
- ଆମ ହସ୍ପିଟାଲ ଯୋଜନା ଅଧୀନରେ '5T' ଉପକ୍ରମରେ ରୂପାନ୍ତରିତ ହେବ ରାଜ୍ୟର ୧୪୯ଟି ହସ୍ପିଟାଲ । ସମ୍ପୃକ୍ତ ଅଞ୍ଚଳବାସୀ ପାଇବେ ଅଧିକ ଉନ୍ନତ ସ୍ୱାସ୍ଥ୍ୟ ସେବା ।
- ଗତ ୬ ବର୍ଷ ମଧ୍ୟରେ ପ୍ରତିଷ୍ଠା ହୋଇଛି ୮ଟି ନୂଆ ମେଡ଼ିକାଲ କଲେଜ । ଆସନ୍ତା ୩ ବର୍ଷରେ ପ୍ରତିଷ୍ଠା ହେବ ୨୦ଟି ସୁପର ସ୍ପେସିଆଲିଟି ହସ୍ପିଟାଲ। ସ୍ୱାସ୍ଥ୍ୟସେବାରେ ଆସିଛି ଅତୁଳନୀୟ ପରିବର୍ତ୍ତନ ।
- '5T' ଉପକ୍ରମରେ ୩ଟି ପର୍ଯ୍ୟାୟରେ ରାଜ୍ୟର ୬୮୮୦ଟି ହାଇସ୍କୁଲ ରୂପାନ୍ତରଣ ହୋଇଥିବାବେଳେ ୪ର୍ଥ ପର୍ଯ୍ୟାୟରେ ଅବଶିଷ୍ଟ ବିଦ୍ୟାଳୟର ରୂପାନ୍ତରଣ ହେବ । ଶିକ୍ଷା ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବାକୁ ରାଜ୍ୟର ପ୍ରାଥମିକ ବିଦ୍ୟାଳୟ ଓ କଲେଜଗୁଡ଼ିକର ରୂପାନ୍ତରଣ ପ୍ରକ୍ରିୟା ଆରମ୍ଭ ହୋଇଛି ।
- ଗୁଣାତ୍ମକ ଶିକ୍ଷା ବଳରେ 'ଶିକ୍ଷିତ ଓଡ଼ିଶା : ସଶକ୍ତ ଓଡ଼ିଶା' ପାଇଁ ରାଜ୍ୟର ପ୍ରତି ବ୍ଲକରେ ପ୍ରତିଷ୍ଠା ହୋଇଛି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ।
- ଗ୍ରାମାଞ୍ଚଳ ଲୋକଙ୍କ ପକ୍କାଘର ପାଇଁ ମୋ ଘର ଯୋଜନାରେ ଅଳ୍ପ ସୁଧରେ ମିଳୁଛି ଋଣ ।
- ରାଜ୍ୟର ୧୦୦୦ରୁ ଉର୍ଦ୍ଧ୍ୱ ବସ୍ତି 'ବିଜୁ ଆଦର୍ଶ କଲୋନୀ'ରେ ରୂପାନ୍ତରିତ ହୋଇଛି । ଜାଗା ମିଶନରେ ୧ଲକ୍ଷ ୭୨ ହଜାରରୁ ଅଧିକ ବସ୍ତିବାସିନ୍ଦାଙ୍କୁ ମିଳିଛି ଜମି ଅଧିକାର ପ୍ରମାଣପତ୍ର ।
- 'ମୁକ୍ତା' ଯୋଜନାର ପ୍ରକଳ୍ପଗୁଡିକ ଦ୍ୱାରା ସହରାଞ୍ଚଳରେ ନାଗରିକ ସ୍ୱାଚ୍ଛନ୍ଦ୍ୟ ବ୍ୟବସ୍ଥିତ ହୋଇଛି । ଲୋକଙ୍କୁ ମିଳୁଛି ରୋଜଗାରର ସୁବିଧା ।
- ଚଳିତ ରବି ଫସଲ ପାଇଁ ୪୩.୮୮ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୬୮.୭୫ ହଜାର ଭୂମିହୀନ ଚାଷୀଙ୍କୁ ମିଳିଲା ୯୦୦ କୋଟି ଟଙ୍କାର କାଳିଆ ସହାୟତା ।
- ରାଜ୍ୟର ଚାଷୀଭାଇମାନଙ୍କୁ ବିନା/ସ୍ୱଳ୍ପ ସୁଧ କୃଷି ଋଣ ମିଳୁଛି ।
- ରାଜ୍ୟର ୩୦ଟି ଜିଲ୍ଲାର ୧୭୭ଟି ବ୍ଲକ୍‌କୁ ମିଲେଟ ମିଶନ ସମ୍ପ୍ରସାରିତ ହୋଇଛି ।
- ରାଜ୍ୟର ୪୩୭୩ଟି ବ୍ୟାଙ୍କ ନଥିବା ଗ୍ରାମପଞ୍ଚାୟତରେ ବ୍ୟାଙ୍କ ସେବା ସୁବିଧା । ଉପକୃତ ହେବେ ସ୍ୱୟଂ ସହାୟକ ଗୋଷ୍ଠୀ, ଚାଷୀ, ଛାତ୍ରଛାତ୍ରୀ ଓ ଅନ୍ୟ ବର୍ଗର ଲୋକ ।
- ଲକ୍ଷ୍ମୀ ଯୋଜନାରେ ପଞ୍ଚାୟତରୁ ରାଜଧାନୀକୁ ବସ୍ ସେବା ହେବ ସୁନିଶ୍ଚିତ । ଆର୍ଥିକ ଅଭିବୃଦ୍ଧି ଓ ଲୋକଙ୍କ ଗମନାଗମନକୁ ଦୃଷ୍ଟିରେ ରଖି ୧୦୦୦ରୁ ଅଧିକ ବସ୍ ନିୟୋଜିତ ହେବ ।
- ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ, ଏକାମ୍ର ପ୍ରକଳ୍ପ, ମା' ସମଲେଇ ପ୍ରକଳ୍ପ ସମେତ ରାଜ୍ୟର ପ୍ରମୁଖ ଧାର୍ମିକ ପୀଠର '5T' ଉପକ୍ରମରେ ରୂପାନ୍ତର ।
- 'ଆମ ଓଡ଼ିଶା, ନବୀନ ଓଡ଼ିଶା' ଓ 'ମେଟ୍ରୋ ରେଳ ପ୍ରକଳ୍ପ' ପରି ନୂତନ ପଦକ୍ଷେପ ପାଇଁ ସ୍ୱତନ୍ତ୍ର ବ୍ୟୟବରାଦ ।
- ଓଡ଼ିଆ ସଂସ୍କୃତି ଓ ପରମ୍ପରାର ସଂରକ୍ଷଣକୁ ଗୁରୁତ୍ୱ ଦେଇ ଗାଁଗୁଡ଼ିକରେ ଥିବା ଭାଗବତ ଟୁଙ୍ଗୀର କଳେବରରେ ପରିବର୍ତ୍ତନ ।
- ରାଜ୍ୟରେ ବିକାଶର ମାର୍ଗକୁ ଆହୁରି ପ୍ରଶସ୍ତ କରିବାକୁ ଚଳିତ ଆର୍ଥିକ ବର୍ଷରେ ୨୮ ହଜାର ୨୦୦ କୋଟି ଟଙ୍କାର ଅତିରିକ୍ତ ବଜେଟ୍ ।



LAXMI
କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି
MUKTA
ଆମ ବ୍ୟାଙ୍କ
ମିଶନ ଶକ୍ତି
ମୋ ଜଙ୍ଗଲ ଜମି

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର
OIPR: 15001/13/0149/2324



# ଭାରତୀୟ ଶିକ୍ଷାଦର୍ଶନ ଓ ମହାତ୍ମା ଗାନ୍ଧୀ

ଶ୍ରୀବତ୍ସ ନାୟକ

ଭାରତରେ ଯେଉଁ କେତେଜଣ ମହା ମନିଷୀମାନେ ଧରାବତରଣ କରିଛନ୍ତି ସେମାନଙ୍କ ମଧ୍ୟରୁ ମୋହନ ଦାସ୍ କରମଚାନ୍ଦ ଗାନ୍ଧୀ(ମହାତ୍ମା ଗାନ୍ଧୀ) ଅନ୍ୟତମ । ବିଶ୍ୱବିଖ୍ୟାତ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ ମହାତ୍ମା ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧା ସୁମନ ରେ କହିଥିଲେ, 'ଶହେରୁ ଉର୍ଦ୍ଧ୍ୱ ବର୍ଷ ବିତିଯିବ,ରକ୍ତ, ମାଂସର ଶରୀର ଧାରଣ କରି ଏମିତି ଜଣେ ମଣିଷ ଧରାପୃଷ୍ଠରେ ଜନ୍ମ ନେଇଥିଲେ ବୋଲି ଲୋକେ ସହଜରେ ବିଶ୍ୱାସ କରି ପାରିବେ ନାହିଁ' । ସେଦିନର କଥା ଆଜି ବାସ୍ତବତାର ରୂପ ନେଇସାରିଛି । ଏଥି ସହିତ ଗାନ୍ଧିଜୀ ଙ୍କ ଜନ୍ମ କୁ ୧୫୪ ବର୍ଷ ବିତି ଯାଇଥିଲେ ମଧ୍ୟ ଭାରତ ବର୍ଷରେ ଏମିତି ଜଣେ ଦିବ୍ୟଶକ୍ତି ସମ୍ପନ୍ନ ବ୍ୟକ୍ତି ବୋଧ ହୁଏ ଜନ୍ମ ନେଇନାହାନ୍ତି । ଏହା ବିଶ୍ୱାସ କରିବା ସମ୍ଭବ ହେଉ ନାହିଁ ଯେ ମହାତ୍ମା ଗାନ୍ଧୀ ଏଭଳି ଜଣେ ବ୍ୟକ୍ତି ଥିଲେ ଯିଏ ଏକ ଧାରାରେ ଜଣେ ଓକିଲ,ସାମ୍ବାଦିକ,ଲେଖକ, ଦାର୍ଶନିକ, ସତ୍ୟ ଅହିଂସାର ପୂଜାରୀ, ସଚ୍ଚା ଦେଶପ୍ରେମୀ,ଶାନ୍ତି-ପ୍ରେମୀ, ସ୍ୱାଧୀନତା ସଂଗ୍ରାମୀ, ସ୍ୱରାଜବାଦୀ, ସତ୍ୟାଗ୍ରହୀ, ଭାରତୀୟ ସ୍ୱାଧୀନତା ସଂଗ୍ରାମର ସୂତ୍ରଧାର, ଅହିଂସାର ପ୍ରତୀକ,ଜାତିର ଜନକ,ଲଙ୍ଗଳା ଫକୀର, ମହାନ ଆତ୍ମା ତଥା ଆମ ଜାତିର ଜନକ । ଜଣେ ବିରଳ ବ୍ୟକ୍ତି ଭାବେ ଯାହାଙ୍କର ଶିକ୍ଷା,ସ୍ୱାସ୍ଥ୍ୟ, ବ୍ରହ୍ମଚର୍ଯ୍ୟ,ସମାଜ ସଂସ୍କାର, ଧର୍ମ,କୃଷି,ପରିବେଶ ସୁରକ୍ଷା, ସ୍ୱାଧୀନତା, ପରିମଳ, ଶିଳ୍ପ,ଧର୍ମ,ଅସ୍ପୃଶ୍ୟତା, ସମାଜବାଦ,ସାମ୍ୟବାଦ,ସ୍ୱରାଜ,ଗଣତନ୍ତ୍ର ଉପରେ ନିଜସ୍ୱ ମତ ଓ ବିଚାରଧାରା ଥିଲା । କେବଳ ସେତିକି ନୁହେଁ ବରଂ ତାଙ୍କର ଗାନ୍ଧିବାଦୀ ଆଦର୍ଶ,ବିଦ୍ୟାଳୟ ସ୍ତରରେ ଅଧ୍ୟୟନ କରାଯାଏ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଏହା ଉପରେ ଗବେଷଣା କରାଯାଏ । ସେ କୌଣସି ନୂଆ ଦର୍ଶନ ଓ ନୂଆ ଧର୍ମର ସ୍ରଷ୍ଟା କିମ୍ବା ପ୍ରବର୍ତ୍ତକ ନୁହନ୍ତି ବରଂ ପୂର୍ବ ସିଦ୍ଧାନ୍ତ କୁ ଅନୁଭବ କରି, ନିଜେ କାର୍ଯ୍ୟରେ ଲଗାଇବା ସହ ଅନ୍ୟମାନଙ୍କୁ କାର୍ଯ୍ୟରେ ଲଗାଇବା ପାଇଁ ପରାମର୍ଶ ଦେଉଥିଲେ ।

ଗାନ୍ଧୀଙ୍କର ଜୀବନ ଦର୍ଶନ ସର୍ବଦା ଈଶ୍ୱର ବିଶ୍ୱାସ, ସତ୍ୟ, ଅହିଂସା, ସତ୍ୟାଗ୍ରହ, ଆଦର୍ଶ ସମାଜ,କର୍ମଯୋଗ,ଓ ନୈତିକତା ଉପରେ ଆଧାରିତ ଥିଲା । ଅହିଂସା କୁ ପରମ ଧର୍ମ ଓ ସତ୍ୟ କୁ ସେ ଈଶ୍ୱର ବୋଲି ବିବେଚନା କରୁଥିଲେ । ନିଜ ଜୀବନ ଦର୍ଶନରେ ମାନବ ସମାଜ ପ୍ରତି ନିଷ୍ଠାପର ପ୍ରେମ,ସ୍ନେହ ଓ ଶ୍ରଦ୍ଧା କରୁଥିଲେ । ସାରାଜୀବନ ଈଶ୍ୱର ବିଶ୍ୱାସୀ ଥିବା ଗାନ୍ଧିଜୀ ମାନବ ସେବାକୁ ମାଧବ ସେବା ବୋଲି ମନେ କରୁଥିଲେ ।ମାନବ ମାନଙ୍କ ଦେହରେ ଈଶ୍ୱରଙ୍କ ସତ୍ତା ଥିବା ଉପଲବ୍ଧି କରି ସାରା ଜୀବନ ସେ ନିଜକୁ ମାନବ ସେବାରେ ନିୟୋଜିତ ରଖିଥିଲେ । କେବଳ ସେତିକି ନୁହେଁ ନିଜେ ସତ୍ୟର ସେବକ ଭାବେ ବିଭିନ୍ନ ସତ୍ୟାଗ୍ରହର ପ୍ରବର୍ତ୍ତକ ଭାବେ ସର୍ବଦା ବ୍ରତୀ । ତାଙ୍କ ମତରେ ସତ୍ୟ ହିଁ ଈଶ୍ୱର । ସୁସ୍ଥ ଓ ନିରାମୟ ଜୀବନ ଯାପନ କରିବା ପାଇଁ ସତ୍ୟ ହିଁ ସର୍ବୋତ୍କୃଷ୍ଟ ପନ୍ଥା । ସତ୍ୟ ଚିରନ୍ତନ ଓ ଚିରସ୍ଥାୟୀ । ସତ୍ୟର କେବେ ପରାଜୟ ହୁଏ ନାହିଁ । ଶତ୍ରୁକୁ ପରାଜିତ କରିବା ପାଇଁ ମୁଖ୍ୟ ଅସ୍ତ୍ର ହେଉଛି ସତ୍ୟ । ସତ୍ୟ ଉପରେ ତାଙ୍କର ଅଗାଧ ବିଶ୍ୱାସ ଯୋଗୁଁ ସେ ତାଙ୍କ ଜୀବନରେ ସତ୍ୟକୁ ଧର୍ମ ଭାବେ ଅନୁସରଣ କରୁଥିଲେ । ସତ୍ୟକୁ ପାଇବାକୁ ହେଲେ ଅହିଂସା ହେଉଛି ଏକମାତ୍ର ରାସ୍ତା । ଅହିଂସା ର ଅର୍ଥ ନୁହେଁ ହିଂସାର ଅନୁପସ୍ଥିତ ବରଂ ପ୍ରେମ ଓ ଶ୍ରଦ୍ଧା ଭାବ ଦ୍ୱାରା ଜଣେ ବ୍ୟକ୍ତି ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବ ।ତାଙ୍କର ସ୍ୱ - ରଚିତ ପୁସ୍ତକ 'ଏକ୍ସପେରିମେଣ୍ଟ୍ ୱିଥ ଟ୍ରୁଥ୍' ରେ ତାଙ୍କ ଜୀବନ ଓ ଆଦର୍ଶ ବିଷୟରେ ଅନେକ କିଛି ସୂଚନା ମିଳେ । ସାରା ଜୀବନ ସତ୍ୟ ଓ ଅହିଂସା ର ପୂଜାରୀ ଭାବେ ଜୀବନ ଯାପନ କରୁଥିବା ଗାନ୍ଧିଜୀ ଙ୍କ ଜୀବନ ଦର୍ଶନ ଏକ ଆଦର୍ଶ । ତାଙ୍କ ମତରେ ଯଦି ଜୀବନର ଏକତା ସତ୍ୟ ହୁଏ ତେବେ ଅନ୍ୟ କାହା ଉପରେ ହିଂସା କରିବା ନାହିଁ । ଅନ୍ୟ କାହା ଉପରେ ହିଂସା କରିବାର ଅର୍ଥ ହେଉଛି ନିଜ ଉପରେ ହିଂସା କରିବା ସହ ସମାନ । ନିଜ ଉପରେ ହିଂସା କରିବାର ଅର୍ଥ ହେଉଛି ଆତ୍ମ ବିନାଶକାରୀ । ଇତିହାସ ସାକ୍ଷୀ ଅଛି ଯେ ହିଂସାତ୍ମକ କାର୍ଯ୍ୟର ଫଳାଫଳ ଯୋଗୁଁ ବିଶ୍ୱ ବିବାଦ,ବିଶ୍ୱ ଅଶାନ୍ତ ସୃଷ୍ଟି ହୋଇଥିଲା । ପ୍ରଥମ ବିଶ୍ୱଯୁଦ୍ଧ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ର ଭୟାବହତା କୁ ଅନୁଭବ କରି ଜାତିସଂଘର ହସ୍ତକ୍ଷେପ ଫଳରେ ବିଶ୍ୱ ଶାନ୍ତିକାମୀ ହେଲା । ସେହିଭଳି କ୍ରୋଧ ଓ ହିଂସାର ବଶବର୍ତ୍ତୀ ହୋଇ ମଗଧର କ୍ରୁର ନରପତି ଚଣ୍ଡାଶୋକ, ଅଶୋକ କଳିଙ୍ଗକୁ ଛାରଖାର କରିଥିଲେ କିନ୍ତୁ ପରବର୍ତ୍ତୀ ସମୟରେ ଅହିଂସା କୁ ଜୀବନର ମୂଳମନ୍ତ୍ର ବୋଲି ଧରିନେଇ ଚଣ୍ଡାଶୋକ ଧର୍ମାଶୋକ ରେ ପରିଣତ ହେଲେ । ଯଦି ହିଂସା, ଅହିଂସା ଠାରୁ ଅଧିକ ଶକ୍ତିଶାଳୀ ହୋଇଥାନ୍ତା , ତେବେ ବିଶ୍ୱ ବର୍ତ୍ତମାନ ସୁଦ୍ଧା ପରିତ୍ୟକ୍ତ ଅବସ୍ଥାରେ ଥାଆନ୍ତା । ସତ୍ୟ ଓ ଅହିଂସା କୁ ଜୀବନର ସବୁକିଛି ବୋଲି ବିବେଚନା କରୁଥିଲେ ଗାନ୍ଧିଜୀ । ତାଙ୍କର ଏହି ଆଦର୍ଶବାଦ ନୀତି କୁ ମାର୍ଟିନ ଲୁଥାର ଏକ ସଶକ୍ତ ହତିଆର ଭାବେ ଗ୍ରହଣ କରି ସମାଜର ଅତ୍ୟାଚାରିତ ବର୍ଗ ଓ ଅଶ୍ୱେତ ମାନଙ୍କର ଅଧିକାର ନିମନ୍ତେ ଲଢ଼େଇ କରିଥିଲେ । ତାଙ୍କର ଜୀବନ ଦର୍ଷ ନେଲସନ ମାଣ୍ଡେଲା, ବାରାକ୍ ଓବାମା, ବିନୋବା ଭାବେ, ଜୟପ୍ରକାଶ ନାରାୟଣ ଙ୍କ ଭଳି ଅନେକ ବିଶିଷ୍ଟ ବ୍ୟକ୍ତି ଙ୍କୁ ପ୍ରେରଣା ଦେଇଛି । ତାଙ୍କ କହିବାନୁସାରେ, ଅହିଂସା ଅର୍ଥ ମନ୍ଦକାର୍ଯ୍ୟକାରୀଙ୍କ ଇଚ୍ଛାରେ ନମ୍ର ଭାବରେ ସମର୍ପଣ କରିବା ନୁହେଁ । ଏହା ହେଉଛି ଆତ୍ମା ଶକ୍ତି ବା ସତ୍ୟ ଶକ୍ତି । ତାଙ୍କ ସତ୍ୟଗ୍ରାହର ଉଦ୍ଦେଶ୍ୟ ହେଉଛି ଅନ୍ୟାୟ ବିରୁଦ୍ଧରେ ଲଢିବା । ଜୀବନର ଏପରି ଦର୍ଶନ ତାଙ୍କୁ ତାଙ୍କର ଶିକ୍ଷା ଦର୍ଶନ ବିକାଶରେ ସାହାଯ୍ୟ କଲା ଯାହା ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ପାଇଁ ପ୍ରକୃତ ପ୍ରେରଣା ଉତ୍ସ ହୋଇଛି । ତାଙ୍କର ଜୀବନ ଦର୍ଶନ ଓ ଆଦର୍ଶ ଭାରତୀୟ ଦର୍ଶନ ଓ ଚିନ୍ତନ ଉପରେ ପର୍ଯ୍ୟବେଷ୍ଟିତ ଥିଲା ।

ଗାନ୍ଧିଜୀ ଜଣେ ଏକାଡେମିକ୍ ଦାର୍ଶନିକ ନଥିଲେ କିନ୍ତୁ ନିଜ ଅନୁଭୂତି ଆଧାରରେ ସେ ସେହି ଦାର୍ଶନିକ ମାନଙ୍କ ମଧ୍ୟରୁ ଜଣେ ଥିଲେ ଯିଏ ଆତ୍ମବଳିଦାନ ଉପରେ ବିଶ୍ୱାସ କରୁଥିଲେ ।ତାଙ୍କ ଶିକ୍ଷା ଦର୍ଶନ ତାଙ୍କ ଜୀବନର ପ୍ରତିଫଳନ ମାତ୍ର ।ତାଙ୍କ ଜୀବନ ଦର୍ଶନ ଆଦର୍ଶ ନୀତି ଉପରେ ଆଧାରିତ ହୋଇଥିବାରୁ ତାଙ୍କ ଶିକ୍ଷା ଦର୍ଶନରେ ଆଦର୍ଶବାଦ ନୀତି ର ସ୍ପଷ୍ଟ ସୂଚନା ମିଳିଥାଏ । ତାଙ୍କ ଶିକ୍ଷାଦର୍ଶନ ର ଲକ୍ଷ୍ୟ ଅନ୍ୟ ସମସ୍ତ ଦାର୍ଶନିକ ମାନଙ୍କ ଠାରୁ ସ୍ୱତନ୍ତ୍ର ଥିଲା । ଦୀର୍ଘ ବର୍ଷର ସାଧନା, ଅଭିଜ୍ଞତା, ଅଶେଷ ଅନୁଭୂତି ମାଧ୍ୟମରେ ଶିକ୍ଷା କ୍ଷେତ୍ରରେ ଏକ ଅପୂର୍ବ ଅଭିନବ ଚିନ୍ତାଧାରା ଓ ନୂତନ ଦିଗଦର୍ଶନ ଆଣିବା ପୂର୍ବକ ଏକ ଝଲକ ସୃଷ୍ଟି କରିଥିଲେ । ଉପଯୁକ୍ତ ଶିକ୍ଷା ମାଧ୍ୟମରେ ଦେଶର ସର୍ବବିଧ କଲ୍ୟାଣ ସାଧିତ ହେବ ବୋଲି ହୃଦୟଙ୍ଗମ କରିଥିଲେ । ଜଣେ ଶିକ୍ଷା ସଂସ୍କାରକ ଭାବେ ସାମ୍ପ୍ରତିକ ପରିସ୍ଥିତି କୁ ଲକ୍ଷ୍ୟ କରି ନାରୀଶିକ୍ଷା, ଧର୍ମ ସମ୍ବନ୍ଧୀୟ ଶିକ୍ଷା,ଧନ୍ଦାମୂଳକ ଶିକ୍ଷା, ମୌଳିକ ଶିକ୍ଷା, ଯୌନଶିକ୍ଷା, ବିଶ୍ୱବିଦ୍ୟାଳୟ ଶିକ୍ଷା, ପ୍ରୌଢ଼ଶିକ୍ଷା, ଧର୍ମନୈତିକ ଶିକ୍ଷା, ଆତ୍ମନିର୍ଭରଶୀଳ ଶିକ୍ଷା ଉପରେ ନିଜର ସୁଲଭ ଦାର୍ଶନିକ ଚିନ୍ତାଧାରା ସର୍ବଜନବିଦିତ । ତାଙ୍କର ଶିକ୍ଷାର ଦର୍ଶନ ହେଉଛି ଆଦର୍ଶବାଦ, ପ୍ରାକୃତିକତା ଏବଂ ପ୍ରଗତିବାଦର ଏକ ସମନ୍ୱିତ ମିଶ୍ରଣ । ଆଦର୍ଶବାଦ ଗାନ୍ଧିଜୀଙ୍କ ଦର୍ଶନର ଆଧାର ହୋଇଥିବାବେଳେ ପ୍ରାକୃତିକତା ଏବଂ ପ୍ରଗତିବାଦ ସେହି ଦର୍ଶନକୁ ଅଭ୍ୟାସରେ ଅନୁବାଦ କରିବାରେ ସାହାଯ୍ୟ କରେ । ସେ ଆତ୍ମ-ବାସ୍ତବତାର ଚରମ ସତ୍ୟ ହାସଲ କରିବାକୁ ସତ୍ୟ, ଅହିଂସା ଏବଂ ନୈତିକ ମୂଲ୍ୟବୋଧର ଆଦର୍ଶକୁ ପ୍ରୋତ୍ସାହିତ କରିଥିଲେ । ତାଙ୍କର ଜୀବନର ଦର୍ଶନରେ ଚାରୋଟି ଉପାଦାନ ଥିଲା - (୧) ସତ୍ୟ, (୨) ଅହିଂସା (୩) ନିର୍ଭୀକତା ଏବଂ (୪) ସତ୍ୟଗ୍ରାହ । ତାଙ୍କ ଦର୍ଶନରେ ବ୍ୟକ୍ତିଗତ ଏବଂ ଜାତୀୟ ସ୍ୱାଧୀନତା ପ୍ରତି ତାଙ୍କର ପ୍ରେମ ବହୁତ ସ୍ପଷ୍ଟ ପ୍ରବୃତ୍ତି ଥିଲା । ପରିବାର, ବିବାହ, ଧର୍ମ, ଆଇନ ଏବଂ ରାଜନୀତି ପରି ଶିକ୍ଷା ହେଉଛି ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯାହାକି ସାମାଜିକ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ତଥା ବିକାଶରେ ପ୍ରମୁଖ ଭୂମିକା ଗ୍ରହନ କରିଥାଏ । ତାଙ୍କର ଶିକ୍ଷାର ଦର୍ଶନ ହେଉଛି ଆଦର୍ଶବାଦ, ପ୍ରାକୃତିକତା ଏବଂ ପ୍ରଗତିବାଦର ଏକ ସମନ୍ୱିତ ମିଶ୍ରଣ । ଆଦର୍ଶବାଦ ଗାନ୍ଧିଜୀଙ୍କ ଦର୍ଶନର ଆଧାର ହୋଇଥିବାବେଳେ ପ୍ରାକୃତିକତା ଏବଂ ପ୍ରଗତିବାଦ ସେହି ଦର୍ଶନକୁ ଅଭ୍ୟାସରେ ଅନୁବାଦ କରିବାରେ ସାହାଯ୍ୟକାରୀ । ତେଣୁ ସେ ବ୍ୟବହାରିକ-ଆଦର୍ଶବାଦୀ ଭାବରେ ଜଣାଶୁଣା । ତାଙ୍କ ମତରେ, 'ଜୀବନ ପାଇଁ ଶିକ୍ଷା, ଜୀବନ ମାଧ୍ୟମରେ ଶିକ୍ଷା ଏବଂ ଜୀବନ ସାରା ହେଉଛି ଶିକ୍ଷା' । ଶିକ୍ଷା କ୍ଷେତ୍ରରେ ଗାନ୍ଧିଜୀଙ୍କ ଅବଦାନ ଅତୁଳନୀୟ ଯେ ସେ ବ୍ରିଟିଶ ଭାରତରେ ଏକ ସ୍ୱଦେଶୀ ଶିକ୍ଷା ଯୋଜନା ପ୍ରସ୍ତୁତ କରିବାକୁ ପ୍ରଥମ ପ୍ରୟାସ କରିଥିଲେ । ଭାରତରେ ବ୍ରିଟିଶ ଉପନିବେଶ ଶାସନର ଆଗମନ ସହିତ ସାମ୍ରାଜ୍ୟ ଶିକ୍ଷାର ଏକ ବିଦେଶୀ ପ୍ରଣାଳୀ ପ୍ରଚଳନ କରାଯାଇଥିଲା ଯାହା ଭାରତର ଯୁଗଯୁଗ, ଅନନ୍ୟ ଏବଂ ସର୍ବବ୍ୟାପୀ ସାମଗ୍ରିକ ଶିକ୍ଷା ବ୍ୟବସ୍ଥାର ବିରୋଧ ଥିଲା । ଦୀର୍ଘ ସମୟ ମଧ୍ୟରେ ଏହା କେବଳ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଅପୂରଣୀୟ କ୍ଷତି ଘଟାଇ ନଥିଲା ବରଂ ବିଭିନ୍ନ ପ୍ରକାରର ପାର୍ଥକ୍ୟ, ଶ୍ରେଣୀ-ଚେତନା, ପାଶ୍ଚାତ୍ୟ ବସ୍ତୁବାଦୀ ଜୀବନ ଶୈଳୀ ଆଡ଼କୁ ଟାଣି ନେଇଥିଲା । ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ୧୯୩୭ ମସିହାରେ ସର୍ବ ଭାରତୀୟ ଶିକ୍ଷା ସମ୍ମିଳନୀ ରେ ଗାନ୍ଧିଜୀ ନିଜର ଶିକ୍ଷା ସମ୍ବନ୍ଧୀୟ ମୌଳିକ ଧାରଣା ମାନ ଉପସ୍ଥାପନା କରିଥିଲେ । ତାଙ୍କ ମତାନୁସାରେ ଶିକ୍ଷା ହେଉଛି ଏକ ବ୍ୟକ୍ତିର ଶରୀର, ମନ, ପ୍ରାଣର ଚତୁର୍ଦ୍ଦିଗ ତଥା ସର୍ବୋତ୍ତମ ବିକାଶଦ୍ୱାରା ଅନୁପ୍ରାଣିତ । ମାନବ ଜୀବନର ମୂଳଲକ୍ଷ୍ୟ ହେଉଛି ଶାରୀରିକ, ମାନସିକ, ଅର୍ଥନୈତିକ, ରାଜନୈତିକ ତଥା ଆଧ୍ୟାତ୍ମିକତା ରୁ ମୁକ୍ତି । ସାକ୍ଷରତା କୁ ସେ ଶିକ୍ଷା ଭାବରେ ଗ୍ରହଣ କରିନଥିଲେ । ତାଙ୍କ ଅନୁଯାୟୀ ସାକ୍ଷରତା ଶେଷ କିମ୍ବା ଆରମ୍ଭ ନୁହେଁ । ଏହା ଏକ ମାଧ୍ୟମ ଯାହା ଦ୍ୱାରା ମାନବ ଜାତି ଶିକ୍ଷିତ ହୁଏ । ମାନବ ଜାତି ଶରୀର,ମନ ଏବଂ ପ୍ରାଣର ସମଷ୍ଟି ଅଟନ୍ତି,ତେଣୁ ଶିକ୍ଷା ମାଧ୍ୟମରେ ଏହାର ପରିସ୍ଫୁଟନ ଘଟିଲେ ମାନବ ଜାତି ବିକଶିତ ହେବ । ସେଥିପାଇଁ ସେ ପ୍ରଥମେ ଶାରୀରିକ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ । ଶାରୀରିକ ବିକାଶ ପାଇଁ ଯେମିତି 'ମା' କ୍ଷୀର ଦରକାର ଅନୁରୂପ ଭାବେ ମାନସିକ ବିକାଶ ପାଇଁ ଶିକ୍ଷାର ମଧ୍ୟ ଆବଶ୍ୟକତା ରହିଛି । ସାମାଜିକ ବିକାଶ ପାଇଁ ମଣିଷଙ୍କୁ ଭଲ ପାଇବା, ଆଧ୍ୟାତ୍ମିକତା ର ବିକାଶ ପାଇଁ ମଣିଷର ସେବା କରିବା, ସାଂସ୍କୃତିକ ବିକାଶ ପାଇଁ ଶିକ୍ଷା ଦର୍ଶନରେ ସଂସ୍କୃତି କୁ ସାମିଲ କରିବା, ବୃତ୍ତିଗତ ଓ ଅର୍ଥନୈତିକ ବିକାଶ ନିମନ୍ତେ ଧନ୍ଦାମୂଳକ ଶିକ୍ଷା ଉପରେ ଗଭୀର ଭାବେ ମତବ୍ୟକ୍ତ କରିଥିଲେ । ମୌଳିକ ଶିକ୍ଷା ପାଇଁ ୬ ରୁ ୧୪ ବର୍ଷ ବୟସର ସମସ୍ତ ଶିଶୁ ମାନଙ୍କ ପାଇଁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା, ପାଠ୍ୟ ଖସଡ଼ା ରୁ ଇଂରାଜୀ ଭାଷାକୁ ଉଠାଇ ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ସପକ୍ଷରେ ମତବ୍ୟକ୍ତ କରି ନିଜର ମାତୃଭାଷା ପ୍ରତି ଥିବା ଅକୁଣ୍ଠ ଭଲ ପାଇବା ଦେଖାଇଥିଲେ । ଆତ୍ମନିର୍ଭରଶୀଳତା, ଆତ୍ମ-ପ୍ରତ୍ୟୟ,କୁଟିର ଶିଳ୍ପ କୈନ୍ଦ୍ରିକ ଶିକ୍ଷା,ଅହିଂସା ଭିତ୍ତିକ ଶିକ୍ଷା,ଆଦର୍ଶ ନାଗରିକତ୍ୱ ର ଶିକ୍ଷା ଥିଲା ତାଙ୍କ ମୌଳିକ ଶିକ୍ଷାର ବୈଶିଷ୍ଟ ।ଗାନ୍ଧିଜୀଙ୍କ ଶିକ୍ଷାଗତ ଚିନ୍ତାଧାରାରେ କେବଳ ସାକ୍ଷରତା କିମ୍ବା ବିଭିନ୍ନ ବିଷୟର ଜ୍ଞାନ ଅପେକ୍ଷା ଶିଶୁର ବ୍ୟକ୍ତିତ୍ୱର ବିକାଶ ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା । ଅନ୍ୟ ଅର୍ଥରେ, ସେ ଜୀବନ-କେନ୍ଦ୍ରିତ ତଥା ଶିଶୁ-କେନ୍ଦ୍ରିତ ଶିକ୍ଷା ଉପରେ ବିଶ୍ୱାସ କରୁଥିଲେ । ବିଦ୍ୟାଳୟରେ ତିନୋଟି 'ଆର' ର ପଠନ, ଲେଖା ଏବଂ ଆରିଥମେଟିକ୍ ବିଷୟରେ ଜାଣିବା ବ୍ୟତୀତ ସେ ହାତ, ହୃଦୟ ଏବଂ ମସ୍ତିଷ୍କର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ତେଣୁ, ଶିକ୍ଷାର ଲକ୍ଷ୍ୟ ଶିଶୁର ଏକୀକୃତ ବ୍ୟକ୍ତିତ୍ୱର ବିକାଶ ହେବା ଉଚିତ୍ । ଗାନ୍ଧୀଜୀ ଏହି ଧାରାରେ ସ୍ପଷ୍ଟତା ରଖିଥିଲେ ଯେ ଶିକ୍ଷାର ଏକ ମୌଳିକ ନୀତି ହେଉଛି କାର୍ଯ୍ୟ ଏବଂ ଜ୍ଞାନ କଦାପି ପୃଥକ ହେବା ଉଚିତ ନୁହେଁ । ଶ୍ରମରୁ ଶିକ୍ଷାର ପୃଥକତା ସାମାଜିକ ଅନ୍ୟାୟ ଘଟାଏ । ଗତିଶୀଳ ସମାଜରେ, ଶିକ୍ଷା ବ୍ୟକ୍ତିବିଶେଷଙ୍କୁ ପରିବର୍ତ୍ତିତ ଅବସ୍ଥା ସହିତ ଖାପ ଖୁଆଇବା ପାଇଁ ତଥା ସାମାଜିକ ପରିବର୍ତ୍ତନ କାର୍ଯ୍ୟରେ ଗଠନମୂଳକ ଅଂଶଗ୍ରହଣ ପାଇଁ ଆବଶ୍ୟକ କୌଶଳ ଶିଖାଇ ଥାଏ । ଏହା ଯୁବକମାନଙ୍କ ମଧ୍ୟରେ ନିରାଶା, ଉଦାସୀନତା, ଚିନ୍ତା ଏବଂ ଆତ୍ମହତ୍ୟା କରିବାର ସମସ୍ୟାର ସମାଧାନ କରିବାରେ ସହାୟକ ହୋଇପାରେ । ଶିକ୍ଷା ମାଧ୍ୟମରେ ଜଣେ ଶିଶୁ କିଛି ଶିଳ୍ପ କିମ୍ବା ବ୍ୟବସାୟ ଗ୍ରହଣ କରି ଭବିଷ୍ୟତର ଜୀବନର ଆବଶ୍ୟକତା ପୂରଣ କରିବା ପାଇଁ ଏକ ଉତ୍ପାଦନକାରୀ ଶିଳ୍ପ ଶିଖିବାକୁ ସମର୍ଥ ହେବା ଆବଶ୍ୟକ । ତେଣୁ, ସେ ଆତ୍ମନିର୍ଭରଶୀଳତା ଏବଂ ଶିକ୍ଷାର ମୂଳ ଲକ୍ଷ୍ୟ ଭାବରେ ନିଜର ରୋଜଗାର ପାଇଁ ଶିକ୍ଷାକୁ ପ୍ରୋତ୍ସାହିତ କରିଥିଲେ । ଏହି ଉଦ୍ଦେଶ୍ୟ ଦ୍ୱାରା ସେ ପିଲାଟିକୁ ଶ୍ରମିକ କରିବା ପାଇଁ ଚାହୁଁନଥିଲେ କିନ୍ତୁ ଇଚ୍ଛା କରିଥିଲେ ଯେ ପ୍ରତ୍ୟେକ ପିଲା ଶିକ୍ଷଣରେ ନିୟୋଜିତ ହେବାବେଳେ ରୋଜଗାର କରିବା ଉଚିତ୍ । ଧନ୍ଦାମୂଳକ ଶିକ୍ଷା ସହିତ ସାଂସ୍କୃତିକ ଅଗ୍ରଗତି ମଧ୍ୟ ହାସଲ କରାଯିବା ଉଚିତ ବୋଲି ସେ ମତ ଦେଇଛନ୍ତି । ଶିକ୍ଷାର ଏକ ପ୍ରମୁଖ ଉଦ୍ଦେଶ୍ୟ ହେଉଛି ନୈତିକ ବିକାଶ କିମ୍ବା ଚାରିତ୍ରିକ ବିକାଶ । ଗାନ୍ଧିଜୀ ଚାହାଁନ୍ତି ଯେ ପ୍ରତ୍ୟେକ ପିଲା ନିଜ ଭିତରେ ଈଶ୍ୱରୀୟତାକୁ ହୃଦୟଙ୍ଗମ କରି ଏକ ଈଶ୍ୱରୀୟ ମଣିଷରେ ପରିଣତ ହୁଅନ୍ତୁ । ତାଙ୍କ ମତରେ 'ଆତ୍ମର ବିକାଶ ହେଉଛି ଚରିତ୍ର ଗଠନ କରିବା ଏବଂ ଈଶ୍ୱରଙ୍କୁ ସମ୍ପୂର୍ଣ୍ଣ ହୃଦୟଙ୍ଗମ କରିବା । ସାମ୍ପ୍ରତିକ ସମୟରେ ଭାରତୀୟ ଶିକ୍ଷା ବ୍ୟବସ୍ଥା କାହିଁକି ବିଶ୍ୱର ଅନେକ ଦେଶର ଶିକ୍ଷା ବ୍ୟବସ୍ଥାରେ ଗାନ୍ଧିବାଦର ପ୍ରୟୋଗ ଦେଖିବା ପାଇଁ ମିଳୁଛି । ମୋହନ ରୁ ମହାତ୍ମା ପାଲଟିଥିବା ସେହି ବିଶିଷ୍ଟ ବ୍ୟକ୍ତିଙ୍କ ଦର୍ଶନ-ସୁଲଭ ଚିନ୍ତାଧାରା ସମଗ୍ର ବିଶ୍ୱବାସୀ ଙ୍କୁ ଆଲୋକିତ କରୁଥିବ ଏଥିରେ ସନ୍ଦେହ ନାହିଁ ।


+ଅଧ୍ୟାପକ,ବାଣିଜ୍ୟ ବିଭାଗ,
ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ,କଟକ
ମୋ: ୯୪୩୮୦୭୦୮୪୯


# ମୋହନ ଦାସ କରମ ଚାନ୍ଦ ଗାନ୍ଧୀ

ବିଷ୍ଣୁ ପ୍ରସାଦ ଦାସ



ପୃଥିବୀ ପୃଷ୍ଠରେ ମୋହନ ଦାସ କରମ ଚାନ୍ଦ ଗାନ୍ଧୀଙ୍କୁ ପ୍ରାୟ ଊଣା ଅଧିକେ ସମସ୍ତେ ଜାଣିଛନ୍ତି , ସ୍ୱାଧୀନ ଭାରତର ରାଷ୍ଟ୍ର ପିତା ମହାତ୍ମା ଗାନ୍ଧୀ ନିଜର ଏକ ବିରଳ ପରିଚୟ ଛାଡି ଯାଇଛନ୍ତି ଯାହାକି ତାଙ୍କୁ ଅମର କରିଦେଇଛି । ଅଖଣ୍ଡ ଭାରତ ଯେତେବେଳେ ବ୍ରିଟିଶ ଶାସକଙ୍କ ଅଧୀନରେ ଥିଲା ସେତେବେଳେ ଇଂରାଜୀ ଶାସକ ନିଜର କୁଶାସନ ଦ୍ୱାରା ଦେଶକୁ ଲୁଟିବା ସହିତ ନାଗରିକ ମାନଙ୍କୁ କ୍ରୀତଦାସ ପରି ଆଚରଣ କରୁଥିଲେ । ଯେଉଁମାନେ ନେତୃତ୍ୱ ନେଇ ସ୍ୱର ଉତ୍ତୋଳନ କରୁଥିଲେ ସେମାନଙ୍କୁ କାଳ କୋଠରୀ ଭିତରେ ସାରା ଜୀବନ ବିତାଇବାକୁ ପଡୁଥିଲା ବା ଅକାଳ ମୃତ୍ୟୁର ସାମ୍ନା କରିବାକୁ ପଡୁଥିଲା । ଏହାର ପ୍ରମୁଖ କାରଣ ଥିଲା ଯେ ଏହି ପ୍ରକାର ନେତୃତ୍ୱ ନେଉଥିବା ନେତା ମାନେ ସାରା ଭାରତର ବିଭିନ୍ନ ପ୍ରାନ୍ତରେ ଥିବା ନେତା ମାନଙ୍କ ସହିତ ଯୋଗା ଯୋଗ କରି ପାରୁ ନଥିଲେ ବା ସମନ୍ୱୟର ଘୋର ଅଭାବ ପରିଲକ୍ଷିତ ହେଉଥିଲା କହିଲେ ଚଳେ । ଅନ୍ୟାୟ କୁ ବିରୋଧ କରିବା ମନୁଷ୍ୟ କ'ଣ ସବୁ ଜୀବ ଜଗତର ସହଜାତ ପ୍ରବୃତି ଏହାକୁ ' ବଞ୍ଚିବା ପାଇଁ ସଂଗ୍ରାମ' କୁହାଯାଇ ପାରେ , ସବଳର ଦୁର୍ବଳ ଉପରେ ଅତ୍ୟାଚାର କିଛି ନୂଆ କଥା ନୁହେଁ ଏହା ଯୁଗ ଯୁଗରୁ ଚାଲି ଆସିଛି ଆଉ ଚାଲୁଥିବ ମଧ୍ୟ କେବଳ ଅତ୍ୟାଚାର ର ସଂଜ୍ଞା ହୁଏତ କିଛିଟା ପରିବର୍ତ୍ତନ ହୋଇପାରେ । ମହାତ୍ମା ଗାନ୍ଧୀଙ୍କ ପ୍ରଚେଷ୍ଟାରେ ଦେଶର ନେତୃବୃନ୍ଦ , ସ୍ୱାଧୀନତା ସଂଗ୍ରାମୀ ତଥା ଅତ୍ୟାଚାରର ଶିକାର ହେଉଥିବା ଦେଶବାସୀ ଙ୍କୁ ଯୋଡି ଏକ ହୋଇ ଅହିଂସା ମାର୍ଗରେ ବ୍ରିଟିଶ ଶାସକଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପ୍ରଥମ କାର୍ଯ୍ୟ ଥିଲା । ତେବେ ଅବିଭକ୍ତ ଭାରତ ତ' ଛୋଟ ଦେଶ ନ'ଥିଲା କି ସେତେବେଳେ ଗମନା ଗମନର ସୁବିଧା ନ'ଥିଲା ତେଣୁ ଏହି କାର୍ଯ୍ୟ ଖୁବ କଠିନ ଥିଲା କିନ୍ତୁ ଅସମ୍ଭବ ନ'ଥିଲା ।

ଭାରତୀୟ ଜାତୀୟ କଂଗ୍ରେସ ର ଜନ୍ମ ୨୮ ଡିସେମ୍ବର ୧୮୮୫ ମସିହାରେ ବମ୍ବେ ଠାରେ ହୋଇଥିଲା ଏଥିରେ ୭୨ ଜଣ ପ୍ରତିନିଧି ଥିଲେ ହ୍ୟୁମ ଏହାର ସାଧାରଣ ସମ୍ପାଦକ ଥିବା ବେଳେ କଲିକତାର ଉମେଶ ଚନ୍ଦ୍ର ବାନାର୍ଜୀ ସଭାପତି ଥିଲେ । ୧୮୬୯ ମସିହା ଅକ୍ଟୋବର ୨ ତାରିଖରେ ଜନ୍ମିତ ମୋହନଦାସ କରମଚାନ୍ଦ ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଫେରି ଗୋପାଳ କୃଷ୍ଣ ଗୋଖଲେଙ୍କ ଅନୁରୋଧ କ୍ରମେ ଭାରତୀୟ ଜାତୀୟ କଂଗ୍ରେସ ରେ ୧୯୧୫ ମସିହାରେ ଆନୁଷ୍ଠାନିକ ଭାବେ ଯୋଗଦେଇ ୩୦ ବର୍ଷର ପୁରୁଣା କଂଗ୍ରେସ ପାର୍ଟିକୁ ଏକ ନୂତନ ରୂପ ଦେଇଥିଲେ । ୧୯୨୪ ମସିହାରେ ବେଲଗାଓଁ ଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସର ବାର୍ଷିକ ଅଧିବେଶନରେ ସେ ସଭାପତି ଭାବେ ନିର୍ବାଚିତ ହୋଇଥିଲେ , ପରାଧୀନ ଭାରତକୁ କିପରି ସ୍ୱାଧୀନ କରାଯିବ ତାହା ହିଁ ତାଙ୍କର ମୂଳ ଲକ୍ଷ ଥିଲା ।

ତାଙ୍କ କାର୍ଯ୍ୟ ଶୈଳୀ ଅନେକଙ୍କୁ ଭଲ ଲାଗୁ ନ'ଥିଲା ତେବେବି ସେ ଅହିଂସା କୁ ପାଥେୟ କରି ଆଗେଇ ଚାଲିଥିଲେ । ଅନେକ ଘାତ ପ୍ରତିଘାତ ଉତ୍ଥାନ ପତନ ଦେଇ ବ୍ରିଟିଶ ସରକାରଙ୍କୁ ଗାଦିରୁ ହଟାଇ ସ୍ୱାଧୀନ ଭାରତର ସ୍ୱପ୍ନ ଦେଖୁଥିବା ମଣିଷଟି ହାରି ଯାଇ ନ'ଥିଲା । ଅସହ୍ୟ ଯନ୍ତ୍ରଣା , ଜେଲ ଜୀବନ , କିଛି ଦଳୀୟ କର୍ମକର୍ତ୍ତାଙ୍କ ବିରୋଧ ସତ୍ତ୍ୱେ ସେ ଦେଶକୁ ସ୍ୱାଧୀନ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ । ନୋବେଲ ପୁରସ୍କାର ପ୍ରାପ୍ତ କବି ଗୁରୁ ରବିନ୍ଦ୍ରନାଥ ଠାକୁର 'ମହାତ୍ମା' ଉପାଧି ଦେଇ ତାଙ୍କୁ ମୋହନ ଦାସ କରମ ଚାନ୍ଦ ଗାନ୍ଧୀ ରୁ ମହାତ୍ମା ଗାନ୍ଧୀ କରି ଦେଇଥିଲେ , ସେହିଦିନ ଠାରୁ ସେ ମହାତ୍ମା ଗାନ୍ଧୀ ଭାବେ ପରିଚିତ, ଅନେକେ ତାଙ୍କୁ ' ବାପୁ' ବୋଲି ସମ୍ବୋଧନ ମଧ୍ୟ କରନ୍ତି । ଇତିହାସ ତ' ଅନେକ କଥା ଲିପିବଦ୍ଧ କରି ରଖିଛି ଏବଂ ଏହିସବୁ ବିଷୟ ଅକ୍ଷେ ବହୁତେ ସମସ୍ତେ ଜାଣିଛନ୍ତି । ଧର୍ମ ନାମରେ ଅଖଣ୍ଡ ଭାରତରୁ ଅଲଗା ହୋଇ ୧୯୪୭ ମସିହା ଅଗଷ୍ଟ ୧୪ ତାରିଖରେ ପାକିସ୍ଥାନ ଦେଶ ଜନ୍ମ ନେଲା , ଯାହାକି ପଶ୍ଚିମରୁ ପଞ୍ଜାବ ପ୍ରଦେଶକୁ ବିଭକ୍ତ କରିଦେଲା ଏବଂ ପୂର୍ବ ପଟେ ବଙ୍ଗଳାର କିଛି ଅଂଶ ନେଇ ପୂର୍ବ ପାକିସ୍ତାନ ଦେଶ ହେଲା । ଦେଶ ବିଭାଜନ ଜନିତ ସାମ୍ପ୍ରଦାୟିକ ଦଙ୍ଗାରେ ହଜାର ହଜାର ହିନ୍ଦୁ , ମୁସଲମାନ ଧର୍ମାବଲମ୍ବୀ ପରସ୍ପରର ଶତ୍ରୁ ହୋଇ ଗଣହତ୍ୟାରେ ନିଜକୁ ସାମିଲ କରିଥିଲେ , ଲକ୍ଷ ଲକ୍ଷ ଲୋକ ଗୃହ ଶୂନ୍ୟ ହେବା ସହିତ ସ୍ଥାବର ଅସ୍ଥାବର ସଂପତ୍ତି ହରାଇ ଏପରିକି ନିଜର ଝିଅ, ବୋହୂଙ୍କ ଉପରେ ହେଉଥିବା ପାଶବିକ ନିର୍ଯାତନା ଆଖିବୁଜି ସହ୍ୟ କରୁଥିଲେ । ସ୍ୱାଧୀନତା ପରବର୍ତ୍ତୀ ହିଂସା ଏତେ ସାଙ୍ଘାତିକ ଥିଲା ଯାହାକୁ ବର୍ଣ୍ଣନା କରିବା କଷ୍ଟକର ବ୍ୟାପାର । ମହାତ୍ମା ଗାନ୍ଧୀ କ'ଣ ଏହି ସବୁ ପାଇଁ ଦାୟୀ ? ମହାତ୍ମା ଗାନ୍ଧୀ କ'ଣ ଦେଶ ବିଭାଜନ ଚାହୁଁଥିଲେ ? ତେବେ ନିଜ ସ୍ୱାର୍ଥ ପାଇଁ ମହମ୍ମଦ ଜିନ୍ନା ଏବଂ ପଣ୍ଡିତ ନେହେରୁଙ୍କ ଭିତରେ ଲର୍ଡ଼ ମାଉଣ୍ଟ ବ୍ୟାଟେନ୍ ବିଷ ମଞ୍ଜି ବୁଣି ଦେଇଥିଲେ ତେଣୁ ଦୁହେଁ ଦୁଇଟି ସ୍ୱାଧୀନ ରାଷ୍ଟ୍ରର ପ୍ରଧାନ ମନ୍ତ୍ରୀ / ରାଷ୍ଟ୍ର ମୁଖ୍ୟ ହୋଇ ରହିବାକୁ ପସନ୍ଦ କଲେ ତେଣିକି ସାଧାରଣ ଜନତା ଯାହା କଷ୍ଟ /ନିର୍ଯାତନା ଭୋଗିବା କଥା ଭୋଗନ୍ତୁ ।

ଅହିଂସା ଦ୍ୱାରା ଭାରତ ସ୍ୱାଧୀନ ହେଲା ଏଥିପାଇଁ ମହାତ୍ମା ଗାନ୍ଧୀଙ୍କ ଅବଦାନ ତଥା ସ୍ୱାଧୀନତା ସଂଗ୍ରାମୀ ଅନୁଗାମୀ ଗଣ, ଦେଶ ବାସି ଙ୍କ ଋଣ ଭୂଲି ହେବେ ନାହିଁ । ନିଜ ସ୍ୱାର୍ଥ ପାଇଁ ଇତିହାସକୁ ନିଜକୁ ସୁହାଇଲା ପରି ଅନେକ ଜାଗାରେ ଉଲ୍ଲେଖ କରା ଯାଇଅଛି ଯେଉଁଥିରେ କି ମହାତ୍ମା ଗାନ୍ଧୀଙ୍କୁ ଦୋଷ ଦେବା ପରି ମନେହୁଏ । ଯେଉଁ ମହାତ୍ମା ଅହିଂସା ପାଇଁ ସାରା ପୃଥିବୀରେ ପରିଚିତ ସେହି ମହାତ୍ମା ଙ୍କୁ ନେଇ ଆଜିର ଯୁବ ସମାଜ ମନରେ ଅନେକ ପ୍ରଶ୍ନ ଏହାର ଉତ୍ତର କିଏ ଦେବ ? ଦେଶ ସ୍ୱାଧୀନ ହେବା ପରେ ୧୯୪୮ ମସିହା ଜାନୁଆରୀ ମାସ ୩୦ ତାରିଖ ଦିନ ମହାତ୍ମା ଗାନ୍ଧୀଙ୍କୁ ଆତତାୟୀ ନାଥୁରମ ଗଡସ୍ସେ ହତ୍ୟା କରିବାର କାରଣ କଣ ଥିଲା ? ଏହା ପଛରେ କ'ଣ କୌଣସି ପ୍ରକାର କୂଟନୈତିକ ଚାଲ ଜଡିତ ଥିଲା ନା' ମହାତ୍ମାଗାନ୍ଧୀ ଜୀବିତ ରହିଲେ ସେତେବେଳର ଅନେକ ବିରୋଧୀଂକର ସ୍ୱାର୍ଥରେ ଆଞ୍ଚ ଆସିବ ବୋଲି ଭୟରେ ନାଥୁରମ ଗଡସ୍ସେଙ୍କ ଦ୍ୱାରା ହତ୍ୟା କରାଗଲା ? ମହାତ୍ମା ଗାନ୍ଧୀ ଜାତିର ପିତା ବା ଜାତିର ଜନକ ଏହି ଉପାଧି ଛଡା ତାଙ୍କ ପ୍ରତି ଦେଶବାସୀ ଙ୍କର ଆଉ କ'ଣ କିଛି ସମ୍ମାନ ନାହିଁ ? ତାଙ୍କ ନାମରେ ଚାଲୁଥିବା ରାଜନୈତିକ ଦଳ ପ୍ରକୃତ ଗାନ୍ଧୀଙ୍କୁ ଭୁଲିଯାଇ ଛାୟା ଗାନ୍ଧୀଙ୍କ ପାଇଁ ଆଜି ପାଗଳ , ଗାନ୍ଧୀଙ୍କ ଆଦର୍ଶ, ନୀତି, ଅହିଂସା, ସବୁ ଚୁଲୀକୁ ଯାଇଛି ସ୍ୱାର୍ଥ, ହିଂସା , ଦୁର୍ନୀତି ରେ ବୁଡି ଆଜି ଦେଶର ଶାସନ କର୍ତ୍ତା , ବାବୁ, ସରକାରୀ, ବେସରକାରୀ ସଂସ୍ଥାର କର୍ମକର୍ତ୍ତା ଗଣ ନିଜ ଅଫିସରେ/ ଘରେ ଗାନ୍ଧୀଙ୍କ ଫଟୋ ଟାଙ୍ଗି ତାଙ୍କ ସମ୍ମୁଖରେ ଯେତେ ପ୍ରକାର ଅନ୍ୟାୟ ଦୁର୍ନୀତି ରେ ଲିପ୍ତ ରହୁଛନ୍ତି । ଗାନ୍ଧୀଙ୍କ ଚିତ୍ର ଥିବା ଭାରତୀୟ କାଗଜ ମୁଦ୍ରା ଆଜି ସମସ୍ତଙ୍କର ଦରକାର କିନ୍ତୁ ଗାନ୍ଧୀ ଧୀରେ ଧୀରେ ହଜି ଯାଉଛନ୍ତି ଆମ ସମାଜରୁ । ଆମେ ସ୍ୱାର୍ଥପର, କାପୁରୁଷ କେବଳ ଗାନ୍ଧୀ ଜୟନ୍ତୀ ଅକ୍ଟୋବର ୨ ତାରିଖ ଏବଂ ତାଙ୍କ ତିରୋଧାନ ଦିବସ ଜାନୁଆରୀ ୩୦ ତାରିଖକୁ ଲୋକ ଦେଖାଣିଆ ଭାବେ କିଛି ଗେଣ୍ଡୁ ଫୁଲ ହାର ଆଣି ତାଙ୍କ ମୂର୍ତ୍ତି ରେ ଦେଇଥାଉ ଏବଂ ଏହି ସବୁ ଟିଭି , ଖବର କାଗଜରେ ଛପାଇବାକୁ ମଧ୍ୟ ଅର୍ଥ ବ୍ୟୟ ହୋଇଥାଏ । ଦେଶର ନେତା ମାନେ ଯଦି ଚେଇଁବେ ତେବେ ମହାତ୍ମା ଗାନ୍ଧୀ ମଧ୍ୟ ଆମ ଦେଶର ଯୁବ ପିଢିଙ୍କ ପାଖରେ ସମ୍ମାନିତ ହେବେ, ଅନ୍ୟଥା ଆଗାମୀ ପିଢ଼ି 'ମହାତ୍ମା ଗାନ୍ଧୀ' କିଏ ବୋଲି ଆମକୁ ହୁଏତ ପ୍ରଶ୍ନ ପଚାରିବାକୁ କୁଣ୍ଠା ବୋଧ କରିବେ ନାହିଁ । ଆଜିର ଯୁବପିଢ଼ି କୁହନ୍ତୁ ବା କିଛି ଅସହିଷ୍ଣୁ ଗୋଷ୍ଠୀ କୁହନ୍ତୁ ମହାତ୍ମା ଗାନ୍ଧୀଙ୍କୁ ଦୋଷ ଦେବାରେ କୌଣସି କାର୍ପଣ୍ୟତା କରୁନାହାନ୍ତି , ଗାନ୍ଧୀଙ୍କୁ ଭଲଭାବେ ଜାଣନ୍ତୁ, ତାଙ୍କ ଚିନ୍ତାଧାରା, ତାଙ୍କ ଅହିଂସା ମାର୍ଗ , ତାଙ୍କ ସହନଶୀଳତା, ତାଙ୍କ ତ୍ୟାଗ , ତାଙ୍କ ଦେଶ ପ୍ରେମ କୁ ପୁଙ୍ଖାନୁପୁଙ୍ଖ ତର୍ଜମା କରନ୍ତୁ ତା'ପରେ ଯଦି କୌଣସି ନକାରାତ୍ମକ ସିଦ୍ଧାନ୍ତ ରେ ଉପନୀତ ହେଉଛନ୍ତି ତେବେ କୁହନ୍ତୁ । କିଛି ନ'ଜାଣି ଅବାନ୍ତର ଯୁକ୍ତି ର ମୂଲ୍ୟ ଆତ୍ମବଡ଼ିମା ଛଡା ଆଉ କିଛି ନୁହେଁ ।

ମହାତ୍ମା ଗାନ୍ଧୀଙ୍କ ଅହିଂସା ନୀତି ଆଜି ସାରା ପୃଥିବୀରେ ପ୍ରସଂଶିତ ତେବେ ଭାରତୀୟ ହୋଇ ଏହାକୁ ନେଇ ଗର୍ବ କରିବା ସହିତ ତାଙ୍କ ନୀତି ବାଣୀକୁ ଆପଣେଇ ବାରେ ଅସୁବିଧା ରହୁଛି କେଉଁଠି ? ହଁ , ହୁଏତ ଅସୁବିଧା ଥାଇପାରେ ନ'ହେଲେ କୋଟି କୋଟି ଟଙ୍କା ଭାରତରୁ ଯାଇ ବେନାମୀ ଆକାଉଣ୍ଟ ରେ ସୁଇସ ବ୍ୟାଙ୍କରେ ରହି ନ'ଥାନ୍ତା ବା ଦେଶରେ ଏତେ ଘୋଟାଲା ହେଉ ନଥାନ୍ତା । ଜାତୀୟ ପତାକା ଠାରୁ ଉଚ୍ଚ ରେ ଦଳୀୟ ପତାକା ଉଡୁ ନ' ଥାନ୍ତା । ଗାନ୍ଧୀ ସ୍ମାରକୀ ଭଙ୍ଗା ଯାଉ ନଥାନ୍ତା । ଏବେବି ସମୟ ଅଛି , ଆମେ ଗାନ୍ଧୀଙ୍କୁ ନିଜ ଆଦର୍ଶ ଭାବିବା ସହିତ ତାଙ୍କ ଅହିଂସା ପଥରେ ଯାଇ ଦୁର୍ନୀତିର ମୂଳୋତ୍ପାଟନ କରି ଦେଶକୁ ସୁବର୍ଣ୍ଣ ଭାରତରେ ପରିଣତ କରିବା ଏବଂ ଆଗାମୀ ପିଢିଙ୍କୁ ମଧ୍ୟ ସଚେତନ କରାଇବା , ଏହାହିଁ ମହାତ୍ମା ଗାନ୍ଧୀଙ୍କ ଜନ୍ମ ଦିନରେ ତାଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି / ସମ୍ମାନ ହେବ ।


ବରିଷ୍ଠ ନାଗରିକ
ଝାଞ୍ଜିରି ମଙ୍ଗଳା, କଟକ
ମୋ: ୯୯୩୭୧୭୪୦୯୭

# ନାରୀ ମୁକ୍ତି ଚେତନାର ସୂତ୍ରଧର ଗାନ୍ଧିଜୀ


ଡକ୍ଟର ଲକ୍ଷ୍ମଣ ସାହୁ


ଆଜିକାଲି ମହିଳା ମୁକ୍ତି ପ୍ରସଙ୍ଗରେ ବ୍ୟାପକ ଆଲୋଚନା ହେଉଛି । କିନ୍ତୁ ଏହା ପୂର୍ବରୁ ସେପରି ନଥିଲା । ଉନବିଂଶ ଶତାବ୍ଦୀ ସୁଦ୍ଧା ହିନ୍ଦୁ ଓ ମୁସଲମାନ ମହିଳା , ଉଭୟ ଉଚ୍ଚ ବର୍ଗ ଓ ସାଧାରଣ ମହିଳାଙ୍କ ପାଇଁ ପରଦା ପ୍ରଥା ସର୍ବଭାରତୀୟ ସ୍ତରରେ ସାର୍ବଜନୀନ ହୋଇଥିଲା । ସେତେବେଳେ ଶିକ୍ଷା ହାର କମ୍ ଥିଲା । ତେଣୁ ରାଜନୀତିରେ ମହିଳାଙ୍କ ଅଂଶଗ୍ରହଣ ଅଧିକ ନଥିଲା । ୧୯୧୭ ପର୍ଯ୍ୟନ୍ତ କଂଗ୍ରେସ ସିଧାସଳଖ ମହିଳାଙ୍କ ପ୍ରସଙ୍ଗ ଉଠାଇ ନଥିଲା । ଭାରତୀୟ ରାଜନୀତିରେ ଗାନ୍ଧିଜୀଙ୍କ ଆବିର୍ଭାବ ମହିଳା ମୁକ୍ତି ପାଇଁ ଏକ ନୂତନ ଦିଗ ଦେଖାଇଥିଲା , ଯାହା ଦେଶର ଜାତୀୟତାବାଦୀ ଆନ୍ଦୋଳନକୁ ଦୃଢ ଓ ଶକ୍ତିଶାଳୀ କରିଥିଲା ।

ବିଶେଷକରି ଜାତୀୟତାବାଦୀ ରାଜନୀତିରେ ମହିଳାମାନଙ୍କୁ ଉଚ୍ଚ ସ୍ଥାନକୁ ନେବା ପାଇଁ ଗାନ୍ଧିଜୀ ସତ୍ୟଗ୍ରହ ଦର୍ଶନକୁ ସାମ୍ରାଜ୍ୟବାଦୀ ବିରୋଧୀ ସଂଗ୍ରାମରେ ପରିଚିତ କରାଇଥିଲେ । କାରଣ ତାଙ୍କ ପାଇଁ ମହିଳାମାନେ ଆତ୍ମ-ବଳିଦାନ ଓ ନିଷ୍କ୍ରିୟ ପ୍ରତିରୋଧର ପ୍ରତୀକ ଥିଲେ । ସେ ଲେଖିଛନ୍ତି- ' ଏହି ଦେଶର ସ୍ୱରାଜ ସଂଗ୍ରାମରେ ଭାରତର ପୁରୁଷମାନଙ୍କ ପରି ମହିଳାମାନେ ସମାନ ଅଂଶୀଦାର ଅଟନ୍ତି । ବୋଧହୁଏ ଏହି ଦଣ୍ଡନୀୟ ସଂଘର୍ଷରେ ମହିଳାମାନେ ପୁରୁଷମାନଙ୍କୁ ବହୁ ପଛରେ ଛାଡି ପାରିବେ ।' ଆମେ ସମସ୍ତେ ଜାଣୁ ଯେ ଧାର୍ମିକ ଆବେଦନ ପ୍ରଶ୍ନର ଯେକୌଣସି ସମୟରେ ପୁରୁଷଙ୍କ ଅପେକ୍ଷା ମହିଳାମାନେ ଏକ ଭଲ ଆସନ ଦଖଲ କରନ୍ତି । ନୀରବ ଓ ଗଭୀର ସହନଶୀଳତା ହେଉଛି ମହିଳା ଜୀବନର ପରିଚାୟକ । ବର୍ତ୍ତମାନର ବ୍ରିଟିଶ ସରକାର ମହିଳାମାନଙ୍କୁ ବନ୍ଧୁକ ମୁନରେ ରଖିଛନ୍ତି । ଗାନ୍ଧିଜୀଙ୍କ ଆହ୍ୱାନକୁ ମହିଳା ସମାଜ ପ୍ରତିକ୍ରିୟାଶୀଳ ରୂପେ ପ୍ରତିକ୍ରିୟା ଦେଇଥିଲା ଓ ଜାତୀୟତାବାଦୀ ରାଜନୀତିର ମଞ୍ଚରେ ବହୁ ସଂଖ୍ୟାରେ ମହିଳା ନେତ୍ରୀ ଉଭା ହୋଇଥିଲେ । ପାକ୍ ଗାନ୍ଧୀଙ୍କ ସମୟରେ ଜାତୀୟ ରାଜନୀତିରେ ମହିଳାଙ୍କ ଅଂଶଗ୍ରହଣ କେବଳ ସାଙ୍କେତିକ ଥିଲା ।

ମହାତ୍ମା ଗାନ୍ଧୀଙ୍କ ସହ ଯୋଗାଯୋଗରେ ଏହି ଅଂଶଗ୍ରହଣ ଅଭିଜିତ ରାଜନୈତିକ କ୍ଷେତ୍ରରୁ ଦୂରେଇ ଯାଇ ଏକ ଗଣ ରାଜନୀତି କ୍ଷେତ୍ରରେ ଅନ୍ତର୍ଭୁକ୍ତ ହେଲା । ପ୍ରଥମ ବିଶ୍ୱଯୁଦ୍ଧ ପରେ ଭାରତୀୟ ରାଜନୀତିରେ ଦୁଇଜଣ ପ୍ରସିଦ୍ଧ ମହିଳା ଉଭା ହୋଇଥିଲେ । ସେହି ଦୁହିଁଙ୍କୁ ମଧ୍ୟରେ ସୋଫିକାଲ୍ ସୋସାଇଟିର ସଭାପତି ଆନି ବେସାନ୍ତ । ସେ ହୋମରୁଲେ ଲିଗର ପ୍ରତିଷ୍ଠାତା ଥିଲେ ଓ ୧୯୧୭ ମସିହାରେ କଂଗ୍ରେସର ସଭାପତି ଭାବରେ ନିର୍ବାଚିତ ହୋଇଥିଲେ । ସେହି ବର୍ଷ ଇଂରାଜୀ ଶିକ୍ଷିତ ସରୋଜିନୀ ନାଇଡୁ, ଯିଏ ୧୯୦୬ ପରଠାରୁ କଂଗ୍ରେସ ଅଧିବେଶନରେ ଦେଶାତ୍ମବୋଧକ ଭାଷଣ ଦେଉଥିଲେ । ଏକ ପ୍ରତିନିଧୀ ଦଳ ସହିତ ସେ ଲଣ୍ଡନରେ ବୈଦେଶିକ ସଚିବ ମୋଣ୍ଟେଣ୍ଡରଙ୍କୁ ଭେଟି ମହିଳାଙ୍କ ଭୋଟ୍ ଦେବାର ଅଧିକାର ଦାବି କରିଥିଲେ । ପରବର୍ତ୍ତୀ ବର୍ଷ ୧୯୧୮ ମସିହାରେ ସେ ସମସ୍ତ ପୁରୁଷ ଓ ମହିଳାଙ୍କ ପାଇଁ କଂଗ୍ରେସର ସଭାପତି ଭାବରେ ନିର୍ବାଚିତ ହୋଇଥିଲେ । କିନ୍ତୁ ପ୍ରେରଣାଦାୟକ ବ୍ୟକ୍ତିତ୍ୱ ସତ୍ତ୍ୱେ ଏହି ଦୁଇ ମହିଳା ମହିଳାଙ୍କ ମୁକ୍ତି ପାଇଁ କୌଣସି ଆଦର୍ଶ ପ୍ରତିଷ୍ଠା କରିପାରିଲେ ନାହିଁ କିମ୍ବା ଜାତୀୟ ରାଜନୀତିରେ ମହିଳାମାନଙ୍କୁ କୌଣସି ସ୍ଥାନ ଦେଇପାରିଲେ ନାହିଁ । ତେଣୁ ଗାନ୍ଧୀଙ୍କ ଆଗମନ ସହିତ ଜାତୀୟତାବାଦୀ ଆନ୍ଦୋଳନରେ ମହିଳାଙ୍କ ଯୋଗଦାନରେ ଏକ ବଡ଼ ପରିବର୍ତ୍ତନ ହୋଇଥିଲା ।

ପରାଧୀନ ଭାରତ ସ୍ୱାଧିନତା ସଂଗ୍ରାମରେ ମହିଳାମାନଙ୍କୁ ଅନ୍ତର୍ଭୁକ୍ତ କରିବାକୁ ଗାନ୍ଧୀଙ୍କ ମାନସପଟ୍ଟରେ ଉତ୍ସାହ ଦକ୍ଷିଣ ଆଫ୍ରିକାର ଅନୁଭୂତିରୁ ଆସିଥିଲା । ଦକ୍ଷିଣ ଆଫ୍ରିକାରେ ସେ ନିଃସ୍ୱାର୍ଥପର ବଳିଦାନ ଓ ରାଜନୈତିକ ସାମର୍ଥ୍ୟରେ ମହିଳା ଶକ୍ତିକୁ ଆବିଷ୍କାର କରିଥିଲେ । ଦକ୍ଷିଣ ଆଫ୍ରିକାରେ ଗାନ୍ଧିଜୀଙ୍କ ପ୍ରାୟ ଦୁଇ ଦଶନ୍ଧି ଧରି ନିରନ୍ତର ଉଦ୍ୟମ ଗୋରା ଜାତିଭେଦର ଉଚ୍ଛେଦକୁ ମନ୍ତ୍ରର କରି ଭାରତୀୟମାନଙ୍କୁ ସୁରକ୍ଷା ଦେବାରେ ସଫଳ ହୋଇଥିଲା । ବ୍ରିଟିଶ ସରକାରଙ୍କ ଭାରତୀୟ ସମସ୍ତ ଶ୍ରେଣୀରେ ଥିବା ଭେଦଭାବପୂର୍ଣ୍ଣ ବ୍ୟବହାର ବିରୁଦ୍ଧରେ ସଂଗଠିତ ପ୍ରତିରୋଧ ମୂଳ ମନ୍ତ୍ର ହୋଇଗଲା । ପ୍ରାରମ୍ଭରେ ପୁରୁଷମାନେ ଗାନ୍ଧିଜୀଙ୍କ ହାତ ଧରିଥିଲେ । କିନ୍ତୁ କିଛି ଦିନ ମଧ୍ୟରେ ଘରର ପତ୍ନୀ ଓ ଝିଅମାନେ ସେମାନଙ୍କୁ ଅନୁସରଣ କରିଥିଲେ । ସଂପୂର୍ଣ୍ଣ ଚାରିତ୍ରିକ ବିଶ୍ୱାସ ଓ ଦୃଢତା ସହିତ ଦକ୍ଷିଣ ଆଫ୍ରିକାରେ ବାସ କରୁଥିବା ମହିଳା ସମ୍ପ୍ରଦାୟ ଗାନ୍ଧିଜୀଙ୍କ ନେତୃତ୍ୱରେ ପ୍ରତିରୋଧ କିମ୍ବା ସତ୍ୟଗ୍ରାହରେ ଯୋଗ ଦେଇଥିଲେ । ଗାନ୍ଧିଜୀଙ୍କ ପୃଷ୍ଠପୋଷକତାରେ ଭାରତୀୟ ମହିଳା ସଙ୍ଗଠନ ପ୍ରତିଷ୍ଠା



କରାଯାଇଥିଲା । ଦକ୍ଷିଣ ଆଫ୍ରିକାର ସତ୍ୟାଗ୍ରହ ଆନ୍ଦୋଳନର ନେତା ସି.କେ ଥାମ୍ବି ନାଇଡୁଙ୍କ ପତ୍ନୀ ବିରାମଲ ନାଇଡୁ ଏହି ସଙ୍ଗଠନର ଅନ୍ୟତମ କର୍ଣ୍ଣଧାର ଥିଲେ ।

ଦକ୍ଷିଣ ଆଫ୍ରିକାର ୧୬ଟି ସତ୍ୟଗ୍ରାହୀଙ୍କ ଏକ ଗୋଷ୍ଠୀ ବେଆଇନ ଭାବେ ସୀମା ପାର ହେବା ପରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା । ସେମାନେ ନାଟାଲର ଫିନିକ୍ସ ବସ୍ତିରୁ ସୀମା ପାର ହୋଇ ବିନା ଅନୁମତିରେ ଟ୍ରାନ୍ସଭାଲରେ ପ୍ରବେଶ କରି ଗିରଫ ହୋଇଥିଲେ । ଗାନ୍ଧିଜୀଙ୍କ ସହ ଅନ୍ୟ ଭାରତୀୟ, ଏପରିକି ମହିଳାମାନଙ୍କୁ ମଧ ତିନି ମାସ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା । ୧୬ଜନ ସତ୍ୟଗ୍ରାହୀଙ୍କ ମଧ୍ୟରୁ ୪ ଜଣ ମହିଳା ଥିଲେ । ସେମାନଙ୍କ ମଧ୍ୟରେ ଗାନ୍ଧିଜୀଙ୍କ ପତ୍ନୀ କସ୍ତୁରବା ମଧ ଥିଲେ । ଏହା ବ୍ୟତୀତ ସେଠାରେ ଶ୍ରୀମତୀ ଜୟକୁମ୍ବର ମେହେଟ୍ଟା, ଶ୍ରୀମତୀ କାଶୀ ଚଙ୍ଗଲାଲ ଗାନ୍ଧୀ ଓ ଶ୍ରୀମତୀ ସମ୍ବକ ମାଗନଲାଲ ଗାନ୍ଧୀ ଥିଲେ । ତିନିମାସ କଠୋର କାରାଦଣ୍ଡରେ ଦଣ୍ଡିତ ହୋଇଥିବା କସ୍ତୁରବା ଗାନ୍ଧୀଙ୍କ 'ନୀରବ ଯନ୍ତ୍ରଣା' ଗାନ୍ଧିଜୀଙ୍କ ନେତୃତ୍ୱରେ ସତ୍ୟାଗ୍ରହ ଆନ୍ଦୋଳନର ସଫଳତାରେ ବିଶେଷ ଅବଦାନ ଦେଇଥିଲା । କିଛି ଦିନ ପରେ ୧୧ ଜଣ ମହିଳାଙ୍କର ଅନ୍ୟ ଏକ ଗୋଷ୍ଠୀ ବିନା ଅନୁମତିରେ ଟ୍ରାନ୍ସଭାଲ ସୀମା ପାର କରି ନାଟାଲକୁ ଗଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ସତ୍ୟାଗ୍ରହ ଆନ୍ଦୋଳନରେ କାରାଗାରରେ ଥିବା କାର୍ଯ୍ୟକର୍ତ୍ତାଙ୍କ ପତ୍ନୀ ଥିଲେ । ପରେ ୧୯୧୩ ଅକ୍ଟୋବରରେ ଗାନ୍ଧିଜୀ ନାଟାଲରୁ ଟ୍ରାନ୍ସଭାଲ ପର୍ଯ୍ୟନ୍ତ ସ୍ମରଣୀୟ ଧର୍ମଘଟ ଓ ଐତିହାସିକ ପଦଯାତ୍ରାକୁ ଆଗେଇ ନେଇଥିଲେ । ଏହି ପଦଯାତ୍ରାରେ ୨୦୦୭ ପୁରୁଷ, ୧୨୭ ମହିଳା ଓ ୫୭ ପିଲା ଅଂଶଗ୍ରହଣ କରିଥିଲେ । ଏହି ପଦଯାତ୍ରା ଗାନ୍ଧିଜୀଙ୍କୁ ଗଣ ଆନ୍ଦୋଳନର ନେତା ଭାବରେ ପ୍ରତିଷ୍ଠିତ କରିଥିଲା । ଏହି ପଦଯାତ୍ରାର ଅଦ୍ୱିତୀୟ ସଫଳତା ଗାନ୍ଧୀଜୀଙ୍କୁ ଭାରତ ପ୍ରତ୍ୟାବର୍ତ୍ତନ ପୂର୍ବରୁ ମଧ ସର୍ବଭାରତୀୟ ସ୍ତରରେ ବ୍ୟକ୍ତିତ୍ୱର ଆସନରେ ଅଧିଷ୍ଠିତ କରିଥିଲା ।

ଦକ୍ଷିଣ ଆଫ୍ରିକାର ଅଭିଜ୍ଞତା ନେଇ ଗାନ୍ଧିଜୀ ଦେଶକୁ ଫେରିଥିଲେ । ସେଠାରେ ସେ ଜନ ସତ୍ୟାଗ୍ରହରେ ମହିଳାଙ୍କ ନିଷ୍ଠା ଓ ନିଃସ୍ୱାର୍ଥପର ବଳିଦାନର ସାକ୍ଷୀ ହୋଇଥିଲେ । ଘରକୁ ଫେରିବା ପରେ ସେ ଅହମ୍ମଦାବାଦର କୋଚ୍ରାପରେ ସତ୍ୟାଗ୍ରହ ଆଶ୍ରମ ପ୍ରତିଷ୍ଠା କରିଥିଲେ । କସ୍ତୁରବା ଆଶ୍ରମର ମାତା ଥିଲେ । ଦେଶକୁ ଫେରିବା ପରେ ଗାନ୍ଧିଜୀ ବହୁ ଉଚ୍ଚଶିକ୍ଷିତ ମହିଳାଙ୍କୁ ଭେଟିଥିଲେ । ଯେଉଁମାନେ ସଂଗଠିତ ସାମାଜିକ ଅନ୍ୟାୟ ତଥା ମହିଳାଙ୍କ ପ୍ରତି ଭେଦଭାବ ପ୍ରଦର୍ଶନକୁ ବିରୋଧ କରିଥିଲେ । ସେମାନଙ୍କ ମଧ୍ୟରେ ଥିଲେ ସରଳାଦେବୀ ଚୌଧୁରୀ ଅନସୁୟା ବେନ ସରାଭାଇ, ଅରୁଣା ଆସଫ ଅଲି, ସୁଚେତା କ୍ରିପାଲାନି, ଦୁର୍ଗାବାଇ ଦେଶମୁଖ, ଭାଗନିଦଭାଇ ଇତ୍ୟାଦି । ସେମାନେ ଦେଶର ବିଭିନ୍ନ ସ୍ଥାନରେ ଗାନ୍ଧିଜୀଙ୍କ ପାଇଁ ଛୋଟ ସଭା ଆୟୋଜନ କରିଥିଲେ । ସେହି ସଭାଗୁଡ଼ିକରୁ ସେ ସମସାମୟିକ ଭାରତର ଏକ ସାମାଜିକ-ରାଜନୈତିକ ଜ୍ୱଳନ୍ତ ସମସ୍ୟାଗୁଡିକ ବିଷୟରେ ଗଭୀର ଭାବରେ ଅବଗତ କରାଇଥିଲା । ସେମାନଙ୍କ ସହ ଯୋଗାଯୋଗ କରି ଗାନ୍ଧିଜୀ ହୃଦୟଙ୍ଗମ କଲେ ଯେ ଉପନିବେଶବାଦ ବିରୋଧରେ ଆଗାମୀ ସ୍ୱାଧୀନତା ସଂଗ୍ରାମରେ ମହିଳାମାନେ ତାଙ୍କର ସର୍ବୋତ୍ତମ ଅସ୍ତ୍ର ହୋଇପାରନ୍ତି ।

ଗାନ୍ଧୀଜୀ ସେହି ସମୟରେ ସକ୍ରିୟ ଥିବା ଅଭିଜିତ ମହିଳା ସଂଗଠନକୁ ନିବେଦନ କରିଥିଲେ ଯେ ସାରା ଦେଶରେ ଜାତୀୟତାବାଦୀ ବାର୍ତ୍ତା ବିସ୍ତାର କରିବାରେ ନିଜକୁ ଉତ୍ସର୍ଗ କରନ୍ତୁ । ମହିଳା କେନ୍ଦ୍ରିତ ସାମାଜିକ ଦୁଷ୍କର୍ମ ଓ ଜାତୀୟ ସମସ୍ୟା ମଧ୍ୟରେ ଏକ ଯୋଗାଯୋଗ ସ୍ଥାପନ କରିବାକୁ ଗାନ୍ଧିଜୀ ଦାବି କରିଥିଲେ । ତାଙ୍କ ଭାଷାରେ, ଭାରତର କିଛି ଶିକ୍ଷିତ ମହିଳା ପାଶ୍ଚାତ୍ୟ ସଂସ୍କୃତିରୁ ଓହ୍ଲାଇ ମହିଳାଙ୍କ ମୁକ୍ତି, ଜାତୀୟ ସ୍ୱାଧୀନତାର ପ୍ରଶ୍ନ, ଅସ୍ପୃଶ୍ୟତା ହଟାଇବା କିମ୍ବା ଲୋକଙ୍କ ଆର୍ଥିକ ବିକାଶ ପାଇଁ ଭାରତର ପ୍ରକୃତ ଭୂମିରେ ପାଦ ଦେବା ଉଚିତ୍, ଏବଂ ଗାଁ ଜୀବନର ପୁନର୍ଗଠନ ଓ ସଂସ୍କାର ପାଇଁ ଗାଁକୁ ପ୍ରବେଶ କରିବାକୁ ଚେତାବନୀ ଦେଇଥିଲେ ।

୧୯୧୯ ମସିହାରେ ରୋଓ୍ୱଲ୍ଟ ସତ୍ୟାଗ୍ରହ ଆନ୍ଦୋଳନ ସମୟରେ ଗାନ୍ଧୀ ପୁନର୍ବାର ମହିଳାମାନଙ୍କୁ ଜାତୀୟତାବାଦୀ ଅଭିଯାନରେ ଭାଗ ନେବାକୁ ଆମନ୍ତ୍ରଣ କରିଥିଲେ । କିନ୍ତୁ ଏ ବାବଦରେ କୌଣସି ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହେବା ପୂର୍ବରୁ ଏହି ଆନ୍ଦୋଳନ ପ୍ରତ୍ୟାହାର କରାଯାଇଥିଲା । ଅଣ-ସହଯୋଗ ଆନ୍ଦୋଳନ କାର୍ଯ୍ୟକ୍ରମର ମେରୁଦଣ୍ଡ ଭାବରେ ଗାନ୍ଧିଜୀ ମହିଳାମାନଙ୍କୁ କଳ୍ପନା କରିଥିଲେ । ସେ ସଚେତନ ଭାବରେ ମହିଳାମାନଙ୍କୁ ସେହି ଆନ୍ଦୋଳନରେ ଅନ୍ତର୍ଭୁକ୍ତ କରିଥିଲେ । ସେ ଏହି ଆନ୍ଦୋଳନର କାର୍ଯ୍ୟକ୍ରମକୁ ଏପରି ଭାବରେ ପରିକଳ୍ପନା କରିଥିଲେ ଯେ ମହିଳାମାନେ ନିଜ ଘରର ଆରାମରୁ ସଂଗ୍ରାମରେ ଯଥେଷ୍ଟ ଯୋଗଦାନ ଦେଇ ପାରିବେ । ମହିଳାମାନଙ୍କ ଉପରେ ଗାନ୍ଧିଜୀଙ୍କ ବିଶ୍ୱାସ ମାଡ୍ରାସ ପ୍ରଦେଶର ଜଣେ ଅନୁଗାମୀ ଶ୍ରୀମତୀ ଅମ୍ବୁଜାମାଲଙ୍କ ସ୍ମୃତିରୁ ଜାଣିହେବ । ସେ କହିଛନ୍ତି ଗାନ୍ଧିଜୀ ସେମାନଙ୍କୁ ପ୍ରଥମେ ଜାତୀୟତାବାଦୀ ଆନ୍ଦୋଳନରେ ମହିଳାଙ୍କ ସ୍ଥିତି ବିଷୟରେ ଅବଗତ କରାଇଥିଲେ । ତା'ପରେ ସେ ମହିଳାମାନଙ୍କର ଅନ୍ତର୍ନିହିତ ବୀରତ୍ୱ ଉପରେ ନିଜର ଆତ୍ମବିଶ୍ୱାସ ପ୍ରକାଶ କରିଥିଲେ । ପାରିବାରିକ ଜୀବନକୁ ଅବହେଳା ନକରି କିପରି ଘର ପରିସରରୁ ସହଯୋଗ କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇପାରିବେ ବୋଲି ଗାନ୍ଧୀଜୀ ଝିଅମାନଙ୍କୁ ବୁଝାଉଥିଲେ । ଗାନ୍ଧିଜୀ କହୁଥିଲେ, 'ତୁମେ ଯାହା ବି କର ତାହା ଦେଶ ପାଇଁ କର', କାରଣ ପ୍ରତ୍ୟେକ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ।

୧୯୨୧ ମସିହାରେ ଯେତେବେଳେ ଅଣ-ସହଯୋଗ ଆନ୍ଦୋଳନ ଆରମ୍ଭ ହେଲା, ସେ ପ୍ରଥମେ ମହିଳାମାନଙ୍କ ପାଇଁ ଏକ ସୀମିତ ଭୂମିକା ନିର୍ଦ୍ଦେଶ ଦେଇଥିଲେ । ତାହା ହେଉଛି, ସେମାନେ ବିଦେଶୀ ଦ୍ରବ୍ୟକୁ ବଏକଟ କରିବେ ଓ ସ୍ୱଦେଶୀ ଉତ୍ପାଦ ବ୍ୟବହାର କରିବେ । କିନ୍ତୁ ମହିଳାମାନେ ନିଜ ପାଇଁ ଏକ ଅଧିକ ସକ୍ରିୟ ଭୂମିକା ଦାବି କରିଥିଲେ । ନଭେମ୍ବର ୧୯୨୧ ରେ, ଓ୍ୱେଲ୍ସର ପ୍ରିନ୍ସଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ବମ୍ବେରେ ଏକ ହଜାର ମହିଳା ପ୍ରଦର୍ଶନ କରିଥିଲେ । ତା'ପରେ ଡିସେମ୍ବରରେ ସି. ଆର (ଉଜ) ଦାସଙ୍କ ପତ୍ନୀ ବାସନ୍ତୀ ଦେବୀ, ତାଙ୍କ ଭଉଣୀ ଉର୍ମିଳା ଦେବୀ, ଭାଣେଜୀ ସୁନୀତି ଦେବୀ କୋଲକାତାରେ ସର୍ବସାଧାରଣ ରାସ୍ତାରେ ବିରୋଧ ପ୍ରଦର୍ଶନ କରି କାରାଗାରରେ ରହି ଦେଶକୁ ଚକିତ କରି ଦେଇଥିଲେ । ଗାନ୍ଧିଜୀ ସେମାନଙ୍କ ପଦକ୍ଷେପକୁ ଅନୁମୋଦନ କରିଛନ୍ତି । ଦେଶର ଅନ୍ୟାନ୍ୟ ସ୍ଥାନରେ ମହିଳାମାନେ ମଧ ସମାନ ପଦକ୍ଷେପ ନେଇଥିଲେ । କେବଳ ସମ୍ମାନଜନକ ମଧ୍ୟବିତ୍ତ ମହିଳା ନୁହଁନ୍ତି, ଗାନ୍ଧୀଙ୍କ ଆବେଦନ ସିଧାସଳଖ ସାମାଜିକ ବର୍ଗର ମହିଳା ଯେପରିକି ଯୌନ କର୍ମୀ ଓ ଦେବଦାସଙ୍କ ନିକଟରେ ପହଞ୍ଚିଥିଲା ??- ଯଦିଓ ଗାନ୍ଧୀ ନିଜେ ସେମାନଙ୍କୁ ସଂଗ୍ରହ କରିବାକୁ ଆଗ୍ରହୀ ନଥିଲେ । ନାଗରିକ ଅମାନ୍ୟ ସମୟରେ ଡ୍ୟାମ୍ ଭାଙ୍ଗିଗଲା ।


ଉତ୍ତର ଭାରତର ଆହ୍ଲାବାଦ, ଲକ୍ଷ୍ନୌ , ଦିଲ୍ଲୀ ଓ ଲାହୋର ଭଳି ସହରରେ, ସମ୍ଭ୍ରାନ୍ତ ପରିବାରର ଶତାଧିକ ମହିଳା ଖୋଲାଖୋଲି ଭାବରେ ଜାତୀୟତାବାଦୀ ପ୍ରଦର୍ଶନରେ ଅଂଶଗ୍ରହଣ କରି ରକ୍ଷଣଶୀଳ ପୁରୁଷମାନଙ୍କୁ ଚକିତ କରିଥିଲେ । ବଙ୍ଗଳାର କିଛି ମହିଳା କିନ୍ତୁ ବୈପ୍ଳବିକ ଆନ୍ଦୋଳନରେ ଜଡିତ ହୋଇଥିଲେ । ୧୯୩୦ ଦଶକରେ ଆରମ୍ଭ ହୋଇଥିବା ଲବଣ ୧୯୪୦ ଦଶକରେ ଜାରି ରହିଲା । ଅହିଂସା ଉପରେ ଗାନ୍ଧୀଙ୍କ ଗୁରୁତ୍ୱ ଓ ମହିଳା ସତ୍ୟଗ୍ରାହୀଙ୍କ ସମ୍ମାନଜନକ ଭାବମୂର୍ତ୍ତି ବଜାୟ ରଖିବା ମହିଳାଙ୍କ ପାଇଁ ସର୍ବଭାରତୀୟ ସ୍ତରରେ ଗ୍ରହଣ କରାଯାଇଥିବା ଆଚରଣ ବିଧି ଉଲ୍ଲଂଘନ କରିନଥିଲା । ତାଙ୍କ ଦ୍ୱାରା ପୁରୁଷମାନେ ନିଶ୍ଚିତ ହୋଇଥିଲେ ଯେ ସେମାନଙ୍କ ମହିଳାମାନେ ଗାନ୍ଧୀଙ୍କ ହାତରେ ସୁରକ୍ଷିତ ରହିବେ ।

ଜାତୀୟତାବାଦୀ ସଂଗ୍ରାମରେ ମହିଳାଙ୍କ ଅଂଶଗ୍ରହଣ ବିଷୟରେ ସୁଜତା ପଟେଲ ସ୍ପଷ୍ଟ ଓ ସୁନ୍ଦର ଭାବରେ କହିଛନ୍ତି ଯେ କିଏ ପ୍ରଥମେ ଆସିଲା ଓ ପରେ କିଏ ଆସିଲା ତାହା ନିର୍ଣ୍ଣୟ କରିବା କଷ୍ଟକର । ମହିଳାମାନେ ପ୍ରଥମେ ଅଂଶଗ୍ରହଣ କରିଥିଲେ କିମ୍ବା ଗାନ୍ଧିଜୀ ପ୍ରଥମେ ମହିଳାଙ୍କୁ ଅଂଶଗ୍ରହଣ ପାଇଁ କହିଥିଲେ । କିନ୍ତୁ ଏସବୁ ବିବାଦ ଯାହା ହେଉନା କାହିଁକି, ଭାରତୀୟ ଜାତୀୟ ରାଜନୀତିରେ ମହିଳାଙ୍କ ଅଂଶଗ୍ରହଣରେ ଗାନ୍ଧିଜୀଙ୍କ ଭୂମିକାକୁ ଅସ୍ୱୀକାର କରାଯାଇପାରିବ ନାହିଁ...!!!


ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪

ମୋ: ୯୦୪୦୧୫ ୧୪୭୫







# ସତ୍ୟ ଓ ଅହିଂସାର ପୂଜାରୀ


ଜୟଶ୍ରୀ ପଟ୍ଟନାୟକ


ଆମଦେଶ ଭାରତ ଯେତେବେଳେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ଶାସିତ ହେଉଥିଲା ବ୍ରିଟିଶ ଶାସକଙ୍କ ଅକଥନୀୟ ଅତ୍ୟାଚାର, ଲାଠିପ୍ରହାର, କାରାବରଣକୁ ହସି ହସି ଗ୍ରହଣ କରିଥିଲେ ସ୍ୱାଧୀନତା ସଂଗ୍ରାମୀ ମାନେ । ଠିକ ସେହି ସମୟରେ ଦେବଦୂତ ପରି ମହାତ୍ମା ଗାନ୍ଧୀଙ୍କର ଆବିର୍ଭାବ ହୋଇଥିଲା । ସେ ଥିଲେ ଭାରତୀୟ ମୁକ୍ତି ସଂଗ୍ରାମର କର୍ଣ୍ଣଧାର ଓ ଅବିଚଳିତ ଯୋଦ୍ଧା । ସେ ଥିଲେ ଅତୁଳନୀୟ ବ୍ୟକ୍ତିତ୍ୱ ସଂପନ୍ନ ବ୍ୟକ୍ତି, ଯାହାଙ୍କର ସୂକ୍ଷ୍ମ ବୁଦ୍ଧି ସଂପନ୍ନ ରାଜନୈତିକ ବିଚକ୍ଷଣତା ଜନସାଧାରଣକୁ ସଂଜୀବିତ କରିଥିଲା । ବିଶ୍ୱର ଦଳିତ, ନିଷ୍ପେସିତ ଓ ହତଭାଗ୍ୟ ଲୋକଙ୍କର ଉନ୍ନତି ବିଧାନ ଲାଗି ଆନ୍ତରିକ ଅଭଳାଷ ତାଙ୍କଠାରେ ଦେଖା ଯାଇଥିଲା । ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍‌ଙ୍କ ଭାଷାରେ-ଦିନେ ଲୋକେ ହୁଏତ ବିଶ୍ୱାସ କରିବେନାହିଁ ଯେ ରକ୍ତ ମାଂସର ଏପରି ଜଣେ ମନୁଷ୍ୟ , ଯିଏ ପୃଥିବୀରେ ବିଚରଣ କରୁଥିଲେ । ବିନୋବାଜୀଙ୍କ କଳ୍ପନାରେ ଗାନ୍ଧିଜୀ ଜଣେ ସନ୍ୟାସୀ । ରାଜଗୋପାଳଚାରୀଙ୍କ ଧାରଣାରେ- ତାଙ୍କ ଚିନ୍ତା ବଡ଼ ପବିତ୍ର, ପରିଚ୍ଛନ୍ନ । ସରୋଜିନୀ ନାଇଡୁ- ତାଙ୍କୁ କର୍ମର କବି ଆଖ୍ୟା ଦେଇଛନ୍ତି । ମହାତ୍ମାଗାନ୍ଧୀ ଜାତିର ପିତା ଥିଲେ । ତାଙ୍କର ସମଗ୍ର ଜୀବ କାଳ ମଧ୍ୟରେ ସେ ଅହିଂସାକୁ ପ୍ରାଧାନ୍ୟ ଦେଉଥିଲେ ଦେଶକୁ ସ୍ୱାଧୀନତା ଆଣିବାରେ ତାଙ୍କର ଭୂମିକା ଅତୁଳନୀୟ ଥିଲା । ସେଥିପାଇଁ ତାଙ୍କୁ ଜାତିର ପିତା କୁହାଯାଏ । ତାଙ୍କ ଜନ୍ମଦିବସ ଥିଲା ଅକ୍ଟୋବର ୨, ୧୮୬୯ରେ ଯେଉଁ ଦିବସକୁ ସାରା ବିଶ୍ୱରେ ଅହଂସା ଦିବସ ରୂପେ ପାଳନ କରାଯାଏ । ସତ୍ୟ ଓ ଅହଂସାର ସମ୍ମିଶ୍ରଣରେ ଗାନ୍ଧିଜୀ ସୃଷ୍ଟି କରିଥିଲେ ସତ୍ୟାଗ୍ରହ । ସେ ବାରମ୍ଭାର କହୁଥିଲେ ପ୍ରବଳପ୍ରତାପୀ ବ୍ରିଟିଶ ସରକାରକୁ ଭାରତମାଟିରୁ ବିଦାୟ ଦେବାପାଇ ଅହଂସା ହିଁ ହେଉଛି ଏକମାତ୍ର ଅସ୍ତ୍ର । ସେ କେବଳ ଅହିଂସା ଉପାୟରେ ଅନ୍ୟାୟର ପ୍ରତିରୋଧ କରି ନ ଥିଲେ ଜନସାଧାରଣଙ୍କୁ ମଧ୍ୟ ସେହି ପ୍ରତିରୋଧ ସଂଗ୍ରାମରେ ସଂଶ୍ଳିଷ୍ଟ କରିଥିଲେ । ସେ କହୁଥିଲେ ମୋ ଦେଶବାସୀଙ୍କୁ ମୁଁ ଦେଖାଇଦେବାକୁ ଚାହେଁ ଯିଏ ଅନ୍ୟାୟ କରୁଛି ତାହା ସହିତ ଅସହଯୋଗ କଲା ଫଳରେ ଯେଉଁ ଶାସ୍ତି ଭୋଗ କରିବାକୁ ହେବ ସେହି ଶାସ୍ତିକୁ ସ୍ୱେଚ୍ଛାବରଣ କରିନେବା ହେଉଛି ପ୍ରକୃତ ଅହିଂସା । ତାଙ୍କ ମତରେ ସତ୍ୟ ଅହିଂସାକୁ ବ୍ୟକ୍ତି ଜୀବନଠାରୁ ଆରମ୍ଭ କରି ରାଷ୍ଟ୍ର ଜୀବନ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସଫଳ ପ୍ରୟୋଗ କରିପାରିଲେ ଦୁର୍ନିତୀ ଭ୍ରଷ୍ଟାଚାର ଠାରୁ ଆରମ୍ଭ କରି ହିଂସା ,ଦ୍ୱେଷ ,ପରାଶ୍ରୀକାତରତ.ଦାରିଦ୍ର୍ୟ, ଅନଗ୍ରସରତା ଆଦି ଦୂର ହୋଇପାରିବ । ସେ ଦକ୍ଷିଣ ଆଫ୍ରିକାରେ ଦୀର୍ଘ କୋଡିଏ ବର୍ଷ କାଳ ରହି ଭାରତକୁ ଫେରିଆସି ସ୍ୱାଧୀନତାର ବାର୍ତା ବାଂଟିଲେ । ଭାରତରେ ସତ୍ୟାଗ୍ରହ ଆଶ୍ରମ ପ୍ରତିଷ୍ଠା କଲେ । ସତ୍ୟାଗ୍ରହ ଆଶ୍ରମରେ ନିଷ୍ଠା,ଆଦର୍ଶ ସତ୍ୟତାକୁ ଅବଲମ୍ବନ କରିବା ତିନି ମାଙ୍କଡ଼ର ପ୍ରତିମୂର୍ତ୍ତି ରଖି ସେମାନଙ୍କୁ ଗୁରୁ ଭଳି ନିଜେ ମାନି ଅନ୍ୟମାନଙ୍କୁ ନିନ୍ଦା ବା ମିଛ ନ କହିବା, କାହାର ଦୋଷ ନ ଦେଖିବା ଓ ଅନ୍ୟର ମିଛ ବା ନିନ୍ଦା ନ ଶୁଣିବାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଉପଦେଶ ଦେଉଥିଲେ । ସେ ଥିଲେ ଅହିଂସା ଆନ୍ଦୋଳନର ଜଣେ ମହାରଥୀ । ସେ ଲକ୍ଷ ଲକ୍ଷ ଜନତାର ଦୁଖ ଦୁର୍ଦ୍ଦଶାକୁ ନିଜର ବୋଲି ଭାବି ସମାଜ ବକ୍ଷରେ ଶୋଷଣ ଏବଂ ଅତ୍ୟାଚାରର ବିଲୋପ ଯୁଦ୍ଧ ରଚନା କରିଥିଲେ । ସେହି ଯୁଦ୍ଧ ଅନ୍ୟ କିଛି ନ ଥିଲା , ଥିଲା ଅହିଂସାର ଯୁଦ୍ଧ । ଯେଉଁଠି ଭୟ ଭ୍ରାନ୍ତି ତିକ୍ତତାର ସ୍ଥାନ ନ ଥିଲା । ତାଙ୍କରି ଅହିଂସା ଯୁଦ୍ଧର ଆହ୍ୱାନରେ ଅଗଣିତ ଜନତା ସାମିଲ ହେବାରୁ ସେ ନିଜ ଦେଶରେ ସ୍ୱାଧୀନତା ଆଣିବାକୁ ସକ୍ଷମ ହୋଇଥିଲେ । ଲକ୍ଷ ଲକ୍ଷ ଲୋକଙ୍କୁ ଅହିଂସା ମନ୍ତ୍ରରେ ଅନୁପ୍ରାଣିତ କରାଇ ତ୍ୱାଧୀନତା ସଂଗ୍ରାମରେ ଲିପ୍ତ କରାଇବା ଥିଲା ତାଙ୍କ ଚରିତ୍ରର ବୈଶିଷ୍ଟ୍ୟ । ସେଥି ପାଇଁ ସେ ଆଜି ମହାମାନବ, ବିଶ୍ୱବନ୍ଦିତ ।ତାଙ୍କ ଧର୍ମ ଓ ନୈତିକତା ପ୍ରତି ଅଗାଧ ବିଶ୍ୱାସ ଥିଲା । ସେ ଥିଲେ ଶାନ୍ତ,ସରଳ, ନମ୍ର, ବିନୟୀ ସ୍ୱଭାବର । ସେ ଥିଲେ ସତ୍ୟ ଓ ଅହିଂସାର ପୂଜାରୀ ତାଙ୍କର ପ୍ରିୟ ବହିଥିଲା ରସ୍କିନଙ୍କର ଅନଟୁ ଦିସ ଲାଷ୍ଟ ।ତାଙ୍କ ଜୀବନକୁ ପ୍ରଭାବିତ କରିଥିଲା ଯାହାର ସାରମର୍ମ ଥିଲା ସମାଜର କଲ୍ୟାଣ ରେ ନିଜର କଲ୍ୟଣ । ରସ୍କିନଙ୍କ ଚିନ୍ତାଧାରା ତାଙ୍କୁ ପ୍ରଭାବିତ କରିଥିଲା । ଟଲଷ୍ଟୟଙ୍କ ଅହିଂସା ଓ ଅସହଯୋଗର ମାର୍ଗ ମଧ୍ୟ ତାଙ୍କୁ ପ୍ରଭାବିତ କରିଥିଲା । ଏହାକୁ ତାଙ୍କ ଜୀବନର ପରମ ବ୍ରତ କରିଥିଲେ ଗାନ୍ଧୀ । ସେ ଥିଲେ କୋଟି ଜନତାର ଯୁଗପୁରୁଷ । ଶତାବ୍ଦୀର ଶ୍ରେଷ୍ଠ ପୁରୁଷ । ଯାହାର ଜୀବନ ଥିଲା ସାଧାରଣରୁ ଅସାଧାରଣ । ସେ ଥିଲେ ସତ୍ୟବାଦୀ, ସାହସୀ, ଧର୍ମାନୁରାଜୀ ଓ ସଦାଚାରୀ । ଇଂରେଜ ଶାସନ ସମୟରେ ଚିତରଂଜନ ଦାସ ଓ ମୋତିଲାଲ ନେହେରୁଙ୍କ ନେତୃତ୍ୱରେ ସ୍ୱରାଜ୍ୟ ଦଳ ଗଠନ କରି (ଅବଶିଷ୍ଟାଂଶ ପୃଷ୍ଠା ୭ ରେ)

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୨ ଅକ୍ଟୋବର ୨୦୨୩, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମହାନ ବ୍ୟକ୍ତିତ୍ୱ...

କଥାରେ ଅଛି- ଯେ କୌଣସି ଦେଶର ବା ରାଜ୍ୟର ଲୋକମାନେ ଅନେକ ଦିନ ପର୍ଯ୍ୟନ୍ତ କଷ୍ଟ ଯନ୍ତ୍ରଣା ଭୋଗ କରିବା ପରେ ସେହି ଦେଶ ବା ରାଜ୍ୟରେ ଜଣେ ମହାମନୀଷୀ ଜନ୍ମ ନିଅନ୍ତି ଯିଏକି ଲୋକମାନଙ୍କୁ ଦୁଃଖ କଷ୍ଟରୁ ଉଦ୍ଧାର କରନ୍ତି । ଗତ ଗୁରୁବାର ଦିନ ୯୮ ବର୍ଷ ବୟସରେ ପରପାରିକୁ ଚାଲି ଯାଇଥିବା ପ୍ରଖ୍ୟାତ ଉଦ୍ଭିଦ ଆନୁବଂଶିକ ବିଜ୍ଞାନୀ; ଭାରତରେ ସବୁଜ ବିପ୍ଳବର ଜନକ ଭାବରେ ପରିଚିତ ଡକ୍ଟର ଏମ୍‌ଏସ୍ ସ୍ୱାମୀନାଥନ୍ ଥିଲେ ଏମିତି ଜଣେ ମହାନ ବ୍ୟକ୍ତି । ସେ ମଧ୍ୟ ଥିଲେ ୧୯୮୮ରେ ସ୍ଥାପିତ ଏମ୍‌ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ (ଏସ୍‌ଏସ୍‌ଏସ୍‌ଆରଏଫ୍)ର ପ୍ରତିଷ୍ଠାତା। କୁମ୍ଭକୋଣମ୍‌ରେ ଜନ୍ମିତ ସ୍ୱାମୀନାଥନ୍ ମାଡ୍ରାସ କୃଷି ମହାବିଦ୍ୟାଳୟରୁ କୃଷି ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ଇଂଲଣ୍ଡସ୍ଥିତ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ଅନୁବଂଶ ବିଜ୍ଞାନ ଏବଂ ବୃକ୍ଷ ପ୍ରଜନନ ବିଦ୍ୟାରେ ପିଏଚ୍.ଡି. ଡିଗ୍ରୀ ହାସଲ କରିଥିଲେ । ଆଉ ଏହି ବିଦ୍ୟାର ସେ ସଫଳ ପ୍ରୟୋଗ କରିଥିଲେ ବ୍ରିଟିଶ ଶାସନ ଉପରାନ୍ତ ଅନାହାରକ୍ଲିଷ୍ଟ ଭାରତରେ ୧୯୪୩ର ବଙ୍ଗ ଦୁର୍ଭିକ୍ଷ ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇ । ସୂଚାଇ ଦିଆଯାଇପାରେ ଯେ ଉପରୋକ୍ତ ଦୁର୍ଭିକ୍ଷ ଲକ୍ଷାଧିକ ଲୋକଙ୍କ ଜୀବନ ନେଇଥିଲା । ପରବର୍ତ୍ତୀ ସମୟରେ ତାଙ୍କ ଗବେଷଣା ଓ ପ୍ରୟୋଗର ସୁଫଳକୁ ପରିଲକ୍ଷିତ କରି ଆସିଛି ଭାରତ ଦୀର୍ଘ ବର୍ଷ ଧରି, ଯାହାର ପରିଣତିରେ ଆଜି ଭାରତ ଖାଦ୍ୟଶସ୍ୟ ଆମଦାନୀକାରୀ ରାଷ୍ଟ୍ରରୁ ଖାଦ୍ୟଶସ୍ୟ ରପ୍ତାନୀକାରୀ ରାଷ୍ଟ୍ରରେ ପରିଣତ ହୋଇ ପାରିଛି । ଗୋଟିଏ ବାକ୍ୟରେ କହିଲେ, ଖାଦ୍ୟର ଅମାର ହୋଇ ପାରିଛି । ତେଣୁ ତାଙ୍କର ତିରୋଧାନରେ ଭାରତ ଜଣେ ମହାନ କୃଷି ବିଜ୍ଞାନୀଙ୍କୁ ହରାଇଛି, ଯାହାଙ୍କ ଅବଦାନ ଫଳରେ ସମାଜର ସବୁଠୁ ଗରିବ ଲୋକର ଥାଳିରେ ମଧ୍ୟ ଆଜି ଆହାର ମୁଠାଏ ଦେଖିବାକୁ ମିଳୁଛି । ୧୯୬୦ ଦଶକର ମରୁଡ଼ି ଓ ଅନାହାର ପରେ କ୍ରମେ କ୍ରମେ କୃଷିପ୍ରଧାନ ଦେଶ ଭାରତ ଖାଦ୍ୟଶସ୍ୟର ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇ ପାରିଛି କେବଳ ତାଙ୍କର ଗବେଷଣା ଓ ତା'ର କାର୍ଯ୍ୟକ୍ଷେତ୍ରରେ ପ୍ରୟୋଗ ଯୋଗୁଁ । ଡକ୍ଟର ସ୍ୱାମୀନାଥନ୍‌ଙ୍କ ଚିନ୍ତାଧାରା ତାଙ୍କ ସମୟଠାରୁ ଢେର୍ ଆଗକୁ ବ୍ୟାପ୍ତ ଥିଲା, ଅର୍ଥାତ୍ ସେ ଥିଲେ ତୀକ୍ଷ୍ଣ ଦୂରଦୃଷ୍ଟିସମ୍ପନ୍ନ। ଉଦାହରଣ ସ୍ୱରୂପ, ୨୦୦୮ରେ ସେ କେରଳର କୁଟ୍ଟନାଡ ଆର୍ଦ୍ରାଞ୍ଚଳ ବିକାଶ ପ୍ରକଳ୍ପର ଏକ ଅଂଶ ଭାବରେ କୃଷକମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିବାର ପ୍ରସ୍ତାବ ଅବଧାରଣ କରିଥିଲେ। ଆଜିକା ଦିନରେ ମୋଦୀ ସରକାର ତାଙ୍କର ଏହି ଅବଧାରଣାକୁ କେନ୍ଦ୍ରୀୟ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନା ଭାବରେ ପ୍ରଚଳନ କରିଛନ୍ତି । ଠିକ୍ ସେହିପରି ଅନେକ ଦଶନ୍ଧି ପୂର୍ବେ ଡକ୍ଟର ସ୍ୱାମୀନାଥନ୍ ଲୋକମାନଙ୍କୁ ପୋଷଣ ସୁରକ୍ଷା ଯୋଗାଇବା ଉଦ୍ଦେଶ୍ୟରେ ମିଲେଟ୍ ପରିବାରର ଶସ୍ୟଗୁଡ଼ିକୁ ପୋଷଣ-ଶସ୍ୟ ଭାବରେ ନାମିତ କରି ସେସବୁର ପ୍ରଚଳନ କରିବାକୁ ପ୍ରୋତ୍ସାହନ ଯୋଗାଇବା ନିମନ୍ତେ ଆଗେଇ ଆସିଥିଲେ ଯାହା ଆଜି କେନ୍ଦ୍ର ସରକାରଙ୍କର ଏକ ଛାମୁଆ କାର୍ଯ୍ୟକ୍ରମରେ ପରିଣତ ହୋଇଛି, ଏପରିକି ଗୋଟିଏ ବର୍ଷକୁ ମଧ୍ୟ ଆନ୍ତର୍ଜାତିକ ସ୍ତରରେ ଏଥିପାଇଁ ଉତ୍ସର୍ଗ କରାଯାଇଛି । ଗବେଷଣାଗାରର ଚାରିକାନ୍ଥ ଭିତରୁ କ୍ଷେତର ମାଟିକୁ ଗବେଷଣାଲବ୍ଧ ତଥ୍ୟକୁ ଆଣି ପ୍ରୟୋଗ କରିବାର ସାମର୍ଥ୍ୟ ତାଙ୍କ ମଧ୍ୟରେ ରହିଥିଲା । ଆଉ ଏଭଳି କାର୍ଯ୍ୟ ପଦ୍ଧତିକୁ ସେ ଅନୁସରଣ କରିବା ନିମନ୍ତେ କୃଷି ବୈଜ୍ଞାନିକମାନଙ୍କର ପିଢ଼ି ପରେ ପିଢ଼ିଙ୍କୁ ପ୍ରେରଣା ଯୋଗାଇ ଥିଲେ । ସ୍ୱାଧୀନୋତ୍ତର ଭାରତବର୍ଷରେ ଆଜି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ରହି ଆସିଥିବା ସମସ୍ତଙ୍କ ସହିତ ସେ କାର୍ଯ୍ୟ କରିଥିଲେ ଏବଂ ପ୍ରତ୍ୟେକଟି ଜାତୀୟ ଖାଦ୍ୟ ସୁରକ୍ଷା ପଦକ୍ଷେପର ସେ ଥିଲେ ଏକ ଅଂଶ । କୃଷିଜାତ ଉତ୍ପାଦଗୁଡ଼ିକର ସର୍ବନିମ୍ନ ସହାୟତା ମୂଲ୍ୟ ପ୍ରଦାନ ନିମନ୍ତେ ତାଙ୍କ ଦ୍ୱାରା ଏକ ସୂତ୍ର ଆବିଷ୍କାର କରାଯାଇଥିଲା, କୃଷକମାନଙ୍କ ନିମନ୍ତେ ଗଠିତ ଜାତୀୟ କମିଶନ୍‌ରେ ତାଙ୍କର ଅଧ୍ୟକ୍ଷତା କାଳରେ, ଯାହା ସାମ୍ପ୍ରତିକ ସରକାରଙ୍କ ଦ୍ୱାରା ଅନୁସୃତ ହେଉଛି, ଯଦିଓ ଏହାର ତର୍ଜମା କ୍ଷେତ୍ରରେ କିଛିଟା ଭିନ୍ନତା ଅବଲମ୍ବନ କରାଯାଉଛି । ଦେଶର କୃଷିକ୍ଷେତ୍ର, କୃଷକ ଓ ସାଧାରଣ ଲୋକଙ୍କ ଖାଦ୍ୟ ସୁରକ୍ଷା ପାଇଁ ତାଙ୍କର ସମଗ୍ର ଜୀବନ ଉତ୍ସର୍ଗୀକୃତ ଥିଲା । ପରିପୋଷଣୀୟ କୃଷି କ୍ଷେତ୍ରରେ ସେ ଥିଲେ ଜଣେ ବୈଶ୍ୱିକ ନେତା। ଏଥିପାଇଁ ସେ ଆନ୍ତର୍ଜାତିକ ସ୍ତରର ଖ୍ୟାତିସମ୍ପନ୍ନ ବୈଜ୍ଞାନିକ ନରମ୍ୟାନ୍ ବୋରଲରଙ୍କ ସହିତ ସହଯୋଗ କରି କୃଷି ନୀତିମାନ ପ୍ରସ୍ତୁତ କରିଥିଲେ, ଯେଉଁଗୁଡ଼ିକ କେବଳ ଭାରତ ଭିତରେ ସୀମିତ ନୁହେଁ, ସମଗ୍ର ବିଶ୍ୱ ପାଇଁ ଉଦ୍ଦିଷ୍ଟ। ପ୍ରସିଦ୍ଧ ଟାଇମ୍ ପତ୍ରିକାଦ୍ୱାରା ଡକ୍ଟର ସ୍ୱାମୀନାଥନ୍ ବିଂଶ ଶତାବ୍ଦୀର ପ୍ରଭାବଶାଳୀ ୨୦ ଜଣ ଏସୀୟ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଥିଲେ ବୋଲି ସ୍ୱୀକାର କରାଯାଇଥିବା ବେଳେ ଭାରତର ଯେଉଁ ତିନିଜଣ ପ୍ରଭାବଶାଳୀ ବ୍ୟକ୍ତି ଏହି ପତ୍ରିକାରେ ସ୍ଥାନ ପାଇଥିଲେ, ସେମାନଙ୍କ ମଧ୍ୟରେ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ କବିଗୁରୁ ରବୀନ୍ଦ୍ରନାଥ ଠାକୁରଙ୍କ ପରେ ସେ ଥିଲେ ତୃତୀୟ ବ୍ୟକ୍ତି । ନିଜର ଜୀବଦ୍ଦଶାରେ ଡକ୍ଟର ସ୍ୱାମୀନାଥନ୍ ଭାରତ ସରକାରଙ୍କର ଅନେକଗୁଡ଼ିଏ ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ ଥିଲେ ଏବଂ ନିଜର କୃତୀ ନିମନ୍ତେ ଅନେକ ଜାତୀୟ ଓ ଆନ୍ତର୍ଜାତିକ ପୁରସ୍କାର ଓ ସମ୍ମାନରେ ବିଭୂଷିତ ହୋଇଥିଲେ । ସେ ଥିଲେ ଭାରତମାତାର ଜଣେ ସୁଯୋଗ୍ୟ ସନ୍ତାନ । ଜୀବଦ୍ଦଶାରେ ନହେଲେ ସୁଦ୍ଧା ତାଙ୍କର ଦେହାନ୍ତ ପରେ ସରକାର ତାଙ୍କୁ ମରଣୋତ୍ତର ଭାବେ ଭାରତ ରତ୍ନ ଉପାଧି ପ୍ରଦାନ କରିବା ହେବ ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

# ଆଫ୍ରିକାର ସମ୍ମାନ ପାଇଁ ସଂଗ୍ରାମ



### ସୌମେନ୍ଦ୍ର ଜେନା

ନୂଆଦିଲ୍ଲୀରେ ଅନୁଷ୍ଠିତ ଜି୨୦ ବୈଠକରେ ପ୍ରଥମକରି ଆଫ୍ରିକା ୟୁନିଅନକୁ ସଦସ୍ୟ ଭାବେ ଗ୍ରହଣ କରାଯାଇଥିଲା । ଆଫ୍ରିକାର ୫୫ ଦେଶର ଏହି ଗୋଷ୍ଠୀକୁ ଆଜି ଯାଏଁ ବିଶ୍ୱର ଅନେକ ଗୋଷ୍ଠୀରେ ଅଣଦେଖା କରାଯାଇଆସିଛି । ଜି୨୦ ବୈଠକର ଆରମ୍ଭରେ ଆଫ୍ରିକୀୟ ୟୁନିଅନର ଅଧ୍ୟକ୍ଷ ଅଜାଲି ଆସୌମାନୀଙ୍କୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୧ତମ ସଦସ୍ୟ ଭାବେ ଆସନ ଗ୍ରହଣ କରିବାକୁ ଜି୨୦ର ଅଧ୍ୟକ୍ଷ ଭାବେ ଘୋଷଣା କରିଥିଲେ । ଗତ ସାତବର୍ଷ ଧରି ଆଫ୍ରିକୀୟ ୟୁନିଅନକୁ ସଦସ୍ୟ କରାଯିବା ଲାଗି ଦାବି ହୋଇ ଆସୁଥିଲା ।

ଏଠାରେ ଉଲ୍ଲେଖ କରିବାର କଥା ହେଲା ଯେ ଆଫ୍ରିକାର ୫୫ ଦେଶରେ ୧୩୦କୋଟି ଜନତା ରହିଛନ୍ତି । ୨୦୫୦ ବେଳକୁ ଆଫ୍ରିକାର ଜନସଂଖ୍ୟା ପୃଥିବୀର ଏକ ଚତୁର୍ଥାଂଶ ହେବ । ଆଫ୍ରିକାର ବିକାଶ ପାଇଁ ଅଧିକ ସମ୍ବଳ ଆବଶ୍ୟକ ହେଉଥିବା ସମୟରେ ୟୁରୋପ ଏବଂ ଆମେରିକା କେବଳ ଖଣିଜପଦାର୍ଥ ନେବା ବ୍ୟତିରେକ ବିକାଶମୁଖୀ ଯୋଜନାରେ ଅଧିକ ନିବେଶ କରିବାକୁ ଆଗ୍ରହୀ ନାହାନ୍ତି । ତେଣୁ ଚୀନ ଏହାର ଫାଇଦା ନେଇ ସବୁଠୁ ଅଧିକ ଋଣ ଦେବା ସହ ଆଫ୍ରିକୀୟ ରାଷ୍ଟ୍ରଗୁଡିକର ବଡ ବାଣିଜ୍ୟିକ ସହଯୋଗୀ ହେବାବେଳେ ଋଷିଆ ଅସ୍ତ୍ରଶସ୍ତ୍ର ଯୋଗାଣକାରୀ, ମଧ୍ୟପ୍ରାଚ୍ୟ ରାଷ୍ଟ୍ରଗୁଡିକ ବଡ ନିବେଶକାରୀ ହୋଇଛନ୍ତି । ତୁର୍କୀର ସବୁଠୁ ବଡ ସେନା ଛାଉଣୀ ରାଷ୍ଟ୍ର ବାହାରେ ଆଫ୍ରିକାର ସୋମାଲିଆରେ ରହିଛି । ଆଫ୍ରିକାର ରାଷ୍ଟ୍ର ସମୂହ ବିଶ୍ୱର ଯୁଦ୍ଧ, ସନ୍ତ୍ରାସବାଦ, କ୍ଷୁଧା ଓ ବିପର୍ଯ୍ୟୟର ଶିକାର ହୋଇଆସିଛନ୍ତି । ଅନ୍ୟ ରାଷ୍ଟ୍ରଗୁଡିକର ସଂକଟ ଯୋଗୁ ଏମାନେ ପ୍ରଭାବିତ ହୋଇଛନ୍ତି ।

ଜି୨୦ର ସଦସ୍ୟ ହେଲାପରେ ଆଫ୍ରିକା ସବୁଠୁ ବଡ ମୁକ୍ତ ବାଣିଜ୍ୟ ଅଞ୍ଚଳ ଭାବେ ସୁଯୋଗ ନେଇ ଛିଡା ହୋଇଛି । ବିକଳ୍ପ ଶକ୍ତିର ୬୦ ପ୍ରତିଶତ ଉତ୍ସ ଆଫ୍ରିକାରେ ରହିଛି । ବିଶ୍ୱର ଗଚ୍ଛିତ ଖଣିଜ ପଦାର୍ଥ ମଧ୍ୟରୁ ମୋଟ କୋବାଲ୍ଟର ପ୍ରାୟ ଅଧା କେବଳ କଙ୍ଗୋରେ ରହିଛି । ଲିଥିୟମ ଆୟନ ବ୍ୟାଟେରୀ ପ୍ରସ୍ତୁତିରେ କୋବାଲ୍ଟ ମୁଖ୍ୟ ଧାତୁ । ଅଥଚ ବିକଶିତ ରାଷ୍ଟ୍ରଗୁଡିକ ଆଫ୍ରିକାର ଖଣିଜ ସଂପଦ ବୋହି ନେଉଥିଲେ ମଧ୍ୟ ସେଠାରେ ଉତ୍ପାଦନଭିତ୍ତିକ କାରଖାନା ବସାଇବା ଚିନ୍ତା କରୁନଥିବାରୁ ସେମାନେ ଅଧିକ କିଛି ଲାଭ ପାଇପାରୁନାହାନ୍ତି । ବିକଶିତ ରାଷ୍ଟ୍ର ବାର୍ଷିକ ୧୦୦ ବିଲିଅନ ଡଲାର ଜଳବାୟୁ ପରିବର୍ତ୍ତନର ପାଣ୍ଠିକୁ ଦେବେ ବୋଲି ପୂର୍ବରୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାକୁ ପାଳନ କରୁନଥିବାରୁ ଆଫ୍ରିକାର ଅନେକ ରାଷ୍ଟ୍ର ଏଥିରୁ ସୁବିଧା ପାଇପାରୁନାହାନ୍ତି । ଆର୍ଥିକ ଅବ୍ୟବସ୍ଥା, ବେରୋଜଗାର, ଯୋଗାଣଜନିତ ଅସୁବିଧା, ଦୁର୍ବଳ କୃଷିର ସ୍ଥିତି ଯୋଗୁ ଆଫ୍ରିକାର ଅନେକ ରାଷ୍ଟ୍ରରେ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ନିର୍ବାଚିତ ସରକାର ଜନତାଙ୍କ ଆଶାଆକାଂକ୍ଷାକୁ ପୂରଣ କରିବାକୁ ଅସମର୍ଥ ହେଉଛନ୍ତି । ତେଣୁ ଅନେକ ରାଷ୍ଟ୍ରରେ ବାରମ୍ବାର ବିଦ୍ରୋହ, କ୍ଷମତାର ପରିବର୍ତ୍ତନ, ଗୋଷ୍ଠୀଗତ ରାଜନୈତିକ ସଂଘର୍ଷ ଦେଖାଦେଇଛି ।

ଜି୨୦ରେ ଆଫ୍ରିକାକୁ ସାମିଲ କରିବାକୁ ଭାରତ ଅଧ୍ୟକ୍ଷ ଦାୟିତ୍ୱରେ ଥାଇ ସଦସ୍ୟ ରାଷ୍ଟ୍ରଗୁଡିକୁ ପ୍ରସ୍ତାବ ଦେଇଥିଲା । ଏପରିକି ଅକ୍ଟୋବର ୨୦୧୫ରେ ୩ୟ ଭାରତ-ଆଫ୍ରିକା ଆଲୋଚନା ବେଳେ ନୂଆଦିଲ୍ଲୀରେ ଏକତ୍ର ହୋଇଥିବା ୪୦ଜଣ ଆଫ୍ରିକୀୟ ରାଷ୍ଟ୍ର ମୁଖ୍ୟ ଏ ସଂକ୍ରାନ୍ତରେ ଉଦ୍‌ବେଗ ପ୍ରକାଶ କରିଥିଲେ । ଭାରତର ପ୍ରଧାନମନ୍ତ୍ରୀ ନିଜପକ୍ଷରୁ ଜାତିସଂଘରେ ଆଫ୍ରିକୀୟ ରାଷ୍ଟ୍ରମାନଙ୍କର ଅଧିକ ଭାଗିଦାରୀ ଉପରେ ବାରମ୍ବାର ଯୁକ୍ତି ବାଢି ଆସିଛନ୍ତି । ନିଜ ଶାସନକାଳର ୯ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଫ୍ରିକାର ୧୦ଟି ଦେଶକୁ ଗସ୍ତ କରିଛନ୍ତି । ଗତ ଜୁନ୍ ୨୦୨୩ରେ ଆଫ୍ରିକୀୟ ୟୁନିଅନକୁ ଜି୨୦ରେ ସାମିଲ କରିବାଲାଗି ନରେନ୍ଦ୍ର ମୋଦି ପ୍ରସ୍ତାବ ଦେଇଥିଲେ। ଚଳିତ ବର୍ଷ ଜାନୁଆରୀ ୨୦୨୩ରେ ଭଏସ୍ ଅଫ୍ ଗ୍ଲୋବାଲ ସାଉଥ୍ ଶିଖର ବୈଠକରେ ଆଫ୍ରିକାର ୫୫ ଦେଶ ଯୋଗ ଦେଇଥିଲେ । ଗତ ଜୁଲାଇ ମାସରେ କର୍ଣ୍ଣାଟକର ହାମ୍ପିଠାରେ ଅନୁଷ୍ଠିତ ତୃତୀୟ ସେର୍ପା ବୈଠକ ବେଳେ ଜି୨୦ର ସରକାରୀ ପ୍ରସ୍ତାବରେ ଆଫ୍ରିକୀୟ ୟୁନିଅନର ସଦସ୍ୟତାକୁ ସମର୍ଥନ ଦେବାଲାଗି କଥା ଉଠିଥିଲା । ଭାରତ ଦକ୍ଷିଣ ବିଶ୍ୱର ବିକାଶକୁ କେନ୍ଦ୍ର କରି ବାରମ୍ବାର ବିଶ୍ୱମଞ୍ଚରେ ଯୁକ୍ତି ବାଢିଆସୁଛି । ଏଥିପାଇଁ ଜାତିସଂଘ ସାଧାରଣ ପରିଷଦର ମୁଖ୍ୟ ଡେନିସ୍ ଫ୍ରାନ୍‌ସିସ୍ କହିଛନ୍ତି ଯେ ଭାରତର ନେତୃତ୍ୱରେ ଆୟୋଜିତ ଜି୨୦ ବୈଠକରେ ଭାରତ ମାର୍ଗଦର୍ଶକ ପରି କାର୍ଯ୍ୟ କରିଛି । ମହିଳା ନେତୃତ୍ୱ ଆଧାରିତ ଗଣତନ୍ତ୍ର ପାଇଁ ଭାରତ ଅନ୍ୟମାନଙ୍କ ପାଇଁ ମାଇଲଖୁଣ୍ଟ ହୋଇଛି । ଦେଖିବାକୁ ଗଲେ ମୋଦିଜୀଙ୍କ ସବ୍‌କା ସାଥ୍, ସବ୍‌କା ବିକାଶ ବିଚାର ଏହା ପଛରେ ରହିଛି। ୨୦୨୪ରେ ଜି୨୦ ଅଧ୍ୟକ୍ଷ ବ୍ରାଜିଲ ହୋଇଛି । ୨୦୨୫ର ଅଧ୍ୟକ୍ଷ ଦକ୍ଷିଣ ଆଫ୍ରିକା ହେବ ।


ଚଳିତ ବର୍ଷ ଜି୨୦ର ସଦସ୍ୟ ହେଲାପରେ ଆଫ୍ରିକା ମହାଦେଶ ପ୍ରଥମଥର ପାଇଁ ୟୁରୋପୀୟ ୟୁନିଅନସହ ଏକାଠି ବସିବାର ସୁଯୋଗ ପାଇଲା । ଏହି ଗୋଷ୍ଠୀରେ ପୃଥିବୀର ବିକଶିତ ଏବଂ ବିକାଶଶୀଳ ରାଷ୍ଟ୍ର ଗୋଷ୍ଠୀରେ ଥାଇ ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ସୁରକ୍ଷା,ଶକ୍ତି, ନିର୍ମାଣ, ଢାଞ୍ଚାଗତ ବିକାଶ, ଉତ୍ପାଦନ, କୃଷି ଆଦି ବିବିଧ କ୍ଷେତ୍ରରେ ବିକାଶ ପାଇଁ ଆଫ୍ରିକା ଅର୍ଥ ଓ ସହଯୋଗ ଲାଭ କରିବ । ନୂତନ ଜ୍ଞାନକୌଶଳ, ଟେକ୍‌ନୋଲୋଜିର ଆବଶ୍ୟକ ଥିଲାବେଳେ ଏହିସବୁ ଦେଶ ବିକାଶ ପାଇଁ ନୂତନ ପଦକ୍ଷେପ ନେଇପାରିବେ । ଜି ୨୦ର ସଦସ୍ୟତା ଲାଭ କରିବା ପରେ କେନିଆର ରାଷ୍ଟ୍ରପତି ୱିଲିୟମ ରୁଟୋ, ନାଇଜେରିଆର ରାଷ୍ଟ୍ରପତି ବୋଲା ଅହମ୍ମଦ ଟିନୁବୁ, ଆଫ୍ରିକାନ ୟୁନିଅନ କମିଶନର ଅଧ୍ୟକ୍ଷ ମୌସା ଫାକୀ ମହମ୍ମଦ ଆଦି ନେତୃବୃନ୍ଦ ବେଶ୍ ଖୁସିଥିବା ଜଣାଯାଇଛି ।

ଖଣିଜ ସଂପଦରେ ଭରା ଏହି ମହାଦେଶ ନିଜର ବିକାଶ, ଗଣତନ୍ତ୍ରର ସୁରକ୍ଷା, ବିଦେଶୀ ଶୋଷଣରୁ ଆତ୍ମରକ୍ଷା ପାଇଁ ଭାରତ ପରି ରାଷ୍ଟ୍ରମାନଙ୍କର ବୁଦ୍ଧି କୌଶଳ ଓ କୂଟନୀତିକ ସହଯୋଗ ପାଇପାରିବ। ଆଫ୍ରିକାର ଆର୍ଥିକ ବିକାଶ ଠିକଣା ବାଟକୁ ଆସିଲେ ବିଶ୍ୱ ଅର୍ଥନୀତିର ବେଗ ଦ୍ରୁତତର ହେବ । କଠିନ ପରିଶ୍ରମୀ ଏହି ମହାଦେଶର ଲୋକେ ଉଚିତ ମାର୍ଗଦର୍ଶନ ପାଇ ଆତ୍ମନିର୍ଭର ହେବାଲାଗି ସକ୍ଷମ ହେଲେ ଢେର କିଛି କରିପାରିବେ । ନିଜ ଖଣିଜ ସଂପଦର ଉପଯୋଗ କରି ସ୍ଥାନୀୟ ଉତ୍ପାଦନ ବୃଦ୍ଧି କରିବା ସହ ରୋଜଗାର ବୃଦ୍ଧି କରିପାରିଲେ ସମାଜରୁ ଆର୍ଥିକ ବିସମତା କ୍ରମଶଃ ହ୍ରାସ ପାଇବ । ଲୋକେ ଶିକ୍ଷା ଓ ରୋଜଗାର ପ୍ରତି ସଚେତନ ରହିଲେ ଦ୍ୱନ୍ଦ୍ୱ ଓ ସଂଘର୍ଷରୁ ଦୂରେଇ ରହିବେ। ରାଜନୈତିକ ସ୍ଥିରତା, ଆଭ୍ୟନ୍ତରୀଣ ସୁରକ୍ଷା ସୁଦୃଢ ହେଲେ ବିଦେଶୀ ପୁଞ୍ଜିନିବେଶ ବଢିବ ଏଥିରେ ସନ୍ଦେହ ନାହିଁ । କିନ୍ତୁ ୨୦୨୦ ପରଠାରୁ ଆଫ୍ରିକାର ଗୋଟିଏ ପରେ ଗୋଟିଏ ଦେଶ ଏମିତି ୭ଟି ଦେଶରେ ସରକାରକୁ କ୍ଷମତାଚ୍ୟୁତ କରି ସାମରିକ ଶାସନ ପ୍ରତିଷ୍ଠା ହେବା ଦ୍ୱାରା ଅଧିକ ସନ୍ଦେହ ସୃଷ୍ଟି ହୋଇଛି । ୧୯୫୨ ପରବର୍ତ୍ତୀ ସମୟରେ ଆଫ୍ରିକାରେ ବାରମ୍ବାର ସେନା ବିଦ୍ରୋହ ହେବା ଦେଖାଦେଇଛି । । ବୁରୁଣ୍ଡି (୧୧), ବୁର୍କିନାଫାସୋ(୧୦), ସିଏରାଲିଓନ(୧୦), ଘାନା(୧୦), ସୁଦାନ (୧୭), କୋରୋମସ(୯), ନାଇଜର (୯), ନାଇଜେରିଆ(୮), ଚାଦ (୮), ବେନିନ (୮), ମାଲି(୮), ଗିନିଆ ବିସାଉ (୯) ଆଜି ଦେଶ ଏହି ତାଲିକାରେ ରହିଛନ୍ତି। ୧୯୬୦ -୨୦୨୨ମଧ୍ୟରେ ଆଫ୍ରିକାରେ ୨୦୦ଥର ସାମରିକ ବିଦ୍ରୋହ ହୋଇଛି । ତେବେ ଏହା ଯେମିତି ଏକ ଫେସନ ପାଲଟିଛି ତାହା ଚିନ୍ତାର କାରଣ । ଏହା ପଛରେ ସମାଜର ଆଧୁନିକୀକରଣ, ସାଂସ୍କୃତିକ ବିବିଧତା, ଯବାନଙ୍କ ଲୋଭ, ଦୁର୍ବଳ ପ୍ରଶାସନ, ଦୁର୍ନୀତି, ଏକଛତ୍ରବାଦ, ସ୍ୱଳ୍ପ ଆର୍ଥିକ ବିକାଶ, କମ୍ ରୋଜଗାର ମୁଖ୍ୟ କାରଣ ହୋଇଛି । ନିକଟରେ ୨୦୨୦ରୁ ୨୦୨୩ ମଧ୍ୟରେ ମାଲି (ଅଗଷ୍ଟ ୨୦୨୦), ଚାଦ (ଏପ୍ରିଲ ୨୦୨୧), ଗିନି (ସେପ୍ଟେମ୍ବର ୨୦୨୧), ସୁଦାନ (ଅକ୍ଟୋବର ୨୦୨୧), ବୁର୍କିନାଫାସୋ (ଜାନୁଆରୀ ୨୦୨୨), ନାଇଜର (ଜୁଲାଇ ୨୦୨୩), ଗାବନ (ଅଗଷ୍ଟ ୨୦୨୩)ରେ ସାମରିକ ବିଦ୍ରୋହ ସଂଗଠିତ ହୋଇଛି । ଆଫ୍ରିକାର ରାଷ୍ଟ୍ରଗୁଡିକ ୟୁରୋପୀୟ ରାଷ୍ଟ୍ରକୁ ଘୃଣାକଲେ ମଧ୍ୟ ସେମାନଙ୍କ ସହ ନିକଟତର ରହିଆସିଛନ୍ତି । କାରଣ ସେମାନେ ପରସ୍ପର ନିର୍ଭରଶୀଳ । ଏହି ମହାଦେଶରେ ଚୀନ ଓ ଭାରତପରି ଏସିଆର ଦୁଇଟି ଜନବହୁଳ ରାଷ୍ଟ୍ର ଆଫ୍ରିକାରେ ପ୍ରଭାବ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଆଫ୍ରିକୀୟ ୟୁନିଅନ ତୁଳନାତ୍ମକ ଦୃଷ୍ଟିରୁ ଏସିଆର ରାଷ୍ଟ୍ରଗୁଡିକଠାରୁ ସୁବିଧାରେ ସହଯୋଗ ପାଇପାରିବେ । କେବଳ ସେମାନେ ପାରସ୍ପରିକ ସହଯୋଗ ରକ୍ଷା କରିପାରିଲେ ଏହି ଦୁଇ ବଡ ରାଷ୍ଟ୍ର ଅଧିକ ପୁଞ୍ଜିନିବେଶ ସହ ବହୁବିଧ ବିକାଶ କ୍ଷେତ୍ରରେ ଅଧିକ ବିଶ୍ୱାସର ସହ କାର୍ଯ୍ୟ କରିପାରିବେ । ଆଫ୍ରିକାର ଦେଶଗୁଡିକ ଦ୍ୱିପାକ୍ଷିକ ବାଣିଜ୍ୟ କ୍ଷେତ୍ରରେ ଏସିଆର ରାଷ୍ଟ୍ରଗୁଡିକର ଅଧିକ ନିକଟତର ହୋଇ ବିକାଶର ଏକ ରୋଡ ମ୍ୟାପ ପ୍ରସ୍ତୁତ କରିବା ଦରକାର।

ପୃଥିବୀ ପାଇଁ ଆଫ୍ରିକାର ମହତ୍ତ୍ୱ ଅଧିକ ରହିଛି । ପୃଥିବୀର ୪୦ ପ୍ରତିଶତ ସୁନା ଏବଂ ୯୦ ପ୍ରତିଶତ କ୍ରୋମିୟମ ଓ ପ୍ଲାଟିନମର ଭଣ୍ଡାର ଆଫ୍ରିକାରେ ରହିଛି । ପୃଥିବୀର ୧୦ ପ୍ରତିଶତ ସ୍ୱଚ୍ଛ ଜଳଉତ୍ସ ଏବଂ ୧୦ ପ୍ରତିଶତ ଉର୍ବର ଭୂମି ଏହି ମହାଦେଶରେ ରହିଛି । ୨୦୫୦ ସୁଦ୍ଧା ମହାଦେଶର ଜିଡିପି ୨୯ ଟ୍ରିଲିଅନ ହେବ ବୋଲି ଆକଳନ କରାଯାଉଛି । ପୃଥିବୀର ୬୦ ପ୍ରତିଶତ ଖଣିଜ ସଂପଦ ଏହି ମହାଦେଶରେ ଗଚ୍ଛିତ ରହିଛି । ମରିସସ୍, ବୋତସୱାନା, କେପ୍ ଭେର୍ଡେ, ନାମିବିଆ ଆଦି ଦେଶରେ ସୁସ୍ଥ ଗଣତନ୍ତ୍ର ଚାଲୁରହିଛି । ଅନ୍ୟ ରାଷ୍ଟ୍ରଗୁଡିକ ଏହିସବୁ ଦେଶପରି ଚାଲିପାରିଲେ ପରିସ୍ଥିତି ଅଧିକ ବିକାଶମୁଖୀ ହେବ । ଭୌଗୋଳିକ ଦୃଷ୍ଟିରୁ ଦେଖିଲେ ଆଫ୍ରିକା ମହାଦେଶ ବିଶ୍ୱର ମୋଟ କ୍ଷେତ୍ରଫଳର ୨୦.୨ ପ୍ରତିଶତ ଅଞ୍ଚଳରେ ପରିବ୍ୟାପ୍ତ । ମହାଦେଶର ୩ଭାଗରୁ ୧ଭାଗ ମରୁଭୂମି । ବିଶ୍ୱର ସବୁଠୁ ବଡ ହୀରାଖଣି କିମ୍ବର୍ଲି, ବଡ ଜଳପ୍ରପାତ ଭିକ୍ଟୋରିଆ, ଅଧିକ ଜଳ ପ୍ରଦାନ କରୁଥିବା ନଦୀ ଜାୟରେ । (କଙ୍ଗୋ) ଦୀର୍ଘ ନଦୀ ନୀଳନଦୀ, ଉଚ୍ଚ ପର୍ବତ କିଲିମଞ୍ଜାରୋ ଆଦି ରହିଛି । ତୈଳ ଉତ୍ପାଦନରେ ନାଇଜେରିଆ, ଲିବ୍ୟା, ଅଲଜେରିଆ, ଇଜିପ୍ଟ , ଆଙ୍ଗୋଲା, ଗାବନ, କାମେରୁନ, ଟୁନିସିଆ, ଗିନିଆ, ଆଇଭରି କୋଷ୍ଟ, ଘାନା ପ୍ରଭୃତି ରାଷ୍ଟ୍ର ରହିଛନ୍ତି ଆମେରିକା, କାନାଡା, ଅଷ୍ଟ୍ରେଲିଆ, ଫ୍ରାନ୍ସ, ବ୍ରିଟେନ, ଚୀନ ଆଦି ରାଷ୍ଟ୍ର ଆଫ୍ରିକାରୁ ପ୍ରଚୁର ପରିମାଣରେ ଖଣିଜ ସଂପଦ ଉତ୍‌ଖନନ କରୁଛନ୍ତି ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ମୋବାଇଲ ବ୍ୟବହାର ଉପରେ ସରକାରଙ୍କ ତରଫରୁ କିଛି ଆଇନ ଆସିବା ଉଚିତ କି?



### ସୁବ୍ରତ କର

ଏବେ ଛୋଟରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କ ହାତରେ ମୋବାଇଲ । ଏପରିକି ୪-୫ ବର୍ଷର ପିଲା ମଧ୍ୟ ମୋବାଇଲ ବ୍ୟବହାର କରିବା ଦେଖାଯାଉଛି । ଏଥିରେ ମା, ବାପା ମାନେ ଗର୍ବ ଅନୁଭବ କରୁଛନ୍ତି ଯେ ତାଙ୍କର ଏତେ ଛୋଟପିଲା ବ୍ୟବହାର କରି ପାରୁଛି । ଛୋଟବେଳେ ବା ନୂଆନୂଆ ସବୁ ଜିନିଷ ଭଲ ଲାଗେ କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଏହାର କୁପ୍ରଭାବକୁ ସମ୍ଭାଳିବା କାଠିକର ପାଠ ହୋଇଥାଏ । ଯେ କୌଣସି ସ୍କୁଲ ଯାଉଥିବା ପିଲାଙ୍କଠାରେ ମୋବାଇଲ ପ୍ରାୟ ଥାଏ । ନିଶ୍ଚିତ ଅନେକ ସ୍କୁଲ ଏହା ଉପରେ ଅଙ୍କୁଶ ଲଗାଇ ରଖିଛନ୍ତି । ନିଜ ପାଖରେ ମୋବାଇଲ ରଖିବା ଏବେ ଏକ ସମ୍ମାନର ପ୍ରଶ୍ନ ଏବଂ ପୁଣି କି ପ୍ରକାରର ମୋବାଇଲ ଏବଂ ଏଥିରେ କି କି ପ୍ରକାରର ସୁବିଧାମାନ ଅଛି । ଯେତେବେଶି ସୁବିଧା ସେତେ ଅଧିକା ଦାମ । ଏବେ ପ୍ରଶ୍ନ ଉଠୁଛି ପିଲାଙ୍କ ହାତରେ ମୋବାଇଲ ରହିବା ଠିକ୍ ନା ଭୁଲ ? ଅନେକ ପିତାମାତାଙ୍କ ଯୁକ୍ତ ରହିପାରେ ଯେ ଆଜିକାଲି ପିଲାଙ୍କ ପାଖରେ ମୋବାଇଲ ରହିଲେ ମା, ବାପାମାନେ ନିଶ୍ଚିନ୍ତ । ଯେ କୌଣସି ଅବସ୍ଥାରେ ପିଲା ବାହାରେ ରହିଲେ ମୋବାଇଲ ଏକମାତ୍ର ଯନ୍ତ୍ର ପିଲାର ଅବସ୍ଥା ଏବଂ ଠିକଣା ବିଷୟରେ ଶିଘ୍ର ଜାଣିହୁଏ । ଏଇଟା ନିଶ୍ଚୟ ଯଦି ମୋବାଇଲକୁ ଠିକ୍ ଭାବରେ ବ୍ୟବହାର କରାହୁଏ ଏବଂ ଦରକାର ବେଳେ ଏହା ନିଶ୍ଚିତ ବହୁ ଚିନ୍ତାରୁ ମା, ବାପାଙ୍କୁ ଚିନ୍ତାମୁକ୍ତ କରିଥାଏ । ଏବେ ଆସିବା ଏହାର ଖରାପ ବ୍ୟବହାର ଆଡ଼କୁ । ପିଲାମାନେ (ପୁଅ ହେଉ ବା ଝିଅ) ଅପବ୍ୟବହାର ହେଲେ (ଏବେ ଏଇଟା ବେଶି ହେଉଛି) ମା ବାପାମାନଙ୍କୁ କାନ୍ଦି କାନ୍ଦି ଦିନ କଟାଇବାକୁ ପଡ଼ିଥାଏ । ଏହାର ବହୁତ ପ୍ରକାରର ଉଦାହରଣ ଅଛି କିନ୍ତୁ ଏବେ ଆମ ଜିଲ୍ଲାର ସୋରଠାରେ ଘଟିଥିବା ଏକ ଘଟଣାକୁ ଆପଣମାନଙ୍କ ଆଗରେ ରଖୁଛି । ସୋରଠାରେ ଗୋଟାଏ ପରିବାରର ଜଣେ ନାବାଳିକା ଏବଂ ଜଣେ ଯୁବତୀଙ୍କର ଗାଧଉଥିବା ଅବସ୍ଥାରେ ତିନିଜଣ ନାବାଳକ ଏକ ଛିଦ୍ରରେ ଅର୍ଦ୍ଧ ଉଲଗ୍ନ ଭିଡିଓ ଉତ୍ତୋଳନ କରି ସେହି ଭିଡିଓକୁ ସାମାଜିକ ଗଣମାଧ୍ୟମରେ ପ୍ରଘଟ କରିଛନ୍ତି । ଏହି କାର୍ଯ୍ୟରେର ଜଣେର ଇଂଜନିୟରିଂ ଛାତ୍ର ସହଯୋଗ କରିଥିବା ଖବର ଅଛି । ଏହି ଦୁଇ କଲେଜ ଛାତ୍ରୀଙ୍କ ପରିବାର ପକ୍ଷରୁ ପୁଲିସ ଅଭିଯୋଗ କରିବାରେ ବିଶେଷ କିଛି ଫଳ ନ ହେବାରୁ ସେମାନେ ଜିଲ୍ଲାର ମହିଳା ସୁପରିଟେଡେଣ୍ଟ ପୁଲିସଙ୍କ ଦୃଷ୍ଟିରୁ ଆଣିଲା ପରେ ନାବାଳକମାନେ ଏବଂ ଇଂଜିନିଅରିଂ ଛାତ୍ରଟିକୁ ପୁଲିସ ଗିରଫ କରିଥିଲେ । ତେବେ ଇଂଜିନିଅରିଂ ଛାତ୍ରଟି ଜାମିନରେ ଛାଡ଼ ପାଇଛି ଏବଂ ପରିଶେଷରେ ଏହି ଦୁଇ କଲେଜ ଛାତ୍ରୀମାନେ କଲେଜ ଗଲା ପରେ ଅଭିଯୁକ୍ତ ମାନଙ୍କ ଏବଂ ତାଙ୍କର ସାଙ୍ଗମାନେ ଧମକ ଦେବା ସହିତ କମେଣ୍ଟ ସବୁ ମାରିଥିଲେ । ଶେଷରେ ଏହି ଦୁଇ ଛାତ୍ରୀ କଲେଜ ଯିବା ବନ୍ଦ କରିଛନ୍ତି ଏବଂ ପାଠ ପଢ଼ାରେର ଡୋରି ବାନ୍ଧି ଦେଇଛନ୍ତି । ପୁଣି ପ୍ରଶ୍ନ ଉଠୁଛି ଏହା ପାଇଁ ଦାୟୀ କିଏ ? ମୋ ମତରେ ଯଥାଶୀଘ୍ର ଏହା ଉପରେ ଚିନ୍ତାବ୍ୟକ୍ତ କରି କିଛି ଗୋଟାଏ କରିବା ଦରକାର । ସବୁଠୁ ଭଲ ହୁଅନ୍ତା ଯେପରି ୧୮ବର୍ଷ ତଳେ ପିଲାମାନେ ଗାଡ଼ି ଚଳେଇ ପାରିବେ ନାହିଁ କାରଣ ତାଙ୍କୁ ସରକାରଙ୍କ ତରଫରୁ ଲାଇସେନ୍‌ସ ଦିଆ ହୁଏନାହିଁ ସେହିପରି ମୋବାଇଲ ବ୍ୟବହାର ଉପରେ କିଛି କରିବାର ଆବଶ୍ୟକତା ରହିଛି ।




## ହେ ଶାସ୍ତ୍ରୀ ତୁମେ ତ ଶାସ୍ତ୍ରଜ୍ଞ

### ନୂତନ କୁମାର ବେହେରା

ହେ ଶାସ୍ତ୍ରୀ ! ତୁମେ ତ ଶାସ୍ତ୍ରଜ୍ଞ
ଜ୍ଞାନ ଗାରିମାରେ ସୁବିଚାରରେ ବିଜ୍ଞ ଅଭିଜ୍ଞ
ବିରଳ ବ୍ୟକ୍ତିତ୍ୱର ପ୍ରତ୍ୟକ୍ଷ ପ୍ରମାଣ
ତୁମେ ମହାନ ପ୍ରତିଭାର ଥିଲ ଅଧିକାରୀ
ଆଦର୍ଶ କର୍ମରେ ଉତ୍ସର୍ଗୀକୃତ ତୁମ ଜୀବନ
ସ୍ୱରାଜ୍ୟ ପ୍ରୀତି ଦେଶଭକ୍ତିରେ ତୁମେ ଅନନ୍ୟ
ମହାନ ଜାତୀୟତାବାଦର ପ୍ରଦର୍ଶକ ମାର୍ଗଦର୍ଶକ
ତୁମ ଗୁଣ ଚରିତ୍ର ଇତିହାସେ ଅକ୍ଷୟ ଅମ୍ଳାନ
ତୁମ ଜନ୍ମ ଜୟନ୍ତୀରେ ଶ୍ରଦ୍ଧା ସୁମନର ଅଞ୍ଜଳି
ତୁମେ ଚିର ଅମର ଅକ୍ଷୁର୍ଣ୍ଣ ତୁମର କୀର୍ତ୍ତି।
ହେ ଶାସ୍ତ୍ରୀ ! ତୁମେ ତ ଶାସ୍ତ୍ରଜ୍ଞ
ତୁମ ପାଶେ ସାରା ଦେଶବାସୀ ଆଜି କୃତଜ୍ଞ
ବାଲ୍ୟକାଳରୁ ସଂସାରର ଦୁଃଖେ ଜର୍ଜ୍ଜରିତ
ପିତୃମାତୃ ଛେଉଣ୍ଡ ହୋଇ ଭୋଗିଛ ଯନ୍ତ୍ରଣା
ସହିଛ ଦାରୁଣ ଦାରିଦ୍ର୍ୟର କଷାଘାତ
ତଥାପି କେବେ ପଡ଼ି ନ ନଇଁ କି ଭାଙ୍ଗି
ଅସୀମ ଧୈର୍ଯ୍ୟ ଧରି ପାହାଡ଼ ପରି ସହିଷ୍ଣୁ ହୋଇ
ନିଜ ପ୍ରତିଭାର ବିକାଶ ପାଇଁ କରିଛ ଉଦ୍ୟମ
ଅକ୍ଳାନ୍ତ କଠିନ ପରିଶ୍ରମ କରି ତୁମେ
ତୃଣମୂଳରୁ ପହଞ୍ଚିଥିଲ ଶୀର୍ଷତମ ସ୍ଥାନେ
ରେଳମନ୍ତ୍ରୀ ହୋଇ ଦେଖାଇଲ ନିଜ ଦକ୍ଷତା
ହେଲ ପୁଣି ସୁଦକ୍ଷ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ
ତୁମ ପାରଦର୍ଶିତା ହେଲା ସର୍ବଜନେ ବିଦିତ।
ହେ ଶାସ୍ତ୍ରୀ ! ତୁମେ ତ ଶାସ୍ତ୍ରଜ୍ଞ
ସତ୍‌କର୍ମରେ ପରିପୂର୍ଣ୍ଣ କରିଛ ଜୀବନ ଯଜ୍ଞ
ନିଷ୍ଠା ପରାକାଷ୍ଠା ଦେଖାଇ ତୁମେ ଚିର ନମସ୍ୟ
ଶାନ୍ତ ନମ୍ର ଭଦ୍ର ଉଦାର ସାଧୁତାରେ ସନ୍ଥ
ଅଗାଧ ପାଣ୍ଡିତ୍ୟରେ ଥିଲ ତୁମେ ଜ୍ଞାନ ଗୁରୁ
ଦେଶସେବାକୁ ଭାବିଥିଲ ପବିତ୍ର ବ୍ରତ
ତାସକେଣ୍ଟ୍ ଚୁକ୍ତି ତୁମର ଥିଲା ଶ୍ରେଷ୍ଠତମ କୃତି
ଅକାଳ ବିୟୋଗରେ ଦେଶବାସୀଙ୍କୁ କଲ
ମର୍ମାହତ ନିର୍ବାକ୍ ନିସ୍ପନ୍ଦ ମୂକ
ମାଆ ମାଟିର ବରପୁତ୍ର ହୋଇ ତୁମେ
ଅସମୟେ ଚାଲିଗଲ ହେଲା ଅପୂରଣୀୟ କ୍ଷତି
ଆଜି ବି ତୁମକୁ ଝୁରେ ଏ ଦେଶ ଏ ଜାତି
ଭାବିଲେ ତୁମ କଥା ନୟନର ଅଶ୍ରୁ ପଡ଼େ ଝରି
ତୁମ ଜନ୍ମ ଦିବସେ ଘେନ ପ୍ରଣତି
ପୁନଶ୍ଚ ଫେରିଆସ ତୁମେ କରିବାକୁ ଦେଶଭକ୍ତି।
ହେ ଶାସ୍ତ୍ରୀ ! ତୁମେ ତ ଶାସ୍ତ୍ରଜ୍ଞ
ତୁମେ ଜ୍ଞାନୀ ଗୁଣୀ ସ୍ୱାଭିମାନୀ ସିଦ୍ଧ ପ୍ରାଜ୍ଞ...

କୋହି,ବାରିପଦା,ମୟୂରଭଞ୍ଜ
ମୋ: ୮୦୧୮୩୫୩୩୨୨

## ବାପୁ ଆସ ଅବତରି

### ନୀଳମଣି ଚାନ୍ଦ

ହେଲା ଅକ୍ଟୋବର ତାରିଖ ଦୁଇ
ତୁମ୍ଭ ଫଟୋ, ମୂର୍ତ୍ତି ପାଖକୁ ଯାଇ।
କରନ୍ତି କେତେ ତୁମ୍ଭ ଗୁଣଗାନ
କହୁଥାନ୍ତି ବାପୁ ଶ୍ରେଷ୍ଠ ଯେ ଆମ।
ଏଇ ଜୟନ୍ତୀକୁ ମନାଉ ଯାହା
ନ ଥାଏ ଭକତି, ଶରଧା ଆହା।
ଏବେଳେ ଆମେ ଭାବିଲେ ବସି
ଏ ଖିଆଲ ଯାଏ ମଥାରେ ପଶି।
ଆଉ ଥରେ ନର ରୂପଟି ଧରି
ଆସନ୍ତେ କି ବାପୁଜୀ ଅବତରି।
ନୀତି ଆଦର୍ଶଟି ହୋଇଛି ମ୍ଳାନ
ହିଂସା ନେଇଅଛି ତାହାରି ସ୍ଥାନ।
ହୋଇଅଛି ସବୁଟି କଳୁଷିତ
ଆମ ଭାରତ ଭୂମି ପ୍ରଦୂଷିତ।
ନେବ ଅହିଂସାର ଅସିକୁ ଧରି
ଯିବ ଆଉଥରେ ସଂଗ୍ରାମ କରି।
ଶାନ୍ତି ମନ୍ତ୍ର ସିନା ପ୍ରଚରି ଯିବ
ରାମଧୂନ୍‌କୁ ଗାନ କରୁଥିବ।
ଯେଉଁ ରାମରାଜ୍ୟ ସପନ ଥିଲା
ପୂରଣଟି ହେଉ କହିବେ ପିଲା।

ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

## ପ୍ରଣାମ ବାପୁଜୀ

### କ୍ଷିତୀଶ ଜେନା

ଅକ୍ଟୋବର ଦୁଇ ତାରିଖ ଆଜି
ହୁଏ ବହୁ ସ୍ଥାନେ ଉତ୍ସବ ଭୋଜି
ମହାତ୍ମା ଗାନ୍ଧୀଙ୍କ ଜନମ ଦିନ
ଭକ୍ତିରେ କରିବା ଆମେ ପାଳନ ।

ସତ୍ୟ ଅହିଂସାର ପ୍ରତୀକ ସିଏ
ଦେଶ ମାତୃକାର ସୁପୁତ୍ରଟିଏ
ତାଙ୍କ ନେତୃତ୍ୱରେ ଭାରତବାସୀ
ଦେଶକୁ ସ୍ୱାଧୀନ କରିଲେ ମିଶି ।

ସମୟାନୁବର୍ତ୍ତୀ ଗାନ୍ଧିଜୀ ଜାଣ
କରନ୍ତି ଅନ୍ୟାୟ, ମିଥ୍ୟା ବାରଣ
କହିବା ଆଗରୁ କରି ଦେଖାନ୍ତି
ହାତ କାମ ଶିଖ ସେ ପ୍ରବର୍ତ୍ତା'ନ୍ତି ।
ସଭିଙ୍କୁ କରନ୍ତି ବାପୁ ଆଦର
କରନ୍ତି ଜିନିଷ ସୁବ୍ୟବହାର
ବଞ୍ଚିବା ଶୈଳୀ ଯେ ସାଧାରଣ
ମନଛୁଆଁ ପରା ତାଙ୍କ ଭାଷଣ ।

ସିଏ ଚାହୁଁଥିଲେ ସ୍ୱଚ୍ଛ ଭାରତ
ଆଖପାଖ ସ୍ୱଚ୍ଛ ରଖିବା ନିତ୍ୟ
ମନରେ ରଖିବା ତାଙ୍କରି ବାଣୀ
ତାଙ୍କ ପରି ପିଲେ ହୁଅରେ ଗୁଣୀ ।

ମାନବ ସେବା ହିଁ ମାଧବ ସେବା
ମହାତ୍ମାଙ୍କ ପରି ସେବା କରିବା
ଈଶ୍ୱର ବିଶ୍ୱାସୀ ଗାନ୍ଧିଜୀ ଭାରି
ଜାତିର ଜନକ ସିଏ ଆମରି ।

ପିଲାମାନେ ଧୂପ, ପ୍ରଦୀପ ଜାଳି
ଶିକ୍ଷାନୁଷ୍ଠାନରେ ପୂଜିବେ ମିଳି
ପୁଷ୍ପମାଲ୍ୟ ଫଟେ କରି ଅର୍ପଣ
କହିବା ବାପୁଜୀ ପ୍ରଣତି ଘେନ ।

କଣ୍ଟିଗଡ଼ିଆ, ଧର୍ମଶାଳା, ଯାଜପୁର
ମୋ: ୭୮୭୩୫୧୦୦୨୭

## ଗାନ୍ଧି ତୁମେ ଫେରିଆସ

### ସତ୍ୟଜିତ୍ ମହାପାତ୍ର

କାହିଁଗଲ ତୁମେ କାହିଁଗଲ ତୁମେ
ହେ ଗାନ୍ଧି ମହାରାଜା
ତୁମରି ବିହୁନେ ଆଜିର ସମାଜେ
ନିସ୍ପେଷିତ ତୁମ ପ୍ରଜା

ଅହିଂସା ଆହୁଲା ମାରି ପାରି କଲ
ପରାଧୀନ ନାମ ନଈ
ଗାନ୍ଧି ମୁଖ ଦେଖି ଫୁଟି ଉଠିଥିଲା
ସତ୍ୟ ପ୍ରେମ ନୀଳ କଇଁ

ସାଉଁଟି ଆଣିଲ ଜନର ଶାମୁକା
ତୋଳି ଧରି ହାତେ ମୋତି
ବିପ୍ଳବ ସଂଘର୍ଷ ସ୍ୱାଧିନ ଝଡ଼ରେ
ସହିଥିଲ ମଥା ପାତି

ରାମରାଜ୍ୟ ସ୍ୱପ୍ନ ତୁମରି କଳ୍ପନା
କାହୁଁହେଲା ଆଜି ସ୍ଥାଣୁ
ଗଣତନ୍ତ୍ର ଆଜି ଆତଙ୍କର ବହ୍ନି
ସତେ ଯେହ୍ନେ ପରମାଣୁ

ସମୁଦ୍ର ବକ୍ଷରେ ପୋତ ହେଲା ପରେ
ଚାଲିଗଲ ବାନ୍ଧି ପ୍ରେମେ
ଆକୁଳ ଚିତ୍କାରେ ଜନତା କୋହୁଛି
ଫେରିଆସ ଗାନ୍ଧି ତୁମେ

ମାଣିକଡିହା, ଖୋସାଲପୁର,
ଦଶରଥପୁର, ଯାଜପୁର
ମୋ: ୯୮୬୧୪୦୦୦୨୯

## ଫୁଲଫୁଟା ମୁହୂର୍ତ୍ତ



**ପ୍ରଫୁଲ୍ଲ ବାରିକ**



ସକାଳ ଜଳଖିଆରେ ଶାଶୁ ଶଶୁରଙ୍କୁ ସନ୍ତୁଷ୍ଟ କରୁକରୁ ଦିନ ଦଶ । ସେଠୁ ସିଧା ଆପଣାର ସ୍ନାନ ଶୌଚ । ସ୍ନାନ ପରେ ଠାକୁର ଘର । ଅଧ ଘଣ୍ଟାରେ ପୂଜା ସାରି ନିଜେ ଟିକେ ପାଟିରେ ଦେଇ ଆରମ୍ଭିବ ରୋଷେଇ । ଦୁଇ ତିନି ପ୍ରକାରେ ବ୍ୟଞ୍ଜନରୁ ଊଣା ହେଲେ ଶଶୁର ଅସନ୍ତୁଷ୍ଟ । ନିଜେ ଖାଇ, ସଫା ସୁତୁରା ସାରି ବିଶ୍ରାମ ନେବା ବେଳକୁ ଦିନ ତିନି । ସଞ୍ଜ ଛଅକୁ ଆରମ୍ଭ ଦିନଚର୍ଯ୍ୟାର ଦ୍ୱିତୀୟ ପର୍ବ । ବିଛଣାକୁ ଆସୁଆସୁ ରାତି ଦଶ । ବାହାଘର ପରେଯେ ଜୀବନ୍ତ ମଣିଷଟା ବଦଳି ଯାଏ ରୋବର୍ଟକୁ, ଏବେ ଆସୁଛି ଅନୁଭବକୁ । ସଚରାଚର ଏହାହିଁ ସତ୍ୟ ଏବଂ ସାର୍ବଜନୀନ । ସେହେତୁ ଗୋଳାରେ ପଡି ଅଭ୍ୟସ୍ତ ହେବା ଛଡା ଚାରାନାଇଁ । ଏଥିରେ ନିହିତ ସୁଖସହ ଶାନ୍ତି । ଅନ୍ୟଥା ଦୁଃଖକୁ ବଳେଇଯିବ ଯଶା ।

କି ସୁଖ, କି ଶାନ୍ତି ? ଜୀବନ ବୋଲି ଯାହା ଅନୁଭବୁଛି, କାନ୍ଥରେ ଟଙ୍ଗା ଯାଇଥିବା ଗୋଟେ ପେଣ୍ଡୁଲମ ଘଣ୍ଟା, ଆଉ ସିଏ ଅହରହ ଆଗକୁ ଧାଉଁଥିବା ତାର କଣ୍ଟା । କ'ଣ ଅଛି ତା'ର ରୁଚି ଅରୁଚି ଭଲମନ୍ଦ ବୋଲି ଆପଣାର ? ବୁଝିବାକୁ ଅଛି କିଏ ? ନା ଅଛନ୍ତି ପଢିବାକୁ ତା ମନ ସିଲଟର ଅଲେଖା ଭାଷାକୁ ?

ବାହାଘର ଆଠଦିନ ଅନ୍ତେ ଯାଇଛନ୍ତି । କମ୍ପାନୀ ଚାକିରୀ, ପୁଣି ବାଙ୍ଗାଲୋରରେ । ଛୁଟି ସରିଲାଣି କହି, ଆସିବାକୁ କଥା ଦେଇ ଚାଲିଗଲେ ପାଦରୁ ନନିଭୁଣ୍ଡ ଅଳତା ଓ ଦେହରୁ ବାଡୁଅ ବାସ୍ନା । ସୀମିତ ସମୟ ଭିତରେ ନା ପଦେ ଭଲରେ କଥା ହେଇଛନ୍ତି, ନା ଜାଣିଛନ୍ତି ପରସ୍ପରକୁ ନିକଟରୁ । ଯାହା ସବୁ କର୍ତ୍ତବ୍ୟ ସୂତ୍ରେ ।

ଅଳ୍ପ ଦିନର ଗଳ୍ପ ରହିଛି ଏବେ ସ୍ମୃତିର ସମ୍ବଳ ହେଇ ମନରେ । ବଞ୍ଚିବାର, ସମୟ ଅତିବାହିତ କରିବାର ରାହା ସେଇ । ମନେ ପଡିଲେ ଯେତିକି ରୋମାଞ୍ଚ, ଅପ୍ରାପ୍ତିରେ ଯନ୍ତ୍ରଣା ତା'ଠୁ ଅଧିକ । ଏଣିକି ଫି'ରାତି ଅଧକୁ ଭାଙ୍ଗି ଯାଉଛି ନିଦ । ଦିନର କ୍ଲାନ୍ତି ଶରୀରରୁ ଅପସରି ଯିବା ପରେ ମନ ହଉଚି ସକ୍ରୀୟ । ଉଦବେଗପୁର୍ଣ୍ଣ । ନିସାଡିଙ୍କ ପରି ଛାଁ'କୁ ଓହ୍ଲେଇ ଆସୁଛି ମଥାକୁ ନିସା । ନିସା ମଥାରୁ ମନ, ମନରୁ ଚରି ଯାଉଛି ଗୋଟାଦେହ । ଉତ୍ତେଜନାର ନୀଳ ଉତ୍ତାପରେ ଟକମକ ଫୁଟୁଛି ସିଏ । ବିଛଣା ଲାଗୁଚି ଅଜଗରର ଶକ୍ତ କୁଣ୍ଡଳୀ । ତକିଆ କଣ୍ଟା ବୁଜୁଳା । ଖାଲି ଯନ୍ତ୍ରଣା ଇ ଯନ୍ତ୍ରଣା । ଛଟପଟ ହେଇ ହାଲିଆ ହେଇଜିବା ପରେ ଶରୀର ମନ ହେଇ ଆସୁଛି ଅବଶ । ଝାଳ ସରସର ଦେହ ପଙ୍ଖା ପବନରେ ହେଇ ଆସୁଛି ହେମାଳ । ନଚାହିଁବା ସତ୍ୱେ ଆଖିପତା ବନ୍ଦ ହେଇ ଆସୁଛି । ଶୋଇ ଯାଉଛି ନିଘୋଡ଼ ନିଦରେ ଯେ ଶାଶୁଙ୍କ ଶବ୍ଦରେ ଉଠୁଚି ସକାଳୁ । ଏକ ଦୁଃସ୍ୱପ୍ନ ପରି ହଜି ଯାଉଛି ରାତ୍ରୀର ଅନୁଭବ । ନୂଆ ସକାଳ ଭରି ଦେଉଛି ମନରେ ଅନିଚ୍ଛା ସତ୍ୱେ ନୂଆ ଆଶା, ନୂଆ ସମ୍ଭାବନା । ଏଣିକି ଡରିଲାଣି ରାତିକୁ । ବିଛଣା ଲାଗୁଚି ବୁଢ଼ୀ ଅସୁରୁଣୀ । ଅନେଇ ବସିଛି କାବୁ କରିବାକୁ ତାକୁ । ତେବେବି ଓଟ ପାଟିରେ ରକ୍ତପରି ଯନ୍ତ୍ରଣା ସତ୍ୱେ ସେ ଆକର୍ଷିତା । ଆକର୍ଷିତା ସେଇ ମୁହୂର୍ତ୍ତକୁ । ଜୀବନରେ ଆଉ ଅଛି କଣ ଯେ ?

ମାସଟିଏ ଯାଉଯାଉ ଖବର ଆସିଲା ଛଅମାସ ପାଇଁ ଯାଉଛନ୍ତି ଆମେରିକା କମ୍ପାନୀ କାମରେ । ଫେରିଲେ ଘର । ବିଦେଶ ଯିବା ଖବରରେ ଘରଲୋକ ଆନନ୍ଦରେ ଫାଟି ପଡୁଥିବା ବେଳେ ତା ମନ ଆକାଶକୁ ଘୋଟି ଆସିଲା କଳା ବାଦଲ ଭେଳେ । ଦିନବି ଲାଗିଲା ରାତି ପରି । ମନ କଥା ମନରେ ରଖି ଆଗେଇଲା କର୍ମ ପଥରେ । ଛଅମାସ ବୋଧ ହେଲା ଛଅବର୍ଷ ପରି । ରାତି ପାହିଲେ ଦିନଟିଏ ସରିବାର ଖୁସିରେ ମନ ଉଲ୍ଲାସ ହେଇ ଆସୁଥିବା ବେଳେ ଖବର ପୁଣି ଆସିଲା ଆଉ ଛଅ ମାସ ବଢ଼ିପାରେ ବିଦେଶ ରହଣି । ଶୁଣିଲା ପରେ ଭାଙ୍ଗି ଗଲା ଧୈର୍ଯ୍ୟର ବାଲିବନ୍ଧ । ଶୁଣି ସେଦିନ ରାତିରେ ଶୋଇନାଇଁ । ଆଖି ଲୁହରେ ତକିଆ ଭିଜିଛି । କାହାକୁ କହିବ ? କିଏ ବୁଝିବ ତା ମନ ତଳର ଅଦେଖା ଦୁଃଖକୁ ? ଶାଶୁ ଶଶୁରଙ୍କ ଗର୍ବ ପୁଅ ତାଙ୍କର ଆମେରିକାରେ । ନିଜ ବାପ ମାଆଙ୍କୁ ଜଣେଇ ପାରିବକି ଏକଥା ? ଜଣେଇ ଲାଭବା କଣ ? ବରଂ କହିବେ ତୁ ବଡ଼ ଭାଗ୍ୟବତୀ । ଜଣେଇଥିଲା ଗାଁ'ରେ ଥିବା ତା ବଉଳକୁ । ମନ କଥା ତାକୁଇ କହେ । ବଉଳ ଶୁଣି କହିଲା - ତୁ ଭଲକି ଜାଣୁ ସିଏ ଯାଇଛନ୍ତି ବିଦେଶ ?

-- କଣ ତୁ କହିବାକୁ ଚାହୁଁଚୁ ବଉଳ ? ସିଏ କଣ ମିଛ କହିବେ ? ମୁଁ'ବା ଜାଣିବି କିମିତି କଥାର ସତ୍ୟାସତ୍ୟ ? କାହିଁ ବାଙ୍ଗାଲୋର କାହିଁ ମୁଁ ।

ବଉଳ କହିଲା - ତୁ ରାଗିବୁ ନାଇଁତ ଗୋଟେ କଥା କହିବି । କୋଉ ପୁରୁଷ ରହିପାରେ ନୂଆ ବିବାହିତା ସ୍ତ୍ରୀ'କୁ ଛାଡି ମାସମାସ ବାହାରେ ? ଆଜି କାଲିକା ପୁଅଙ୍କ କଥା ତୁ ବୁଝି ପାରିବୁ ନାଇଁ । ଜଣେ ଜଣେ ପୋଖତ ଅଭିନେତା ସେମାନେ । ଚିହ୍ନିବା ଜାଣିବା ତାଙ୍କୁ ତୋ ପରି ସରଳ ଝିଅଙ୍କ ସାଧ ବାହାରେ । ମୁଁ କଣ କହିବାକୁ ଚାହୁଁଛି, ବୁଝି ପାରୁଥିବୁ । ସରଳ ହେଲେବି ତୁ ଶିକ୍ଷିତା । ଦୁନିଆଁକୁ ବୁଝିବା ବୋଧେ ତୋର ବାକି ନଥିବ ।

ବଉଳ କଥା ତା ବିଶ୍ୱାସରେ ବିଷ ବୋଳିଚି । ହେଲେ ସିଏ କିଂକର୍ତ୍ତବ୍ୟବିମୁଢ଼ା । ସବୁକୁ ସତ୍ୟ ଭାବେ ଗ୍ରହଣ କରିନେବା ଛଡା ନାଚାର ସିଏ । ରାତି ଦିନ କିମିତି ବିତୁଛି ସେବେଠୁ ସିଏଇ ଜାଣେ । ଆଉ ଗଣୁନି ଦିନ ବାର ତାରିଖ । ଅପେକ୍ଷା ଅପେକ୍ଷାରେ ଜିଇ ଚାଲିଛି ଜୀବନ ।

ନିଇତି ସୂର୍ଯ୍ୟ ଉଅଁନ୍ତି, ପୁଣି ଅସ୍ତ ଯାଆନ୍ତି ଦିନାନ୍ତରେ । ଏଣିକି ସବୁ ଦେହଶୁଆ । ଚିରାଚରିତ ଢଙ୍ଗରେ ଗଡି ଚାଲିଥିବା ବେଳେ ଜୀବନ ଆଜି ସେଥିରେ ବ୍ୟତିକ୍ରମ । ଗାଧେଇସାରି ଛାତ ଉପର ତାରରେ ଲୁଗା ଶୁଖାଉଛି ହଠାତ ଆଖି ପଡିଲା ଡାମରା କାଉଟିଏ ପାରାପେଟ ଉପରେ ବସି ତାକୁ ଚାହିଁ ରାଉ ରାଉ ହଉଚି । ପ୍ରଥମେ ପ୍ରଥମେ ଧ୍ୟାନ ନଥିଲା । ଶବ୍ଦ ତୀବ୍ର ହେବାରୁ ଖ୍ୟାନ୍ତକୁ ଆସିଲା । ଦେଖେତ କାଉଟା ତାକୁଇ ଅନେଇ ରାବି ଚାଲିଛି । ଦଣ୍ଡେ ଠିଆହେଇ ଅନେଇଲା କାଉକୁ । ପୁଣି ଆଖି ଫେରେଇ ନେଇ ବିରକ୍ତିରେ ଲାଗିଲା ଆପଣା କର୍ମରେ । ଭାବିଲା ପଶୁପକ୍ଷୀବି ଥଟ୍ଟା କଲେଣି ତାକୁ । ଚୂନ ମାରୁଛନ୍ତି କଟା ଘାଆରେ । କିଏ ଅଛିଯେ ତାର ଆସିବାକୁ ଉଲ୍ଲସିତ ହବ କାଉ ରାବରେ ?

ଛାତରୁ ଫେରି ଘରକୁ ମୁହାଁଉଛି, ଶାଶୁ କହିଲେ -ଶୁଣିଲୁଣି ବୋହୂ, ବାପା କହୁଥିଲେ ଅଧିକ ଛଅମାସ ଯୋଉ ବଢ଼ିବାର ଥିଲା ପୁଅର ଆମେରିକା ରହଣି, ସିଏ ବାତିଲ ହେଇଗଲା । ଯିବା ଛଅ ମାସ ସରିବାକୁ ଯାଉଛି । ଆର ସପ୍ତାହକୁ ଫେରିବ ଭାରତ । ଫେରିଲେ ଆସିବ ଗାଁ'କୁ । ହଉ, ସବୁ ସେଇ ଈଶ୍ୱରଙ୍କ ଇଚ୍ଛା ।

ବାତିଲ ହେବା ଖବରରେ ଶାଶୁ ଖୁସି କି ଦୁଃଖିତ, ବୁଝିବାକୁ ତା'ର ତର ନଥିଲା । ଆସି ସିଧା ପ୍ରବେଶିଲା ଠାକୁର ଘରେ । ଅନେଇଲା ସତୃଷ୍ଣ ଦୃଷ୍ଟିରେ ସବୁ ଦେବାଦେବୀଙ୍କୁ । ସମସ୍ତେ ଯିମିତି ସହାସ୍ୟ ଅନେଇଛନ୍ତି ତାକୁ । ଅନୁଭବିଲା ତାଙ୍କ ଅଦୃଶ୍ୟ ଆଶିଷକୁ । ଭଲକି ପୂଜା ଦେଲା । ଫୁଲ ଚଢେଇ ଧୂପ ଧୂଆଁରେ ଭର୍ତ୍ତି କରିଦେଲା ଘର । ଭୋଗ ଦେଇ ମୁଣ୍ଡିଆ ମାରୁଛି ମନେ ପଡିଲା ଛାତ ଉପରେ କାଉ କଥା । ସେଠୁ ଚାଉଳ ମୁଠେ ଧରି ଧାଇଁଲା ଛାତ ଉପରକୁ । ଭାବିଲା ଥିବକି ଏକା । ସତକୁ ସତ କାଉ ବସିଥାଏ ତେତେବେବି । ଏବଂ ତା ଉପସ୍ଥିତିରେ ଦୋହରେଇଲା ତା ରାବ । ସେ ହସିଦେଇ ଛାଟିଦେଲା ଚାଉଳତକ ତା ପାଖକୁ । କାଉ ପାରାପେଟରୁ ଓଲ୍‌ହେଇ ଖୁଣ୍ଟି ଖୁଣ୍ଟି ଖାଇଦେଲା ଚାଉଳ ସବୁ । ଖାଇସାରି ଉଡ଼ିଗଲା ।

ଦୃଶ୍ୟର ପ୍ରଭାବ ତା ମନ ଉପରେ ଏବେ ଢେର । ଇଛା ହେଉଥିଲା କାଉକୁ ଆଣି କୋଳେଇ ଗେଲ କରନ୍ତା । ତା ସହ ବଉଳ ବସନ୍ତା । ଅଭାଗିନୀ ସିଏ ବୁଝି ନପାରି ଖାଲିଟାରେ ରାଗୁଥିଲା ତା ଉପରେ । ମନ ହାଲ୍କା ଲାଗିଲା । ଅନୁଭବିଲା ଯିମିତି ଡେଣା ଯୋଡ଼େ ଗଜୁରି ଆସୁଛି ତା'ଠି । ଛଟପଟଉଛି ଉଡି ଘୁରିଆସିବାକୁ ଗୋଟା ପୃଥ୍ୱୀ । ସୁନୀଳ ଆକାଶରେ ସୁନେଲି ଖରା । ବିଛେଇ ପଡିଛି ଛାତ ଉପରେ । ଘରପାଖ ଗଛ ମାନଙ୍କରେ ପକ୍ଷୀମାନଙ୍କ କଳରବ । ସିରିସିରି ପବନରେ ଅସ୍ତବ୍ୟସ୍ତ ଅଙ୍ଗବାସ । ଏସବୁ ପ୍ରତି ଧ୍ୟାନତ ଦୂର, ଆଖି ଉଠେଇ ଅନେଇନି ଆଗରୁ କେବେ । ମନ ଥିଲେତ ? କୁଣ୍ଡରେ ଲଗା ଯାଇଥିବା ରଜନୀଗନ୍ଧା ଗଛରେ ନୂଆକରି ଫୁଲ ଡେମ୍ଫାଏ ଦୋହଲୁଛି ପବନରେ । ଚରି ଯାଉଛି ପବନରେ ବାସ । ଯାଇ ପାଖଡ଼ା ଦୁଇ ତିନୋଟି ଛିଣ୍ଡେଇ ଖୋସିଲା ଗଭାରେ । ପରିଧାନ ପ୍ରତି ନାଇଁ ନଜର । ଡେଇଁଡେଇଁ ପାହାଚ ଏକା ନିଶ୍ୱାସକେ ଆସି ତଳେ । ଘରକୁ ପଶୁଚି ଶାଶୁ ଦୁଆରୁ ଦେଖିଲେ ବୋହୂକୁ ସମ୍ପୂର୍ଣ୍ଣ ନୂଆ ରୂପରେ । ମଥାରୁ ଲୁଗା ଖସି ଲଟକିଛି କାନ୍ଧରେ । ଖୋସାରେ ଶୋଭୁଚି ରଜନୀଗନ୍ଧାର ସଦ୍ୟ ସ୍ତବକ । ଯିମିତି ବୋହୂ ନୁହେଁ, ପରୀଟିଏ ପଶିଗଲା ଘରକୁ ପବନ ଝଲକେରେ । ଶାଶୁ କ'ଣ କହିବାକୁ ଯାଉଥିଲେ, ଅଟକି ଗଲେ । ଖାଲି ଓଠକୁ ଚିପି ହସୁଥାଆନ୍ତି ମୁରୁକି ମୁରୁକି । ଏତେ ଟିକେ ଖବରରେ ଏତେ ସୁଖ ? କିଜାଣି ହେଇଥିବ ଅବା । ଆମେ କ'ଣ ହେଇ ନଥିଲୁ ବୋହୂ, ନା ରହୁନଥିଲୁ ସ୍ୱାମୀଠୁ ଦୁରେଇ ? ବିଳିବିଳଉ ଥିଲେ ଶାଶୁ ମନେମନେ ।


+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ. ୯୨୩୮୯୨୦୪୦୫.


## ମଙ୍ଗଳମୟୀ



**ସୁଦର୍ଶନ ମହାପାତ୍ର**

ଆଜି ଶେଷ ପାଳି ମଙ୍ଗଳା ମା'ଙ୍କ ପୂଜା । ଆଜି ଦିନରେ ମୋର ଉପସ୍ଥିତି ଯେମିତି ଅପରିହାର୍ଯ୍ୟ ! ବୋଉର ବାରମ୍ବାର ଅନୁରୋଧକୁ ଅଣଦେଖା କରି 'ନା' କରିବା ମୋର ଧୃଷ୍ଟତା ହୋଇଥାନ୍ତା ନିଶ୍ଚୟ । ଗୋଟିଏ ବିଶେଷ କାମ ତୁଟାଇ ମୁଁ ଅବଶ୍ୟ ଦୁର୍ଗାପୂଜା ଛୁଟି କଟାଇବା ପାଇଁ ପରଦିନ ଘରକୁ ଆସିଥାନ୍ତି । ହେଲେ ବୋଉର ଅନୁରୋଧ ପାଖରେ ଆଉ ସବୁ ଇପ୍ସିତ, ସବୁ ଅନୁଷଙ୍ଗ ତୁଚ୍ଛ ବୋଲି ମନେ ହୋଇଥିଲା ମୋ ପାଖରେ ।

ସକାଳୁ ବାହାରି ଗାଆଁରେ ପହଞ୍ଚିଲା ବେଳକୁ ଦଶଟା ବାଜି ଯାଇଥିଲା । ଦାଣ୍ଡଘରେ ବାପାଙ୍କୁ ପ୍ରଣାମ କରି ଘର ଭିତରକୁ ପଶିଲା ବେଳକୁ ଦେଖିଲି ବୋଉ ରୋଷେଇ ଘରୁ ଲସର ପସର ହୋଇ ମୋ ଆଡକୁ ଧାଇଁଛି । ସେଇ ପତଳା ଚେହେରା, ସିନ୍ଦୁର ବୋଳା ମଥା, ରୁଣୁଝୁଣୁ ପାଣିକାଚ, ମୁଣ୍ଡରେ ସନ୍ତ୍ରମତାର ଓଢଣା । ମୋତେ ଦେଖୁ ଦେଖୁ କହିଲା -' ହେଇ ମୋ ପାଗଳା ଆସିଲାଣି ।' ଏଇ ପାଗଳା ନାଁଟି କେବଳ ବୋଉର ଏକଚାଟିଆ ଡାକ ଏବଂ ତା ସ୍ୱରରେ ଏଇ ନାଁ ଟି ମୋ ଭିତରେ ପୁଲକ ଜଗାଏ । ବୋଉ ତା ପଣତକାନିରେ ମୋ ମୁହଁ ପୋଛିଦେଲା । ମୋର ସବୁତକ ରୋଗ ବଇରାଗ ତା ଦେହକୁ ନେଇ ମୋର ଦୀର୍ଘାୟୁ ଜୀବନ କାମନା କଲା, ମଙ୍ଗଳ ମନାସିଲା ।

ଧୁଆଧୋଇ ହୋଇ ଆସିଲା ବେଳକୁ ମୋର ପ୍ରିୟ ଗଇଁଠା ପିଠା ଗିନାଏ ହେବ ବାଢିଦେଲା ବୋଉ । କ୍ଷୀର ଗୁଜୁରାତି ର ବାସ୍ନା ମୋତେ ଯେମିତି ଆହୁରି ଭୋକିଲା କରି ଦେଇଥିଲା । ପିଲାବେଳେ ଯାହା ରୀତିମତ ଖାଉଥିଲି । ଏବେ ସେସବୁ ସ୍ୱପ୍ନ ।

-' ତୋର ତ ଆଜି ଉପବାସ । ଯାହିତାହି ଟିକିଏ ଖରାବେଳ ପାଇଁ କରିଦେ । ତୁ ପୁରା କାଷ୍ଠା ଓପାସ ନକରି ଛତୁଆ ଟିକିଏ ଗୋଳେଇ ପିଇ ଦେ । ନହେଲେ ଆଗବର୍ଷ ଭଳି ପେଟରେ ଗ୍ୟାସ ହୋଇ ବାନ୍ତି ହେବ ।' ବୋଉକୁ ମୁଁ ବୁଝାଇବାକୁ ଚେଷ୍ଟା କରୁଥିଲି ।

-' ହଁ ହଁ ଖରାପ ଲାଗିଲେ କ'ଣ ଟିକିଏ ଗୋଳେଇ ପିଇଦେବି ।'

ହେଲେ ମୋତେ କାହିଁକି ଲାଗିଲା ମୋର ବୁଝାଇବା ସବୁ ବୃଥା ।

'ବାପା ପୁଣି ଆଇଁଷ ଫାଇଁଶ ନେଇ ଆସିବେ କି କ'ଣ ଦେଖ ।' ବୋଉର କଥାରେ ମୁଁ ବାପାଙ୍କ କଥା ଭାବିଲି । ବାପା ପୁରା ବୋଉର ବିପରୀତଧର୍ମୀ । ଯଦିଓ ନାସ୍ତିକ ନୁହଁନ୍ତି, ତେବେ ଉପବାସ, ବ୍ରତ ଇତ୍ୟାଦିକୁ ପସନ୍ଦ କରନ୍ତି ନାହିଁ । ଯାଇ ଦେଖିଲି ବାପା ଘର ଆଖପାଖରେ ନାହାନ୍ତି ।

ବାପା ଖୁବ୍ ଆଇଁଷ ଲୋଭୀ । ଚୈତ୍ର ମାସ ପାଞ୍ଚ ପାଳି ମଙ୍ଗଳବାରରେ ବୋଉ ଅତି ନିଷ୍ଠାର ସହ ସବୁ ପୂଜା ଜିନିଷ ସଜାଡ଼ିଲା ବେଳେ ବାପା ଖଳନାୟକ ସାଜି ଯେମିତି ହେଲେ ଆଇଁଷ ଆଣନ୍ତି ।

-'ତୁମକୁ ପରା ବାରମ୍ବାର ମନାକରିଥିଲି ଏଇ ପାଞ୍ଚପାଳି ମଙ୍ଗଳ ବାର ଆଇଁଷ ନ ଆଣିବାକୁ ! ଘରେ ମଙ୍ଗଳାଙ୍କ ପୂଜା କାହାପାଇଁ ହେଉଛି ?ଏଇନା ରୋଷେଇ କରି,ମୋତେ ଘର,ଚୁଲି ସବୁ ଧୋଇ,ପୁଣି ଗାଧେଇବାକୁ ପଡ଼ିବ । ଦିନେ ଓଳିଏ ଆଇଁଷ ଛାଡି ପାରୁନ ?' ଅଭିମାନ କରି କହେ ବୋଉ ।

ମୁଁ ଦେଖେ,ବେପରୁଆ ଭାବେ ବାପା ଜବାବ ଦିଅନ୍ତି,

- 'ସାଧା କିଏ ଖାଇବ ? ଯିଏ ପୂଜା କରୁଛି ସେ ନିୟମ ମାନିବ । ସମସ୍ତେ କାହିଁକି ?'

ଆଜି ପୁଣି ମା ମଙ୍ଗଳାଙ୍କ ପୂଜା ।

ମୁଁ ଏକ ଲୟରେ ଚାହିଁଥିଲି ବୋଉକୁ । ମୁଣ୍ଡରେ ବଡ଼ ନାଲିଆ ସିନ୍ଦୂର ଟୋପା, ଦେହରେ ନାଲି ଧଡ଼ିର ମଠା ଶାଢ଼ୀ । ବେକରେ ପଣତ ଗୁଡେଇ ଠାକୁରଙ୍କ ଆଗରେ ହାତ ଯୋଡ଼ି ପ୍ରାର୍ଥନା ମୁଦ୍ରାରେ ବୋଉ । ଘର ଭିତରୁ ପବନରେ ଝୁଣା, ଧୂପର ମହମହ ବାସ୍ନା ଭାସି ଆସୁଥିଲା । ବୋଉ ଆଖି ଖୋଲିଲା କିଛି ସମୟ ପରେ । ପଚାରିଲା,- 'କଣ ଏମିତି ଚାହିଁଛୁ ?'

- 'ତୁ ସାକ୍ଷାତ ମା ମଙ୍ଗଳା ଠାକୁରାଣୀଙ୍କ ଭଳି ଦିଶୁଛୁ ।'

ବୋଉ ହସିଲା ଟିକିଏ । -'ଆଜି ଦୁର୍ଗାଷ୍ଟମୀ । ପୁଣି ମଙ୍ଗଳ ବାର । ଆଜି ବହୁତ କାମ । ତୁ ଟିକେ କଦଳୀ ପତ୍ର ,ଆମ୍ବ ଡାଳ, ଦୁବ, ବରକୋଳି ପତ୍ର ଯୋଗାଡ କରିଦେବୁ ? ସନ୍ଧ୍ୟା ଭିତରେ ଯୋଗଡ କରିବାକୁ ହେବ । ବ୍ରାହ୍ମଣ ଆସିବା ଆଗରୁ, ହେଲା... !



ଏତିକି ବେଳକୁ ଶୁଭିଲା ବାପାଙ୍କ ସ୍ୱର । ବୋଉ ମୁହଁ ହଠାତ୍ ଶୁଖିଗଲା ଯେମିତି । ମୁଁ ବିକଳରେ ବୋଉକୁ ଚାହିଁଲି ।

-' ଚାହିଁଛୁ ଆଉ କ'ଣ ? ତୋ ବାପା ବୋଧହୁଏ ମାଛ ନେଇ ଆସିଲେଣି । କ'ଣ ଆଉ କହିବି ତାଙ୍କୁ ।ସେ କୋଉ ମାନିବା ଲୋକ । ମୋ କାମ ତୋର କରିବା ଦରକାର ନାହିଁ । ଯା, ତାଙ୍କ ହାତରୁ ସେ ମାଛ ନେଇ ଟିକିଏ ଧୁଆଧୋଇ କରି ଲୁଣ ହଳଦୀ ଗୋଳାଇ ରଖିଦେ । ମୁଁ କାମ ସାରି ଭଜାଭଜି କରି ରୋଷେଇ କରିବି ।'

-' ତୁ ବାପାଙ୍କୁ କିଛି କହୁନୁ ବୋଲି ସେ ତାଙ୍କ ଇଚ୍ଛା ରେ ଯାହା ତାହା କରୁଛନ୍ତି । ସେ କ'ଣ ଜାଣି ନାହାନ୍ତି ଆଜି ପୂଜା ଆଉ ତୋର ଉପବାସ ବୋଲି... !' ଚିଡି ଗଲା ଭଳି କହିଲି ମୁଁ ।

-' ସେ ତ ଆଦ୍ୟରୁ ସେଇଆ । କ'ଣ ଆଉ ? ହେବ ? ଆଇଁଷ ଟିକିଏ ହେଲେ ସେ ଶାନ୍ତିରେ ଗଣ୍ଡିଏ ଖାଇବେ ହେଲେ... ! ପଚାରିଲେ କହିବେ ତୁମ ପୁଅ ପାଇଁ ସିନା ମୁଁ ମାଛ କିଣିଲି । ଫାଙ୍କିବାକୁ ଚେଷ୍ଟା କରିବେ । କ'ଣ କହିହେବ ଆଉ ତାଙ୍କୁ ।ଏମିତି ବି ମହାଷ୍ଟମୀରେ ଦେବୀଙ୍କ ପାଖରେ ଆଇଁଷ ଭୋଗ ଲାଗିବାର ବିଧି ଅଛି ।' ମୋତେ ଲାଗିଲା ବୋଉ ଯେମିତି ଧିରେ ବାପାଙ୍କ ପ୍ରତି ନରମ ଭାବ ପୋଷଣ କରିବା ଆରମ୍ଭ କରିଦେଇଛି । ଆଉ କିଛି ନକହି ମୁଁ ବାପାଙ୍କ ପାଖକୁ ଚାଲିଗଲି ।

ମୋତେ ଦେଖି ବାପାଙ୍କ ମୁହଁରେ ଯେମିତି ଫୁଟିଉଠିଲା ନିରୀହ ଅମାୟିକ ହସ ।-' ମୋ ନାଁ ରେ ତୋ ବୋଉ କ'ଣ କହୁଥିଲା କି ? କ'ଣ କରିବି । ମୁଁ ତ ନିଜକୁ ବଦଳାଇ ପାରିଲି ନାହିଁ । ଆସି ବୁଢ଼ା ହେଲି । ଆଉ କେତେଦିନ କି ? ତୋ ବୋଉ ହେଲା କୁ ସବୁ ସହିଯାଉଛି ।' ବାପା ଙ୍କ ସ୍ୱର ଶେଷ ବେଳକୁ କାହିଁକି ଦବିଲା ଦବିଲା ଲାଗିଲା । ମୁଁ ଆଉ କ'ଣ କହିଥାନ୍ତି ? ଖାଲି ହସିଦେଲି ଟିକିଏ ।

ସଂଧ୍ୟାକୁ ବ୍ରାହ୍ମଣ ଆସିଲେ । ପୂଜା ଆରମ୍ଭ ହୋଇ ଯାଇଥିଲା । ମୁଁ ଚାହିଁଥିଲି ମଙ୍ଗଳା ମା'ଙ୍କ ମୁଖା ଆଡେ । କି ସୁନ୍ଦର ହସ ହସ ମୁହଁ ! ଯେମିତି ସବୁ ଦୁଃଖ, କଷ୍ଟ, ଗ୍ଲାନି ମୋ ଅନ୍ତରରୁ ଧୋଇ ଯାଉଛି । ମୁଁ ଦ୍ରବୀଭୂତ ହୋଇ ପଡୁଥିଲି । ମା'ଙ୍କ ମୁଖା ଉପରେ ପଡିଥିବା ଓଢଣୀ ମୋତେ ମୋ ବୋଉର ପଣତ କାନି ସଦୃଶ ପ୍ରତୀୟମାନ ହେଲା । ସେଇ ପଣତ କାନି ମୋର କେତେ ଇପ୍ସିତ ସତେ... !

ଏତିକି ବେଳକୁ ନିଦ ଭାଙ୍ଗିଗଲା ପତ୍ନୀଙ୍କ ଡାକରେ । -' ବାପା ଡାକୁଛନ୍ତି । ଶୀଘ୍ର ଉଠ । ତେଣେ କେତେ କାମ ପଡିଛି । ବୋଉ ସିନା ଲୋଟିପୋଟି କାମ କରୁଥିଲେ, ତୁମକୁ କିନ୍ତୁ ଗେହ୍ଲା କରି ଅଳସୁଆ କରି ଦେଇଛନ୍ତି ।' ସ୍ୱପ୍ନ ରେ ଆସିଥିବା ବୋଉ ମୋର ଉଭେଇ ଯାଇଥିଲା ମୋ ପାଖରୁ । ପତ୍ନୀ ହସ ହସ ମୁହଁରେ ଠିଆ ହୋଇଥିଲେ ସାମ୍ନାରେ ।

ବୋଉ ଯିବାର ଆଜିକୁ ଦୁଇ ବର୍ଷ ହେଇଗଲା । ଏଇ ଅଷ୍ଟମୀ ଦିନରେ ମଙ୍ଗଳାଙ୍କ ପୂଜା ସାରିଲା ବେଳକୁ ରାତି ଆଠଟା । ଉପବାସ ହେତୁ ବାନ୍ତି ହେଲା ବୋଉର । ମୋ ହାତରୁ ଚିନି ଲୁଣ ଅଳ୍ପ ପିଇ ବୋଉ ଟିକିଏ ଶୋଇବ ବୋଲି କହିଲା ଯେ ଆଉ ନିଦରୁ ଉଠି ନଥିଲା । ମହାନିଦ୍ରାରେ ଶୋଇଗଲା... !

ବାପାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଙ୍ଗଳା ମା'ଙ୍କ ପୂଜା ଆଜି ଯଥାବିଧି ଚାଲିଛି । ସବୁଠୁ ବଡ଼ କଥା ହେଲା ବାପା ଏଇ ମାସ ସାରା ଆଇଁଷ ଛୁଇଁ ନାହାନ୍ତି । ସନ୍ଧ୍ୟାରେ ବ୍ରାହ୍ମଣ ଆସିଲେ । ମୁଁ ବସିଲି ସଂକଳ୍ପ ଆସନରେ । ମୋ ସାମ୍ନାରେ ଓଢଣୀ ପରିହିତା ମା ମଙ୍ଗଳାଙ୍କ ମୂର୍ତ୍ତି ବୋଉ ରୂପ ନେଇ ଝଟକୁଥିଲା ଯେମିତି.. ! ମୁଁ ପୁଲକିତ ହୋଇ ଉଠୁଥିଲି... !!!

ପୂଜା ସରିଲା ବେଳକୁ ବାପା ଗୁମସୁମ ହୋଇ ବସିଥିବାର ଦେଖିଲି । ଭାବିଲି ଏପଟସେପଟ କାମ ଭିତରେ ସେ ହାଲିଆ ହୋଇ ପଡିଛନ୍ତି । 'ଦେହ ଭଲ ଲାଗୁ ନାହିଁ କି ?' ବୁଝିବାକୁ ପଚାରିଲି ତ ବାପା ନିରୁତ୍ତର ଥିଲେ । ମୁଁ ନିରୁତ୍ସାହିତ ହୋଇ ପଡୁଥିଲି ।

- ' ତୋ ବୋଉ ଆଜି ଥିଲେ... !'

ଟିକିଏ ପରେ ସେମିତି ତଳକୁ ମୁହଁ ପୋତି କହିଲେ ବାପା । ମୁଁ ନଇଁପଡିଲି ତ ବାପାଙ୍କ ଆଖିରେ ଲୁହ ଟଳମଳ କରୁଥିବାର ଦେଖିଲି... !!!

ଲୋତକାପ୍ଲୁତ ଆଖିରେ ମା' ମଙ୍ଗଳାଙ୍କ ଆଡକୁ ଚାହିଁଲି । ବୋଉ ସେଇ ଆସ୍ଥାନ ଉପରେ ବସି ଆମ ବାପ ପୁଅଙ୍କ ଆଡକୁ ଚାହିଁ ହସୁଛି ବୋଲି ମୋର ପ୍ରତୀୟମାନ ହେଲା... !!!


+କୁଞ୍ଜବିହାରୀ ଲେନ, କଟକ
ମୋ: ୯୪୩୮୧୭୫୫୪୨

# ମହାତ୍ମା ! ନିଅ ଭକ୍ତି, ପ୍ରେମ, ଲୁହର ଅଞ୍ଜଳି....

ଡ଼ଃ. ଅରୁନ୍ଧତୀ ଦେବୀ



ମହାତ୍ମାଜୀ ! ଅତୀତର ସ୍ୱର୍ଣ୍ଣାଭ ଦିନମାନଙ୍କରେ ଆମ ପ୍ରାଚୀନ ଉତ୍କଳ: ନାନକ, ଶଙ୍କରାଚାର୍ଯ୍ୟ, ଶ୍ରୀଚୈତନ୍ୟଙ୍କ ଭଳି ବିଶ୍ୱଗୁରୁମାନଙ୍କୁ ସସମ୍ମାନେ ପାଛୋଟି ଆଣିଛି । ଆମେ ସେହି ଉତ୍କଳର ହତଭାଗ୍ୟ ଦାୟାଦମାନେ ଆଜି କେବଳ ଆପଣଙ୍କୁ ହୃଦୟଭରା କୃତଜ୍ଞତା ଜଣାଉଛୁ । ଆପଣଙ୍କ ନିକଟରେ ବାଢ଼ି ଦେଉଛୁ ଆମ ଭକ୍ତିର.... ପ୍ରେମର...ଲୁହର ଅଞ୍ଜଳି....। ୧୯୨୭ ଡିସେମ୍ବର ୨୦ରେ କଟକ ପୌରପାଳିକା ପକ୍ଷରୁ ଏହି ମର୍ମରେ ଭବ୍ୟ ଉଚ୍ଛ୍ୱସିତ ହାର୍ଦ୍ଦିକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ବାପୁଜୀଙ୍କୁ । ପୌରପାଳିକାର ତତ୍କାଳୀନ ସଭାପତି ଓ କମିସନରମାନଙ୍କ ପକ୍ଷରୁ ମହାତ୍ମାଙ୍କୁ ସମ୍ବର୍ଦ୍ଧିତ କରାଯିବା ଅବସରରେ ଯେଉଁ ମାନପତ୍ର ପାଠ ଓ ପ୍ରଦାନ କରାଯାଇଥିଲା ତାହା ଥିଲା ସତରେ ଅନନ୍ୟ ଓ ଅନୁପମ, ଅନେକ ଦୃଷ୍ଟିରୁ । ସେଥିରେ ଲେଖାଥିଲା, ଉତ୍କଳ ଦେଶର ଏକ ପ୍ରାଚୀନ ମହାନଗରୀ ଧ୍ୱଂସାବଶେଷକୁ ପରିଦର୍ଶନ କରିବାକୁ ଆସିଥିବା ମହାତ୍ମାଜୀ । କଟକ ନଗରୀର ସମସ୍ତ ନାଗରିକ ଓ ଟିକସଦାତାଙ୍କ ପକ୍ଷରୁ ଆପଣଙ୍କୁ ସସମ୍ମାନ ସ୍ୱାଗତ । କ'ଣ ବା ଦେଇପାରିବୁ ଆମେ ଆପଣଙ୍କୁ ? ଦେବତା ଓ ପବିତ୍ର ପାଗୋଡାମାନଙ୍କ ଭୂମି କୁହାଯାଉଥିବା ଏ ଉତ୍କଳ ଦେଶରେ ଏବେ କେବଳ କଙ୍କାଳ ହିଁ ତ ଆପଣଙ୍କ ଦୃଷ୍ଟିରେ ପଡୁଥିବ । ସାହସ ଓ ବୀରତ୍ୱର ପ୍ରତୀକ ବୋଲାଉଥିବା ଏ ମାଟିର ସନ୍ତାନମାନେ ଏବେ କିପରି ଶକ୍ତି ଓ ଉତ୍ସାହ ହରାଇ ବସିଛନ୍ତି ତାହା ହିଁ ତ ଆପଣଙ୍କ ନଜରରେ ଦିଶୁଥିବ । ବଜ୍ରକଠିନ ପଥରରେ କଳାର କୋଣାର୍କ ଗଢ଼ିତୋଳି ତାହାକୁ ଜୀବନ୍ୟାସ ଦେଇପାରୁଥିବା ଏମାଟିର ସ୍ଥପତି ଓ ଭାସ୍କର ଶିଳ୍ପୀମାନଙ୍କ ପ୍ରାଣପ୍ରାଚୁର୍ଯ୍ୟ କେମିତି ନିଃଶେଷ ହୋଇଯାଉଛି ତାହା ହିଁ ଆପଣଙ୍କ ନଜରରେ ପଡୁଥିବ । ତେବେ ଉତ୍କଳମାତା ପାଇଁ ପ୍ରକୃତି କେବଳ ନିଷ୍ଠୁର ଓ କ୍ରୂର ହେବା ଯୋଗୁଁ ଏପରି ଘଟିନାହିଁ । ବରଂ ପାଶ୍ଚାତ୍ୟ ବସ୍ତୁବାଦୀ ସଭ୍ୟତା ଯୋଗୁଁ ଏପରି ଘଟିଛି । କଳକାରଖାନା ଓ ଯନ୍ତ୍ରପାତିର ଜାନ୍ତବ ଆଁ ଭିତରେ; ଆମ ଉତ୍କଳର ସବୁ କୁଟୀର ଶିଳ୍ପ, ହସ୍ତକଳା, ହସ୍ତଶିଳ୍ପ, ଯେଉଁଥିପାଇଁ ଉତ୍କଳ ପ୍ରସିଦ୍ଧ ଆଜି ହଜିଯିବାକୁ ବସିଛି ।

ମହାତ୍ମାଜୀ ! ଭାରତମାତାର ସବୁ ସନ୍ତାନ ନିଜ ଦେହ ଢ଼ାଙ୍କିବାକୁ ପୋଷାକ ପାଆନ୍ତି ନାହିଁ ବୋଲି ଜାଣି ଆପଣ ଆଣ୍ଠୁ ନଲୁଚା ଖଦୀ ଧୋତି ଓ ଅଧା ପୋଷାକ ଖଦୀ ଚାଦରକୁ ବରି ନେଇଛନ୍ତି । ଉତ୍କଳର ସନ୍ତାନମାନଙ୍କ ହାଲତ ଦେଖନ୍ତୁ, ଆହୁରି ଦର୍ବିଷସ । ଆପଣ ଯେ ଏ ଗରିବ ମାନଙ୍କୁ ଅତି ପାଖରୁ, ନିଜ ଆଖିରେ ଦେଖିବାକୁ ଆସିଛନ୍ତି, ଏକଥା ଆମ ହୃଦୟକୁ ଦ୍ରବୀଭୂତ କରୁଛି । ଉତ୍କଳର ଦାରିଦ୍ର୍ୟ ଆପଣଙ୍କୁ ସ୍ୱପ୍ନରେ ବି ବିଚଳିତ କରୁଥିବା କଥା ଯାହା ଆପଣ କହିଛନ୍ତି, ତାହା ଆମ ପାଇଁ ବଡ଼ ସାନ୍ତ୍ୱନା ବନ୍ୟା ଓ ମରୁଡ଼ି କ୍ଲିଷ୍ଟ ଏ ଦେଶର ଅଗଣିତ ବୁଭୁକ୍ଷୁ ସନ୍ତାନଙ୍କ ପାଇଁ ସବୁଠୁ ବଡ଼ ଆଶ୍ୱାସନା । କ'ଣ ବା ଦେଇପାରିବୁ ଆମେ ଆପଣଙ୍କୁ ? ଜଣାଉଛୁ କେବଳ ହୃଦୟଭରା କୃଜ୍ଞତା । ହେ ମହାତ୍ମା ! ନିଅ ଆମ ଭକ୍ତିର, ଭଲପାଇବାର, ଲୁହର ଅଞ୍ଜଳି....। ଇତିହାସ କହେ, ସେ ଦିନ ଅପରାହ୍ନ ପାଞ୍ଚଟା ୩୦ରେ ପୌରସଂସ୍ଥା ପରିସରରେ ପ୍ରାୟ ୫ହଜାର ଜନସମାଗମକୁ ଉଦ୍‌ବୋଧନ ଦେଇଥିଲେ ବାପୁଜୀ । ପରେ ପଣ୍ଡିତ କୃତ୍ତିବାସ ନନ୍ଦ ମାନପତ୍ର ପଢ଼ିଥିଲେ । ଏକ ସୁସଜ୍ଜିତ ବାକ୍ସରେ ମାନପତ୍ରକୁ ସଜାଇ ରଖି ମହାତ୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦

# ଅହିଂସା ଓ ଗାନ୍ଧୀ ବାଣୀ

ସୁଶ୍ରୀ ଯଶସ୍ୱିନୀ ପଟ୍ଟନାୟକ

ଆଜି ଅକ୍ଟୋବର ୨ ତାରିଖ । ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ । ଏହି ତିଥିକୁ ସାରା ବିଶ୍ୱରେ ଅହିଂସା ଦିବସ ଭାବେ ପାଳନ କରାଯାଉଛି । ସତ୍ୟ ଓ ଅହିଂସାର ସାଧକ ମହାତ୍ମା ଗାନ୍ଧୀଙ୍କ ଜନ୍ମ ଦିନକୁ ଅହିଂସା ଦିବସ ଭାବେ ପାଳନ କରିବାକୁ ୨୦୦୪ ମସିହାରେ ନୋବେଲ ବିଜେତା ଶିରିନ୍ ଇବାଡି ପ୍ରସ୍ତାବ ଦେଇଥିଲେ । ୨୦୦୭ରେ ଜାତିସଂଘ ଏହାକୁ ଅନୁମୋଦନ ଦେବା ପରେ ଅକ୍ଟୋବର ୨ ତାରିଖ ପ୍ରତିବର୍ଷ ଅହିଂସା ଦିବସ ଭାବେ ପାଳିତ ହୋଇଆସୁଛି । ପରାଧୀନ ଭାରତମାତାକୁ ଶୃଙ୍ଖଳାମୁକ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଭାରତମାତାର ଶ୍ରେଷ୍ଠ ସନ୍ତାନ ତଥା ଜାତିର ପିତା ମହାତ୍ମା ଗାନ୍ଧୀ ଜନ୍ମ ଗ୍ରହଣ କରିଥିଲେ ୧୮୬୯ ମସିହା ଅକ୍ଟୋବର ୨ ତାରିଖରେ ଗୁଜୁରାଟର ପୋରବନ୍ଦରରେ । ତାଙ୍କର ପିତୃଦତ୍ତ ନାମ ଥିଲା । ମୋହନଦାସ କରମଚାନ୍ଦ ଗାନ୍ଧୀ । ଗାନ୍ଧିଜୀ ସମଗ୍ର ବିଶ୍ୱକୁ ଦେଇଛନ୍ତି ସତ୍ୟ, ତ୍ୟାଗ ଓ ଅହିଂସାର ବାଣୀ । ଆଜି ବାପୁଙ୍କ ଜନ୍ମଦିନରେ ଆସନ୍ତୁ ମନେ ପକାଇବା କିଛି ଗାନ୍ଧୀବାଣୀ ଏବଂ ନିଜ ଜୀବନରେ ସେହି ବାଣୀ ଦ୍ୱାରା ଅନୁପ୍ରାଣିତ ହେବା ।

ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ । ଆମେ ସମସ୍ତେ ସେହି ବିଶ୍ୱ ପିତାଙ୍କର ସନ୍ତାନ । ଆଜି ହେଉଛି ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ଜନ୍ମ ଦିବସ । ସେ ଥିଲେ ଅହିଂସାର ପୂଜାରୀ । ଅହିଂସା ମାର୍ଗରେ ପରିଚାଳିତ ହେବା ପାଇଁ ସେ ସର୍ବଦା ଉପଦେଶ ଦେଉଥିଲେ । ଅହିଂସା ମାଧ୍ୟମରେ ସେ ସମଗ୍ର ବିଶ୍ୱକୁ ଦେଇଥିଲେ ଶାନ୍ତିର ବାର୍ତ୍ତା ।

ହିଂସା ହେଉଛି ମାନବର ଶ୍ରେଷ୍ଠ ଶତ୍ରୁ । ହିଂସାତ୍ମକ ଜୟ ବାସ୍ତବ ଜୟ ନୁହେଁ । ଅହିଂସାର ଜୟ ହିଁ ବାସ୍ତବ ଜୟ । ଏକାନ୍ତ ମନୋବାକ୍ୟରେ ଅହିଂସା ଆଚରଣ ପୂର୍ବକ ଜୀବନ ଅତିବାହିତ କରିବା ଆମର କର୍ତ୍ତବ୍ୟ । ଏ ବିଶ୍ୱ ହେଉଛି ବିଶ୍ୱ ପିତାଙ୍କର । ଆମେ ତାଙ୍କ ସନ୍ତାନ । ଏଣୁ ଆମେ ସମସ୍ତେ ଭାଇ ଭାଇ । ଏହି ଚିନ୍ତାଧାରା ନେଇ ଆମେ ସମସ୍ତେ ନିଜକୁ ନିୟୋଜିତ କରିବା ଉଚିତ । ମାତ୍ର ଆଜି ମନୁଷ୍ୟ ପାଲଟିଛି ପଶୁ । ହିଂସା ତାର ଅନ୍ତରକୁ ଉଙ୍କି ମାରୁଛି । ତେଣୁ ସେ ପ୍ରତିମୁହୂର୍ତ୍ତରେ ଅଶାନ୍ତିର ଝଡ଼ ସୃଷ୍ଟି କରୁଛି । ସେଥିପାଇଁ ପ୍ରତି ମୁହୂର୍ତ୍ତରେ ଦେଖାଦେଉଛି ନରସଂହାର, ରକ୍ତପାତ, ହିଂସା ପ୍ରତିହିଂସା, ହଣାକଟା ଇତ୍ୟାଦି । ଏହାଦ୍ୱାରା ବୃଦ୍ଧି ପାଉଛି ଆତଙ୍କ । ଏଥିରୁ ନିବୃତ୍ତ ରହି ଆମେ କିଭଳି ଭାବରେ ଅହିଂସା ଆଚରଣ କରି ଜାତିର ମଙ୍ଗଳ କରିପାରିବା ଏବଂ ଆମ ଭିତରେ ଐକ୍ୟମନୋଭାବ ଜାଗ୍ରତ କରିପାରିବା ତାହା ହେଉଛି ଏହି ଦିବସ ପାଳନରେ ଶ୍ରେଷ୍ଠ ଲକ୍ଷ୍ୟ । ପ୍ରତିବର୍ଷ ଅକ୍ଟୋବର ମାସ ୨ ତାରିଖକୁ ବିଶ୍ୱ ସ୍ତରରେ ଅହିଂସା ଦିବସ ଭାବେ ପାଳନ କରାଯାଉଅଛି । ଅହିଂସା ଆଚରଣ ଦ୍ୱାରା ଆମେ କିଭଳି ଭାବରେ ଗୋଟିଏ ସୂତାରେ ବାନ୍ଧି ହୋଇ ରହିପାରିବା ସେ ବିଷୟରେ ଏହି ଦିବସ ସୂଚିତ କରିଥାଏ ।

ଗାନ୍ଧିଜୀଙ୍କ ଜୀବନ ଓ ଆଦର୍ଶ ଆମ ସମସ୍ତଙ୍କ ପାଇଁ ଚିରକାଳ ଅନୁପାଳନୀୟ । ସେ ଥିଲେ ଅହିଂସାର ପୂଜାରୀ ଓ ସବୁବେଳେ ଅନ୍ୟ ଜଣଙ୍କୁ ସାହାଯ୍ୟ କରିବା ଥିଲା ତାଙ୍କର ସହଜାତ ପ୍ରବୃତ୍ତି । ଗାନ୍ଧିଜୀ ସଦାସର୍ବଦା କହୁଥିଲେ ତୁମ ଦୃଷ୍ଟିରେ ପଡ଼ିଥିବା ସବୁଠୁ ଗରିବ ତଥା ସବୁଠୁ ଦୁର୍ବଳ ଲୋକର ମୁହଁକୁ ଚକ୍ଷୁ ସାମନାକୁ ଆଣିବ । ନିଜକୁ ପଚାରିବ, ମୁଁ ଯାହା କରୁଛି ତାହାଦ୍ୱାରା ଏହି ବ୍ୟକ୍ତି ଉପକୃତ ହେବ ତ ? ତୁମେ ତାର କିଛି ଦରକାରରେ ଆସିବ କି ? ତାର ଜୀବନ ଓ ଭାଗ୍ୟର ନିୟନ୍ତ୍ରଣରେ ସହାୟକ ହେବ କି ? ଅର୍ଥାତ୍ ଏହା ଲକ୍ଷ ଲକ୍ଷ କ୍ଷୁଧାର୍ତ୍ତ ଏବଂ ଆଧାତ୍ମିକତାର ଅଭାବ ଥିବା ଜନସାଧାରଣଙ୍କ ପାଇଁ ସ୍ୱରାଜ ଆଣିବ କି ? ଏହି ପ୍ରଶ୍ନର ଉତ୍ତର ହିଁ ତୁମ ମନକୁ ସନ୍ଦେହମୁକ୍ତ କରିବ ଏବଂ ଅହଂତ୍ୱ ଦୂରେଇଯିବ । ଜାତିର ଜନକ ଗାନ୍ଧିଜୀ ଆମ ସମସ୍ତଙ୍କ ପାଇଁ ଜୀବନାଦର୍ଶକୁ ଆଗେଇ ନେବା ପାଇଁ ସାତଟି ବିପଦ ସମ୍ପର୍କରେ ସୂଚୀତ କରିଥିଲେ ତାହା ହେଉଛି ବିନା କାମରେ ସମ୍ପତ୍ତି, ବିବେକଶୂନ୍ୟ ଆନନ୍ଦ, ଚରିତ୍ର ବିନା ଜ୍ଞାନ, ନୈତିକତା ବିହୀନ ବାଣିଜ୍ୟ, ମାନବିକତାହୀନ ବିଜ୍ଞାନ, ତ୍ୟାଗ ବିନା ଉପାସନା, ନୀତିହୀନ ରାଜନୀତି ।

ଇଶ୍ୱରଦତ୍ତ ସୁଗୁଣଗୁଡ଼ିକ ମଧ୍ୟରେ ଅହିଂସା ସର୍ବଶ୍ରେଷ୍ଠ । ଏହା ଜୀବ ପ୍ରତି ଦୟାଭାବ । ଏହା ଅସୀମ ଶକ୍ତି ଯୋଗାଏ ଏବଂ ଅସମ୍ଭବକୁ ସମ୍ଭବରେ ପରିଣତ କରିପାରେ । ଅହିଂସା ଆଚରଣ କରୁଥିବା ବ୍ୟକ୍ତି କେବେ ନିରାଶ ହୁଏନାହିଁ । ଗାନ୍ଧୀଜୀ ଥିଲେ ଆଦର୍ଶବାଦୀ ଓ ଆଧ୍ୟାତ୍ମବାଦୀ । ସତ୍ୟ ଓ ଅହିଂସାର ପୂଜାରୀ । ସେ କହୁଥିଲେ ଆମକୁ ସବୁବେଳେ କିଛି ନା କିଛି କାର୍ଯ୍ୟ କରିବାକୁ ହେବ । ଛୋଟ ହେଉ ଅବା ବଡ଼ । କାର୍ଯ୍ୟ ଯେତେ ଛୋଟ ହେଲେ ମଧ୍ୟ ନିଷ୍ଠା ଓ ପୂର୍ଣ୍ଣ ଆନ୍ତରିକତା ସହ କରିପାରିଲେ, ସଫଳତା ମିଳେ । ମାତ୍ର କାର୍ଯ୍ୟର ଫଳ ଆଶା ରଖନାହିଁ । ଅହିଂସାର ମୂଳ ହେଉଛି ଆମ ମନ । ଅନ୍ୟ ପ୍ରତି ଆମ ମନ ଓ ଭାବନାର ପରିବର୍ତ୍ତନ ହେଉଛି ଅହିଂସା, ଯାହା ଗାନ୍ଧୀଜୀ ପିଲାଟିଦିନୁ ଅଭ୍ୟାସ କରିଥିଲେ । ଆକ୍ଷେପ, ସମାଲୋଚନା ଆଦି ସହ୍ୟ କରୁଥିଲେ । ଏହା ତାଙ୍କର ଦୁର୍ବଳତା ନଥିଲା । ବରଂ ଅନ୍ୟ ପ୍ରତି ଥିଲା ଅହିଂସା ଆଚରଣ । ଦକ୍ଷିଣ ଆଫ୍ରିକାରେ ତାଙ୍କୁ ଟ୍ରେନ୍ ବଗିରୁ ବାହାରକୁ ବାହାରିଯିବାକୁ ବାଧ କରାଯାଇଥିଲା । ଏଥିରେ ତିଳେ ମାତ୍ର ବିଚଳିତ ନ ହୋଇ ସେ ସାରା ରାତି ଉଜାଗର ରହିଥିଲେ ଏବଂ ଅହିଂସା ମାର୍ଗରେ ଅନ୍ୟାୟକୁ ବିରୋଧ କରିବାକୁ ଶପଥ ନେଇଥିଲେ । ଅହିଂସାର ଶକ୍ତି ତାଙ୍କୁ କେବଳ ଶାନ୍ତି ଦେଇନଥିଲା, ଅନ୍ୟ ବିରୋଧରେ ଲଢ଼ିବା ପାଇଁ ମନୋବଳ ଯୋଗାଇଥିଲା । ଏଣୁ ଶାନ୍ତି ପାଇଁ ଅହିଂସାର ପଥ ହିଁ ସର୍ବୋତ୍କୃଷ୍ଟ । ଆସନ୍ତୁ ପୂଜ୍ୟ ବାପୁଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ଅବସରରେ ଇଶ୍ୱରଦତ୍ତ ସୁଗୁଣକୁ ବଜାୟ ରଖି ସତ୍ୟବାଦୀତା, ଅହିଂସା, ସମାଜ ପ୍ରତି ସେବା ଏହିପରି ସଦଗୁଣକୁ ଅନୁଶୀଳନ କରି ଆମ୍ଭ ମାନଙ୍କ ଜୀବନରେ ପାଳନ କରିବା ହିଁ ହେବ ବାପୁଜୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ ।





> ଇଶ୍ୱରଦତ୍ତ ସୁଗୁଣଗୁଡ଼ିକ ମଧ୍ୟରେ ଅହିଂସା ସର୍ବଶ୍ରେଷ୍ଠ । ଏହା ଜୀବ ପ୍ରତି ଦୟାଭାବ । ଏହା ଅସୀମ ଶକ୍ତି ଯୋଗାଏ ଏବଂ ଅସମ୍ଭବକୁ ସମ୍ଭବରେ ପରିଣତ କରିପାରେ । ଅହିଂସା ଆଚରଣ କରୁଥିବା ବ୍ୟକ୍ତି କେବେ ନିରାଶ ହୁଏନାହିଁ । ଗାନ୍ଧୀଜୀ ଥିଲେ ଆଦର୍ଶବାଦୀ ଓ ଆଧ୍ୟାତ୍ମବାଦୀ ।

+ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ

# ମୁଁ ବି ଗାନ୍ଧିଜୀ ହେବି

ଶୁଭନାରାୟଣ ଶତପଥୀ





ପ୍ରଭାକରବାବୁ ସହରରେ ରୁହନ୍ତି । ପୁଅ ସେହିଠାରେ ପଢେ । ବିଦ୍ୟାଳୟରୁ ଘରକୁ ଆଉ ଘରୁ ବିଦ୍ୟାଳୟଛଡା କେବେ କେମିତି ସେ ତା ମାଆଙ୍କ ସହିତ ପାର୍କକୁ ବୁଲିବାକୁ ଯାଏ । ଥରେ ପ୍ରଭାକରବାବୁ ତାଙ୍କ ପୁଅକୁ ନେଇ ଛୁଟିରେ ଗାଁକୁ ବୁଲିବାକୁ ଆସିଥାନ୍ତି । ଛୁଟିଭିତରେ ପ୍ରଭାକରବାବୁ ତାଙ୍କର ଜମିଜମା, ଘର ମରାମତି କାମ ବୁଝୁଥାନ୍ତି । ଦିନେ ଅପରାହ୍ନରେ ତାଙ୍କ ପୁଅ ଗାଁର ପିଲାମାନଙ୍କ ସହିତ ମଜା ମଜଲିସ କରୁଥାଏ । ଏହି ସମୟରେ ଜଣେ ବୃଦ୍ଧ ଲୋକଙ୍କୁ ସେ ଦେଖିଲା ଆଣ୍ଠୁ ଲୁଚୁ ନଥିବା ଧୋତି ପିନ୍ଧି ବାଡି ଖଣ୍ଡେ ଧରି ଚାଲୁଥାନ୍ତି । ଆଉ ତାଙ୍କ ସହିତ କିଛି ଲୋକ ଯାଉଥାନ୍ତି । ଟିକେ ରହି ପ୍ରଭାବକରବାବୁଙ୍କ ପୁଅ ନିରୀକ୍ଷଣ କଲା । ମନେମନେ ଭାବିଲା ଇଏ ତ ସେହି ମହାତ୍ମା ଗାନ୍ଧୀ, ଯାହାଙ୍କୁ ମୁଁ ବହିରେ ପଢିଥିଲି । ପିଲାମାନଙ୍କ ନିକଟରୁ ଧାଇଁଗଲା ବାପାଙ୍କପାଖକୁ । କହିଲା ବାପା ମୁଁ ଆଜି ମହାତ୍ମା ଗାନ୍ଧୀଙ୍କୁ ଦେଖିଲି । ବାପା ହସିଲେ ଓ କହିଲେ କେଉଁଠି । ପୁଅ ଉତର ଦେଲା, ଏଇ ଆମ ଗାଁ ମୁଣ୍ଡରୁ ବାହାରି ଗାଁ ଭିତରକୁ ଆସିଲେ । ବାପା କହିଲେ ବୁଝିଲୁ ସେ ପରା ଆମ ମାଧ ଅଜା । ପୁଅ ଆଶ୍ଚର୍ଯ୍ୟ ହେଲା । ସଞ୍ଜବେଳ ହେବାରୁ ପୁଅକୁ ନେଇ ପ୍ରଭାକରବାବୁ ମାଧଅଜାଙ୍କ ଘରକୁ ଗଲେ । ମାଧଅଜା ଓ ତାଙ୍କ ପରିବାରର ଲୋକେ ସ୍ୱାଗତ କରିବାକୁ ଆସିଲେ । ସମସ୍ତେ ଭାରି ସରଳ ପ୍ରକୃତିର ଓ ଉତମ ବ୍ୟବହାର । ପ୍ରଭାକରବାବୁଙ୍କୁ ଦେଖିବାକ୍ଷଣି ମାଧଅଜା ବସିଥିବା ସ୍ଥାନରୁ ଉଠିଆସିଲେ । ତାଙ୍କ ହାତଧରି ନେଇ ବସାଇଦେଲେ । ଆଉ ତାଙ୍କ ପୁଅମୁଣ୍ଡକୁ ଆଉଁସି ଦେଇ ଆଶୀର୍ବାଦ ଦେଲେ । ଆଶ୍ଚର୍ଯ୍ୟ ହେଲା ପ୍ରଭାକରବାବୁଙ୍କ ପୁଅ ସେହି ଗାନ୍ଧୀଙ୍କ ପରି ଚେହେରା ଓ ଚାଲିଚଳନ । ହସହସ ମୁହଁ ମିଠାଭରା କଥା । ଏହାକୁ ଦେଖି ଚାହିଁରହିଥାଏ ପୁଅ । ତାଙ୍କ ପରିବାରର ସବୁଲୋକ ଯେମିତି ଗାନ୍ଧୀ ଆଦର୍ଶକୁ ମାନୁଛନ୍ତି । ନା ପଟିତୁଣ୍ଡ ଅଛି ନା କଳିଗୋଳ । ସମସ୍ତେ ସହିଷ୍ଣୁ ଓ ସତ୍ୟବାଦୀ । ବିଶ୍ୱାସରେ ବାଲିଛି ପରିବାର । ଏମିତି ଅତ୍ମୀୟତା, ଅତିଥି ସତ୍କାର, ସ୍ନେହ, ସହାନୁଭୁତି ସେ କେବେ କାହାଠାରୁ ପାଇନଥିଲା । ଏସବୁ ଜାଣି ପ୍ରଭାକରବାବୁଙ୍କ ପୁଅ କହିଲେ ବାପା ଆମେ ବି ଆମ ଘରେ ଏମିତି ଚଳିପାରିବାନି ? ପ୍ରଭାକରବାବୁ ତଟସ୍ଥ ହୋଇ ଚାହିଁ ରହିଥାନ୍ତି । କାରଣ ତାଙ୍କ ପୁଅ ଏଇ କଅଁଳ ବାୟସରୁ ଗାନ୍ଧିଜୀଙ୍କ ପଥ ଅନୁସରଣ କରିବା କଥା କହୁଛି । ଏହି ସମୟରେ ଗାନ୍ଧିଜୀଙ୍କ ଜୀବନୀ ପୁସ୍ତକ ଖଣ୍ଡିଏ ହାତରେ ଧରାଇଦେଇ ମାଧ ଅଜା କହିଲେ ସତ୍ୟ, ଅହିଂସା, କ୍ଷମା, ସମାନୁଭୁତି ରଖିପାରିଲେ ତୁ ବି ଗାନ୍ଧିଜୀଙ୍କ ପରି ହୋଇଯିବୁ । ଏଥର ପ୍ରଭାକର ବାବୁଙ୍କ ପୁଅ ସବୁ ବୁଝିଗଲା । ସେ ବାପାଙ୍କୁ କହିଲା ମୁଁ ବି ଗାନ୍ଧିଜୀ ହେବି । ବାପା ଓ ମାଧଅଜା କହିଲେ, ସଭିଁଏ ତୋଭଳି ଚିନ୍ତା କଲେ ଏ ସମାଜଟା ରାମରାଜ୍ୟରେ ପରିବର୍ତନ ହୋଇଯାଆନ୍ତା ।

+ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ-୯୪୩୮୪୩୨୦୨୩

# ଗାନ୍ଧୀଜୀଙ୍କ ଦୃଷ୍ଟିରେ ସ୍ୱରାଜ୍ୟ

ଡ. ସମନ୍ୱୟ ନନ୍ଦ

ମହାତ୍ମା ଗାନ୍ଧୀ ଦେଶର ମାଟିର ନେତା ଥିଲେ । ତାଙ୍କର ଚିନ୍ତନ ଓ ବିଚାରରେ ଭାରତୀୟତାର ମହକ ରହିଥିଲା । ତାଙ୍କ ଦୃଷ୍ଟିରେ ସ୍ୱରାଜ୍ୟର ଅର୍ଥ ଭାରତର ଶାସନ ବ୍ୟବସ୍ଥା ଭାରତୀୟ ମାନଙ୍କ ହାତକୁ ଆସିବା ନ ଥିଲା ବରଂ ତାଙ୍କ ଦୃଷ୍ଟିରେ ସ୍ୱରାଜ୍ୟର ବାସ୍ତବିକ ଅର୍ଥ ଇଂରେଜ ଶାସନ ବ୍ୟବସ୍ଥା ବଦଳରେ ଭାରତୀୟ ବ୍ୟବସ୍ଥା ଲାଗୁ କରିବା ଥିଲା ।

ମହାତ୍ମା ଗାନ୍ଧୀଙ୍କ ସ୍ୱରାଜର ପରିକଳ୍ପନାକୁ ବୁଝିବାକୁ ହେଲେ ତାଙ୍କର ପୁସ୍ତିକା ହିନ୍ଦ ସ୍ୱରାଜ ବା ଇଣ୍ଡିଆନ ହୋମ ରୁଲ ପଢିବା ଜରୁରୀ । ବାସ୍ତବରେ ଏହି ଛୋଟ ପୁସ୍ତିକାରେ ମହାତ୍ମା ଗାନ୍ଧୀଙ୍କ ମୂଳ ବିଚାର ସାରତତ୍ୱ ରହିଛି ବୋଲି ବିଶେଷଜ୍ଞ ମାନେ ମନେ କରନ୍ତି । ଏହି ପୁସ୍ତକରେ ମହାତ୍ମା ଗାନ୍ଧୀ ଅତ୍ୟନ୍ତ ସରଳ ଭାଷାରେ ସ୍ୱରାଜର ଅର୍ଥ କଣ ତାହା ସ୍ପଷ୍ଟ କରିଛନ୍ତି ।

ଏହି ପୁସ୍ତକର ଚତୁର୍ଥ ଅଧ୍ୟାୟର ଶୀର୍ଷକ ହେଲା 'ସ୍ୱରାଜ କଣ ?' ଏହି ଅଧ୍ୟାୟରେ ସମ୍ପାଦକ ଗାନ୍ଧୀଜୀ ଜଣେ ପାଠକ ସହ କଥାବାର୍ତା କରି ସ୍ୱରାଜ କଣ ତାହାକୁ ସ୍ପଷ୍ଟ କରିଛନ୍ତି । ଏହି ଅଧ୍ୟାୟର ସାର ନିମ୍ନରେ ପ୍ରଦାନ କରା ଯାଇଛି । ଏହାକୁ ପଢିବା ଦ୍ୱାରା ଗାନ୍ଧୀଙ୍କ ସ୍ୱରାଜ କଣ ତାହା ସ୍ପଷ୍ଟ ହୋଇ ପାରିବ ।

ପୁସ୍ତକର ଏହି ଅଧ୍ୟାୟରେ ସମ୍ପାଦକ ପାଠକକୁ ପଚାରିଛନ୍ତି ଯେ 'ସ୍ୱରାଜ ତାଙ୍କୁ କାହିଁକି ଆବଶ୍ୟକ । ଯଦି ଭାରତୀୟ ମାନେ ଯାହା ମାଗିବେ ଇଂରେଜ ମାନେ ଯଦି ତାକୁ ମାନି ନେବେ ତେବେ ତାଙ୍କୁ ଦେଶରୁ ବିତାଡିତ କରିବାର କଣ ଆବଶ୍ୟକତା ରହିଛି ? 'ଏହାର ଉତରରେ ପାଠକ ଜଣଙ୍କ କହିଛନ୍ତି ଯେ 'ଇଂରେଜ ମାନଙ୍କର ଶାସନରେ ଭାରତ କାଙ୍ଗାଳ ହେଉଛି । ଇଂରେଜ ମାନେ ଭାରତରୁ ଲୁଣ୍ଠନ କରୁଛନ୍ତି, ଗୋରା ମାନଙ୍କୁ ବଡ ପଦରେ ରଖନ୍ତି, ଭାରତୀୟ ମାନଙ୍କ ପ୍ରତି ଖରାପ ବ୍ୟବହାର କରନ୍ତି । ତେଣୁ ସେମାନଙ୍କୁ ଭାରତରୁ ଚାଲି ଯିବା ଆବଶ୍ୟକ । '


ଏହାର ଉତରରେ ଗାନ୍ଧୀଜୀ ଅର୍ଥାତ ସମ୍ପାଦକ ପ୍ରଶ୍ନ କରିଛନ୍ତି ଯେ 'ଯଦି ଇଂରେଜ ମାନେ ଭାରତକୁ ଲୁଣ୍ଠନ ବନ୍ଦ କରି ଦେବେ, ନମ୍ର ବ୍ୟବହାର କରିବେ. ବଡ ବଡ ପଦରେ ଭାରତୀୟ ମାନଙ୍କୁ ରଖିବେ, ଭାରତୀୟ ମାନଙ୍କ ପ୍ରତି ଭଲ ବ୍ୟବହାର କରିବେ ତେବେ ଇଂରେଜ ମାନଙ୍କ ଭାରତରେ ରହିବାରେ କଣ ଅସୁବିଧା ରହିଛି । '

ଏହାର ଉତରରେ ପାଠକ ଜଣଙ୍କ କହିଛନ୍ତି ଯେ 'ଏହି ପ୍ରଶ୍ନ ହେଉଛି ବେକାର ପ୍ରଶ୍ନ । କାରଣ ଆପଣ ପଚାରୁଛନ୍ତି ଯେ ବାଘ ନିଜର ପ୍ରକୃତିକୁ ତ୍ୟାଗ କଲେ ତା ସହ ବନ୍ଧୁତାରେ କଣ ଅସୁବିଧା ଅଛି । ବାଘ ଯଦି ନିଜର ସ୍ୱଭାବ ଛାଡି ପାରିବ ନାହିଁ, ସେହିପରି ଇଂରେଜ ମାନେ ତାଙ୍କର ସ୍ୱଭାବ ଛାଡି ପାରିବେ ନାହିଁ । ତେଣୁ ଏପରି କେବେ ହେବ ନାହିଁ । '

ଗାନ୍ଧୀଜୀ ଅର୍ଥାତ ସମ୍ପାଦକ ପାଠକଙ୍କୁ ପ୍ରଶ୍ନ କରିଛନ୍ତି ଯେ ' ଯଦି ଇଂରେଜ ମାନେ ଭାରତୀୟ ମାନଙ୍କ ଦାବି ଅନୁସାରେ ଦେଶ ଛାଡି ଚାଲି ଯାଆନ୍ତି , ତା ପରେ କଣ ହେବ ?'

ଏହାର ଉତରରେ ପାଠକ ଜଣଙ୍କ କହିଛନ୍ତି ଯେ 'ଏହାର ଉତର ବର୍ତମାନ ଠାରୁ ଦିଆ ଯାଇ ପାରିବ ନାହିଁ । ସେମାନେ କିଭଳି ପରିସ୍ଥିତିରେ ଯିବେ ତା ଆଧାରରେ ହେବ । ଆମେ ଇଂରେଜ ମାନଙ୍କ ଦ୍ୱାରା ତିଆରି କରା ଯାଇଥିବା ବ୍ୟବସ୍ଥାକୁ ଜାରୀ ରଖିବୁ, ଆମେ ସେହି ବ୍ୟବସ୍ଥା ଅନୁସାରେ ସରକାରୀ କାମ ହେବ । ସେମାନେ ଚାଲିଗଲେ ସୁଦ୍ଧା ତାଙ୍କ ଦ୍ୱାରା ଗଠିତ ସେନାବାହିନୀ ପ୍ରସ୍ତୁତ ରହିବ, ତେଣୁ ଆମକୁ କାମ କରିବାରେ କୌଣସି ଅସୁବିଧା ହେବ ନାହିଁ । '

ପାଠକ ଜଣଙ୍କ ପୁଣି କହିଛନ୍ତି ଯେ - ଆମେ ନିଜର ପତାକା ରଖିବୁ, ନିଜର ସେନା ବାହିନୀ ଓ ଜାହାଜ ରଖିବୁ । ଏହାଦ୍ୱାରା ସମଗ୍ର ବିଶ୍ୱରେ ଭାରତର ପ୍ରଭାବ ପ୍ରଦର୍ଶନ କରି ହେବ । 'ଏହାର ଉତରରେ ଗାନ୍ଧୀଜୀ ଅର୍ଥାତ ସମ୍ପାଦକ ପାଠକକୁ କହିଛନ୍ତି ଯେ -' ଆପଣ ସ୍ୱରାଜକୁ ନେଇ ଏକ ଭଲ ଚିତ୍ର ପ୍ରଦାନ କରିଛନ୍ତି । ଏହାର ଅର୍ଥ ହେଲା ଯେ ଆପଣଙ୍କୁ ଇଂରାଜୀ ବ୍ୟବସ୍ଥା ବିଶିଷ୍ଟ ରାଜ୍ୟ ଚାହୁଁଛନ୍ତି , ହେଲେ ଇଂରେଜ ଶାସକ ଚାହୁଁ ନାହାନ୍ତି । ଆପଣ ବାଘର ସ୍ୱଭାବ ଚାହୁଛନ୍ତି ହେଲେ ବାଘ ଚାହୁଁ ନାହାନ୍ତି । ଏହା ଦ୍ୱାରା ଆପଣ ହିନ୍ଦୁସ୍ଥାନକୁ ଇଂରେଜ କରିବାକୁ ଚାହୁଁଛନ୍ତି । ହିନ୍ଦୁସ୍ଥାନ ଯେତେବେଳେ ଇଂରେଜ ହୋଇ ଯିବ ସେତେବେଳେ ଏହା ଆଉ ଭାରତ ହୋଇ ରହିବ ନାହିଁ ବରଂ ବାସ୍ତବରେ ଇଂଲିଶସ୍ତାନ ହୋଇ ଯିବ । ଏହା ମୋର କଳ୍ପନାର ସ୍ୱରାଜ ନୁହେଁ । ଏହି ଅଧ୍ୟାୟରେ ଗାନ୍ଧୀ ଜୀ ତାଙ୍କର କଳ୍ପନାର ସ୍ୱରାଜ କଥା ଉଲ୍ଲେଖ କରିଛନ୍ତି । ସେ ଏହା ମାଧ୍ୟମରେ ସ୍ପଷ୍ଟ କରିଛନ୍ତି ଯେ ଇଂରେଜ ମାନଙ୍କୁ ବିତାଡିତ କରି ତାଙ୍କ ବ୍ୟବସ୍ଥାକୁ ଜାରୀ ରଖିବା ତାଙ୍କ କଳ୍ପନାର ସ୍ୱରାଜ ନୁହେଁ ବରଂ ଇଂରେଜ ମାନେ ରହିଲେ ମଧ୍ୟ ଆପତି ନାହିଁ ହେଲେ ଇଂରେଜ ମାନଙ୍କ ବ୍ୟବସ୍ଥାକୁ ବଦଳାଇ ଭାରତୀୟ ବ୍ୟବସ୍ଥା ଲାଗୁ କରିବା ହିଁ ତାଙ୍କର କଳ୍ପନାର ସ୍ୱରାଜ ।



ଅନେକ ଲୋକ ସ୍ୱରାଜ୍ୟକୁ ଇଣ୍ଡିପେଣ୍ଡେନ୍ସର ସମାନାର୍ଥୀ ଶବ୍ଦ ବୋଲି ମନେ କରନ୍ତି । ମାତ୍ର ମହାତ୍ମା ଗାନ୍ଧୀଙ୍କ ଦୃଷ୍ଟିରେ ସ୍ୱରାଜ୍ୟର ଇଣ୍ଡିପେଣ୍ଡେନ୍ସର ସମାନାର୍ଥୀ ନୁହେଁ । ଗାନ୍ଧୀଜୀ କହନ୍ତି - "ସ୍ୱରାଜ୍ୟ ଏକ ପବିତ୍ର ଶବ୍ଦ ଅଟେ, ଏହା ଏକ ବୈଦିକ ଶବ୍ଦ ଯାହାର ଅର୍ଥ ଆତ୍ମ ଶାସନ ଓ ଆତ୍ମ ସଂଯମ ଅଟେ । ଇଂରାଜୀ ଶବ୍ଦ ଇଣ୍ଡିପେଣ୍ଡେନ୍ସ ପ୍ରାୟତଃ ସମସ୍ତ ପ୍ରକାରର ମର୍ଯ୍ୟାଦାରୁ ମୁକ୍ତ ନିରଙ୍କୁଶ ସ୍ୱାଧୀନତା ବା ସ୍ୱଚ୍ଛନ୍ଦତାର ଅର୍ଥ ବହନ କରିଥାଏ , ସ୍ୱରାଜ୍ୟ ଶବ୍ଦରେ ଏହି ଅର୍ଥ ନାହିଁ ।"

ଗାନ୍ଧୀଜୀ କହନ୍ତି - "ସ୍ୱରାଜ୍ୟର ଅର୍ଥ ହେଲା ସରକାରୀ ନିୟନ୍ତ୍ରଣରୁ ମୁକ୍ତ ହେବା ପାଇଁ ଲଗତାର ଚେଷ୍ଟା କରିବା, ସେ ନିୟନ୍ତ୍ରଣ ବିଦେଶୀ ସରକାରର ନିୟନ୍ତ୍ରଣ ହେଉ ବା ସ୍ୱଦେଶୀ ସରକାରର ନିୟନ୍ତ୍ରଣ ହେଉ । ଯଦି ସ୍ୱରାଜ୍ୟ ହେବା ପରେ ଲୋକ ମାନେ ନିଜ ଜୀବନର ପ୍ରତ୍ୟେକ ଛୋଟ ଛୋଟ କଥାର ନିୟମ ପାଇଁ ସରକାରଙ୍କ ଆଡକୁ ଦେଖିବାକୁ ପଡେ ତେବେ ସ୍ୱରାଜ୍ୟ-ସରକାରର କିଛି ଅର୍ଥ ନାହିଁ । " କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ନିଜକୁ ଗାନ୍ଧୀବାଦୀ ବୋଲି କହି ପ୍ରଚାରିତ କରୁଥିବା ଲୋକ ମାନେ ଇଂରାଜୀ ବ୍ୟବସ୍ଥାକୁ ଜାରୀ ରଖିଛନ୍ତି । ବାସ୍ତବରେ ଗାନ୍ଧୀଙ୍କ ବିଚାରର ସ୍ୱରାଜ ସେତେବେଳେ ଆସି ପାରିବ ଯେତେବେଳେ ଦେଶରେ ଥିବା ଇଂରାଜୀ ବ୍ୟବସ୍ଥା ବଦଳରେ ଭାରତୀୟ ବ୍ୟବସ୍ଥା ଲାଗୁ ହେବା

ଗାନ୍ଧୀଙ୍କ ମୂର୍ତିରେ ମାଲ୍ୟାର୍ପଣ କଲେ କିଛି ଲାଭ ହେବ ନାହିଁ ଆମେ ତାଙ୍କ ବିଚାରର ସ୍ୱରାଜ୍ୟ ଅର୍ଥାତ ଭାରତୀୟ ବ୍ୟବସ୍ଥା ଲାଗୁ କରି ପାରିଲେ ହିଁ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଂଜଳି ହେବ ।

## ସତ୍ୟ ଓ ଅହିଂସାର....

(ପୃଷ୍ଠା ୩ର ଅବଶିଷ୍ଟାଂଶ)

ବିଦେଶୀ ଦ୍ରବ୍ୟବର୍ଜନ, ଦେଶୀୟ ଦ୍ରବ୍ୟ ବ୍ୟବହାର ଖଦୀ ଭଣ୍ଡାର ସ୍ଥାପନ, ସ୍ୱାଧୀନତା ସଂଗ୍ରାମର ବାର୍ତା ଗାଁ ଗାଁରେ ପ୍ରଚାର କାରିଥିଲେ । ସମାଜରୁ ଅସ୍ପୃଶ୍ୟତା,ଅନ୍ଧବିଶ୍ୱାସ, କୁସଂସ୍କାରକୁ ଦୂରକରି ରାମରାଜ୍ୟର ପ୍ରତିଷ୍ଠା କରିବାର ପରିକଳ୍ପନା କରିଥିଲେ। ଆତ୍ମନିର୍ଭରଶୀଳ ହେବାପାଇଁ କହୁଥିଲେ । ସେଥିପାଇଁ କୁଟୀର ଶିଳ୍ପ ଉପରେ ପ୍ରାଧାନ୍ୟ ଦେଉଥଲେ । ସେ ଉଭ୍ରୟ ଅଥନୈତିକ ଏବଂ ରାଜନୈତିକ କ୍ଷେତ୍ରରେ ବିକେନ୍ଦ୍ରୀକରଣ ବ୍ୟବସ୍ଥାକୁ ଭଲ ପାଉଥିଲେ । ନାରୀ ମାନଙ୍କୁ ସମାଜର ମୂଖ୍ୟସ୍ରୋତକୁ ଆଣିବା ପାଇଁ ନାରୀ ପୁରୁଷ ଭିତରେ ବିଭେଦ ଦୂର କରିଥିଲେ । ଯୌତୁକ ଶୂନ୍ୟ ସମାଜର ପରିକଳ୍ପନା କରିଥିଲେ । କୁଟିଖାଅ କାଟିପିନ୍ଧ ନୀତିକୁ ଆପଣେଇଥିଲେ । ଘରେ ଘରେ ଅରଟ ବସାଇ ଲୁଗା ବୁଣିବାକୁ ଆହ୍ୱାନ ଦେଉଥିଲେ । ବହୁ ଶିକ୍ଷିତ ବ୍ୟକ୍ତି ଏହି ଅହିଂସା ଆନ୍ଦୋଳନରେ ଯୋଗଦେଲେ । ୧୯୩୦ ମସିହାରେ ଗାନ୍ଧୀ ନିଜେ ଅନ୍ୟ ସଂଗ୍ରାମୀମାନଙ୍କ ସହ ଗୁଜୁରାଟର ଦାଣ୍ଡୀ ନାମକ ସ୍ଥାନରେ ଲବଣ ଆଇନ ଭଙ୍ଗ କରିଥିଲେ । ହିଂସା ମାଧ୍ୟମରେ ସ୍ୱାଧୀନତା ମିଳିବା କଷ୍ଟକର ବୋଲି ଗାନ୍ଧିଜୀ ଗାଁ ଗାଁ ବୁଲି ବାରମ୍ବାର ଲୋକମାନଙ୍କୁ ବୁଝାଇଲେ । ୧୯୪୨ ମସିହା ଜୁଲାଇ ୧୪ ତାରିଖ ଠାରୁ ଗାନ୍ଧିଜୀଙ୍କ ନେତୃତ୍ୱରେ ଭାରତ ଛାଡ ଆନ୍ଦୋଳନ ପାଇଁ ସତ୍ୟାଗ୍ରହୀକର୍ମୀ ସ୍ୱାଧୀନତା ଆନ୍ଦୋଳନରେ ନିଜ ନଜର ଜୀବନ ଉତ୍ସର୍ଗ କଲେ । ଗାନ୍ଧିଜୀଙ୍କ ପ୍ରଗାଢ ଉଦ୍ୟମ ବଳରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହେଲା । ଦେଶ ସ୍ୱାଧୀନତା ର ଏକ ବର୍ଷ ନ ପୁରୁଣୁ ଏହି ଯୁଗ ପୁରୁଷ ଗାନ୍ଧିଜୀ ଆମ ନିକଟରୁ ଚିର ବିଦାୟ ନେଲେ ହେଲେ ସତ୍ୟ, ଶାନ୍ତି,ଅହିଂସାର ମୂର୍ତିମନ୍ତ ପ୍ରତୀକ ହୋଇ ରହିଗଲେ ଏ ଦୁନିଆ ପାଖରେ । ସେ ଥିଲେ ଅହିଂସା ମାର୍ଗର ସେନାପତି । ଅନଶନରେ ଥିଲେ ଅଚଳ ମହାମେରୁ । ଅସତ୍ୟ, ଘୃଣା, ବିଦ୍ୱେଷ ହିଂସାର ପାପ ପଙ୍କିଳ ସ୍ତରରୁ ମାନବ ସମାଜକୁ ସତ୍ର, ଶାନ୍ତ,ମୈତ୍ରୀ , ପ୍ରେମ ମାର୍ଗରେ ଆଗେଇନେବାର ସଂକଳ୍ପକୁ ସେ ହୃଦୟରେ ଗ୍ରହଣ କରିଥିଲେ । ତାଙ୍କ ମୃତ୍ୟୁ ନଥବଲା ସାଧାରଣ ମଣିଷର । କୋଟି ଜନତାଙ୍କ ହୃଦୟକୁ ଅହିଂସାରେ ଜିତିଥିବା ମହାପୁରୁଷ ଥିଲେ ସିଏ । ଯିଏ ଆଜି ଯାଏଁ ବି ଜୀବିତ ଅଛନ୍ତି ଏ ଜାତିର ମହାନ ଆତ୍ମା ହୋଇ । ଯାହାର ଅହିଂସା ଓ ଅସହଯୋଗ ଫଳରେ ଏ ଜାତି ଚାଖିଥିଲା ସ୍ୱାଧାନତାର ସ୍ୱାଦ । ଯାହାର ପ୍ରତିମୂର୍ତି କାମ୍ବୋଡିଆର ରାଜଧାନୀ ଫେମପେନ ସହରରେ ସ୍ଥାପିତ ଏବଂ ସେହି ମୂର୍ତି ତଳେ ଲେଖିତ ସତ୍ୟ, ଅହିଂସା ଓ ଶାନ୍ତିର ପ୍ରତୀକ । ଅହିଂସାକୁ ଅସ୍ତ୍ର କରି ସେ ଭାରତମାତାକୁ ଶୃଙ୍ଖଳମୁକ୍ତ କରିଥିଲେ । ସେ ଥିଲେ ସଂସାରୀ ସନ୍ୟାସୀ । ଆଂଠୁ ଉପରକୁ ଖଣ୍ଡିଏ ଖଦଡ ଗାମୁଛା ପିନ୍ଧା ଏକ ଫକୀର ଯାହାର ନାମ ଦେଇଥିଲେ ବିଦେଶୀ ଲଙ୍ଗଳା ଫକୀର । ସନାତନ ଅହିଂସା ଧର୍ମକୁ ସେ କରିଥିଲେ ବ୍ରତ । ସକଳ ଘଟରେ ନିଜକୁ ଓ ନିଜ ଘଟରେ ସକଳକୁ ଦେଖୁଥିଲେ । ସବୁ ଧର୍ମକୁ ସମ୍ମାନ ଦେଉଥିଲେ । ସେ ଥିଲେ ଈଶ୍ୱର ବିଶ୍ୱାସୀ । ସର୍ବଧର୍ମ ଏକ ବୋଲି ଦୃଢ଼ତାର ସହିତ କହୁଥିଲେ।

ଜାତିସଂଘ ତାଙ୍କ ଜନ୍ମଦିବସକୁ ବିଶ୍ୱ ଅହିଂସାର ଦିବସ ବୋଲି ଘୋଷଣା କରିଛି । ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରି ମିଳିତ ଜାତିସଂଘ କହିଥିଲା ଗାନ୍ଧୀ ହେଉଛନ୍ତି ଆଧୁନିକ ବିଶ୍ୱ ଶାନ୍ତିର ଦାର୍ଶନିକ । ସମଗ୍ର ବିଶ୍ୱ ଆଜି ତାଙ୍କୁ ନମନ କଣେ ତାଙ୍କ ଅହିଂସା ମନ୍ତ୍ରକୁ ତାଙ୍କ ନୀତି ଆଦର୍ଶକୁ ସମ୍ମାନ ଦିଏ । ସେ ଆଜି ନାହାନ୍ତି ଆମ ପାଖରେ ସତ ହେଲେ ଏବେ ମଧ୍ୟ ପରିବେଶ, ଅହିଂସା, ନାରୀକୁ ସୁରକ୍ଷା, ନିଶା ନିବାରଣ, ସ୍ୱଦେଶୀ ଜିନିଷ ପ୍ରତି ଆଗହ ଓ ସ୍ୱାବଲମ୍ବୀ ଅର୍ଥନୀତି ଆଦି ବହୁ ସୂତ୍ର ଗାନ୍ଧିବାଦର ଗୋଟିଏ ଗୋଟିଏ ମନ୍ତ୍ର ହୋଇ ରହିଛି ।

+ଗଙ୍ଗନଗର ଛକ
ଭୁବନେଶ୍ୱର
ମୋ: ୭୯୭୮୧୧୦୪୭୪

## ଆଫ୍ରିକାର ସମ୍ମାନ ପାଇଁ ସଂଗ୍ରାମ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

କଳକାରଖାନାର ଅଭାବ ଏବଂ ଶିକ୍ଷିତ କୁଶଳୀ ଲୋକଙ୍କ ଅଭାବ ଯୋଗୁ ଆଫ୍ରିକାର ସଂପଦ ସ୍ଥାନୀୟ ସ୍ତରରେ ଉପଯୋଗ ହୋଇପାରୁନାହିଁ । ୨୦୨୩ ଏବଂ ୨୦୨୪ ବର୍ଷରେ ମହାଦେଶର ଜିଡିପି ୪ ପ୍ରତିଶତ ରହିବ ବୋଲି ଅନୁମାନ କରାଯାଉଛି, ଯାହା ବିଶ୍ୱର ହାରାହାରି ଜିଡିପି ୨.୭ ପ୍ରତିଶତରୁ ଅଧିକ । କୋରୋନା ପୂର୍ବରୁ ଯେଉଁ ପାଞ୍ଚୋଟି ଦେଶର ବିକାଶ ହାର ୫.୫ ପ୍ରତିଶତ ରହିଥିଲା ୨୦୨୩-୨୪ରେ ସେହିସବୁ ରାଷ୍ଟ୍ରଗୁଡିକର ବିକାଶହାର ଦ୍ରୁତ ରହିବ ବୋଲି ଜଣାପଡୁଛି । ତନ୍ମଧ୍ୟରେ ରୁଆଣ୍ଡା (୭୯%), କୋଟେ ଡେ ଭୋଇରେ (୭.୧) ପ୍ରତିଶତ, ବେନିନ (୬.୪ ପ୍ରତିଶତ), ଇଥିଓପିଆ (୬.୦ ପ୍ରତିଶତ), ତାଞ୍ଜାନିଆ (୫.୬ ପ୍ରତିଶତ), ଗଣତାନ୍ତ୍ରିକ କଙ୍ଗୋ (୬.୮ ପ୍ରତିଶତ), ଗାମ୍ବିଆ (୬.୪ ପ୍ରତିଶତ), ମୋଜାମ୍ବିକ (୬.୫ ପ୍ରତିଶତ), ନାଇଜର (୯.୬ପ୍ରତିଶତ), ସେନେଗାଲ (୯.୪ ପ୍ରତିଶତ) ଏବଂ ଟୋଗୋ (୬.୩ ପ୍ରତିଶତ) ପ୍ରମୁଖ । ଆକଳନ ଅନୁଯାୟୀ ୨୦୨୩-୨୪ରେ ଆଫ୍ରିକାର ଅର୍ଥନୀତି ସ୍ଥିର ରହିବ । କେନ୍ଦ୍ର ଆଫ୍ରିକାରେ ୪.୭%, ଦାକ୍ଷିଣାତ୍ୟ ଆଫ୍ରିକାରେ ୪.୩%, ପଶ୍ଚିମ ଆଫ୍ରିକାରେ ୩.୬ ପ୍ରତିଶତ, ଉତ୍ତର ଆଫ୍ରିକାରେ ୪.୩ ପ୍ରତିଶତ, ପୂର୍ବ ଆଫ୍ରିକାରେ ୫.୦ ପ୍ରତିଶତ ବିକାଶହାର ରହିବ ।

୧୯୫୦ରୁ ୧୯୭୫ ମଧ୍ୟରେ ଆଫ୍ରିକାର ଅନେକ ରାଷ୍ଟ୍ର ସ୍ୱାଧୀନତା ଲାଭ କରିଥିଲେ । ତେବେ ବ୍ରିଟିସ ଶାସନକାଳରେ କେନିଆରେ ମାଉ ମାଉ ବିଦ୍ରୋହ, ପ୍ରେଞ୍ଚ ଶାସିତ ଆଲଜେରିଆରେ ଯୁଦ୍ଧ, ବେଲଜିୟମ ଶାସିତ କଙ୍ଗୋରେ ସଂଘର୍ଷ, ପର୍ତ୍ତୁଗୀଜ ଶାସିତ ଆଙ୍ଗୋଲାରେ ସ୍ୱାଧୀନତା ପାଇଁ ଆନ୍ଦୋଳନ, ଜାଞ୍ଜିବର ବିପ୍ଳବ, ନାଇଜେରିଆରେ ଗୃହଯୁଦ୍ଧ ଆଦି ଆଫ୍ରିକାକୁ ଅସ୍ଥିର ରଖିଥିଲା । ଆଜି ମଧ ଇସଲାମିକ ସନ୍ତ୍ରାସବାଦ ଆଫ୍ରିକାର କେତେକ ଦେଶରେ ଭୟାବହ ପରିସ୍ଥିତି ସୃଷ୍ଟି କରିଛି । କେତେକ ଦେଶରେ ଜାତିଗତ ସଂଘର୍ଷ ରକ୍ତପାତର କାରଣ ହୋଇଛି । ସାମାଜିକ ଏବଂ ରାଜନୈତିକ ସ୍ତରରେ ଏସବୁକୁ ନିୟନ୍ତ୍ରଣ କରାଯିବା ଦରକାର । ଆଫ୍ରିକାର ସରକାରଗୁଡିକ ଧନୀ ଦେଶର କାଠକଣ୍ଢେଇ ନହୋଇ ସ୍ୱାଭିମାନର ସହ ନେତୃତ୍ୱ ଦେଇପାରିଲେ ବିଶ୍ୱରେ ଆଫ୍ରିକାର ସମ୍ମାନ ବଢିବ ଏଥିରେ ସନ୍ଦେହ ନାହିଁ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

## ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ହି ସେବା କାର୍ଯ୍ୟକ୍ରମ




ପାରାଦୀପ, ୦୧/୧୦ (ନି.ପ୍ର): ପରିବେଶ କରିବା ସଫା ପାଇଁ ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଦିନ ଏକ ଘଣ୍ଟା ସମୟ ଦେବାକୁ ଦେଶବାସୀଙ୍କୁ ନିବେଦନ କରିଥିଲେ । ଏହାକୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦର, ପାରାଦୀପ ପୌରପାଳିକା, ପାରାଦୀପ ସାକ୍ଷରତା ସମିତି ଓ ସ୍ଥାନୀୟ ଛାତ୍ରଛାତ୍ରୀ ଏକ ସଫେଇ କାର୍ଯ୍ୟକ୍ରମରେ ଏକତ୍ରିତ ହୋଇଥିଲେ । ପାରାଦୀପ ମଧୁବନସ୍ଥିତ ଗୁଣ୍ଡିଚା ମନ୍ଦିର ନିକଟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ସ୍ୱଚ୍ଛତା ରଥର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳଙ୍କ ସମେତ ପାରାଦୀପ ବନ୍ଦରର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ ।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ - ୨୦୨୩ ପାଳିତ

ଭଦ୍ରକ, ୦୧/୧୦ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ନିଖିଳ ଉତ୍କଳ ହରିଜନ ଆଦିବାସୀ ସେବା ସଂଘ, ନୁହାସ, ବାସୁଦେବପୁର ଠାରେ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ୨୦୨୩ ପାଳିତ ହୋଇଯାଇଛି । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ, ଶ୍ରୀମତୀ ନୋ ଅଗ୍ରୱାଲ ଏହି ଦିବସ ପାଳନର ଅର୍ଥ, ଦାୟିତ୍ୱ ଏବଂ ପିଲାମାନେ ବାପାମାଆଙ୍କ ପ୍ରତିଥିବା କର୍ତ୍ତବ୍ୟ ସଂପର୍କରେ ବୁଝାଇଥିଲେ । ବରିଷ୍ଠ ନାଗରିକମାନଙ୍କୁ ଉପଯୁକ୍ତ ସମ୍ମାନ, ସ୍ନେହ ଶ୍ରଦ୍ଧା ତଥା ସେମାନଙ୍କର ଯତ୍ନ ସଂପର୍କରେ ମଧ୍ୟ ଗଭୀର ଭାବରେ ଆଲୋକପାତ କରି ବରିଷ୍ଠ ନାଗରିକ ମାନଙ୍କୁ ଜଣ ଜଣ କରି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀ ରମେଶ ଚନ୍ଦ୍ର ଦୀକ୍ଷିତ, ସଭାପତି, ହରିଜନ ଆଦିବାସୀ ସେବା ସଂଘ (ନୁହାସ) ଉପସ୍ଥିତ ରହି ଆଜିର ଦିବସକୁ ଆନନ୍ଦର ସହ ପାଳନ କରି ସମସ୍ତଙ୍କ ମଧ୍ୟରେ ଆନନ୍ଦ ଭରି ଦେଇଥିଲେ । ବରିଷ୍ଠ ନାଗରିକ ହେଉଛନ୍ତି ଆମଦେଶର ମୂଲ୍ୟବାନ ସଂପତ୍ତି, ସେମାନେ ନରହିଲେ ଆମେ ଅତୀତ ଘଟଣାବଳୀ ଜାଣିପାରିବା ନାହିଁ । ତେଣୁ ବରିଷ୍ଠ ନାଗରିକ ମାନଙ୍କୁ ସମ୍ମାନ ଦେବା ସହ ସେମାନଙ୍କୁ ଶ୍ରଦ୍ଧା କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ ।

## ବରିଷ୍ଠ ନାଗରିକମାନଙ୍କୁ ବିଡ଼ିଓଙ୍କ ସମ୍ବର୍ଦ୍ଧନା

ଜୟପୁର, ୦୧/୧୦ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ବାରିଣିପୁଟ ଗ୍ରାମପଂଚାୟତ ଏବଂ ଉମୁରୀ ଗ୍ରାମପଂଚାୟତ ଠାରେ ଆଜି ବରିଷ୍ଠ ନାଗରିକ ଦିବସରେ ଜୟପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜିବ ଦାଶ ବରିଷ୍ଠ ନାଗରିକ ମାନଙ୍କୁ ସମ୍ବର୍ଦ୍ଧନା ଦେଇଛନ୍ତି । ତାଙ୍କ ସହିତ ଏବିଡିଓ ମନୋଜ ନାୟକ, ଜିପିଓ ପ୍ରଶାନ୍ତ ମିଶ୍ର, ପିଇଓ ଶ୍ରୀନିବାସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ । ଆଜି ବୟସ୍କ ବ୍ୟକ୍ତିମାନଙ୍କର ପାଇଁ ଏକ ଦିନ ।ବୟସ୍କ, ବୟସ୍କା ବୃଦ୍ଧ ବୃଦ୍ଧା ମାନଙ୍କ ପାଇଁ ଆଜିର ଦିନ ତଥା ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଥାଏ । ଆଜି ଜୟପୁର ବ୍ଲକ ବିଡ଼ିଓ ନିଜେ ଜୟପୁର ବ୍ଲକ ସ୍ଥିତ ବାରିଣୀ ପୁଟ ଏବଂ ଉମୁରୀ ଗ୍ରାମପଂଚାୟତ ଏବଂ ବିଭିନ୍ନ ପଂଚାୟତ ଠାରେ ପହଂଚି ବରିଷ୍ଠ ତଥା ବୟସ୍କ, ବୟସ୍କା, ବୃଦ୍ଧ ବୃଦ୍ଧା ମାନଙ୍କୁ ସଲ୍ ଏବଂ ଫୁଲତୋଡ଼ା ଦେଇଥିଲେ ସମ୍ବର୍ଦ୍ଧନା ଜଣାଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସାରା ଦେଶରେ....

ଗୃହମନ୍ତ୍ରୀଙ୍କ ଭଳି ଦିଲ୍ଲୀରେ ଶ୍ରମଦାନ କରିଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା । ସ୍ୱଚ୍ଛତାକୁ ଏକ ବ୍ରତ ଭାବେ ଗ୍ରହଣ କରିବାକୁ ସେ ଦେଶବାସୀଙ୍କ ଆହ୍ୱାନ ଦେବା ସହ ଏହା ମହାତ୍ମାଗାନ୍ଧୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ନର୍ଥ କ୍ୟାମ୍ପସ, ଜିସି ମାର୍ଗ ଓ ଶ୍ରେୟା ମାର୍ଗରେ ସଫେଇ କରିଛନ୍ତି । ଏଥିରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ପ୍ରଧାପକ ସାମିଲ ହୋଇଥିଲେ । ରାଜଧାନୀ ଭୁବନେଶ୍ୱରରେ ମଧ ସ୍ୱଚ୍ଛତା ହିଁ ସେବା ଅଭିଯାନରେ ସାମିଲ ହୋଇଥିଲେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହ ଛାତ୍ରଛାତ୍ରୀ । ଖଣ୍ଡଗିରିରେ ରାଜ୍ୟପାଳ ଗଣେଶୀ ଲାଲ, ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଏହି ଅଭିଯାନରେ ସାମିଲ ହୋଇଥିଲେ । ସ୍ୱଚ୍ଛ ଭାରତ ଅଭିଯାନର ୯ ବର୍ଷ ପୂର୍ତି ଅବସରରେ ମେଗା ସ୍ୱଚ୍ଛତା ଅଭିଯାନ ପାଳିତ ହୋଇଛି । ଦେଶର ୬ ଲକ୍ଷ ୪୦ହଜାର ସ୍ଥାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହା ମଧ୍ୟରେ ୩୫ ହଜାର ଅଙ୍ଗନବାଡି, ୨୨ ହଜାର ବଜାର, ୭ ହଜାର ବସ୍ ଷ୍ଟାଣ୍ଡ, ୧ ହଜାର ଗୋଶାଳା ଓ ୩୦୦ ଚିଡିଆଖାନା ପ୍ରମୁଖ ସାମିଲ ଥିଲା । ଯେଉଁଥିରେ ସାଧାରଣ ଜନତା ମଧ ବେଶ ଉତ୍ସାହର ସହ ସାମିଲ ହୋଇଥିଲେ ।

## ବଡପଡିଆ ମାର୍କେଟରେ ‘ସ୍ୱଚ୍ଛତା ହି ସେବା’ କାର୍ଯ୍ୟକ୍ରମ




ପାରାଦୀପ, ୦୧/୧୦ (ନି.ପ୍ର): ପାରାଦୀପ ସହରର ମୁଖ୍ୟ ବ୍ୟବସାୟିକ କେନ୍ଦ୍ର ବଡପଡିଆ ମାର୍କେଟକୁ ପାରାଦୀପ ବନ୍ଦର ସହର ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଅନ୍ତେବାସୀମାନେ ବ୍ୟବହାର କରିଥାନ୍ତି । ପାରାଦୀପ ସହରର ସର୍ବପୁରାତନ ବାଣିଜ୍ୟିକ କେନ୍ଦ୍ରକୁ ପ୍ରତିଦିନ ଶହଶହ ଲୋକ ଆସିଥାନ୍ତି । ଏହାର ପରିବେଶକୁ ପରିଷ୍କାର ରଖିବାର ସଚେତନତାର ବାର୍ତ୍ତା ପହଂଚାଇବା ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ ନଗରପାଳ ବସନ୍ତ ବିଶ୍ୱାଳ । ନଗରପାଳଙ୍କ ଆହ୍ୱାନ କ୍ରମେ ସ୍ଥାନୀୟ ପାରିଷଦ ସରୋଜିନୀ ସାହୁଙ୍କ ସମେତ ସ୍ଥାନୀୟ ଜ୍ୟୋତି ମହିଳା ସମିତିର ସଦସ୍ୟାମାନେ ରବିବାର ସକାଳେ ବଡପଡିଆ ମାର୍କେଟରେ ଏକତ୍ରିତ ହୋଇଥିଲେ । ଜ୍ୟୋତି ମହିଳା ସମିତିର ସଭାନେତ୍ରୀ ପୁଷ୍ପାଂଜଳୀ ମିଶ୍ର, ସଂପାଦିକା ଲିପିକା ସାହୁଙ୍କ ସମେତ ମହିଳା ସମିତିର ସଦସ୍ୟାମାନେ ମାର୍କେଟ ଅଂଚଳ ସଫେଇ କରିଥିଲେ । ନିଜେ ପାରିଷଦ ଶ୍ରୀମତୀ ସାହୁ ମହିଳା ସମିତିର ସଦସ୍ୟାମାନଙ୍କ ସହିତ ଝାଡୁ ଧରି ପରିଷ୍କାର କରୁଥିବାର ଦେଖିବାକୁ ମିଳିଥିଲା । ପାରାଦୀପ ପୌରପାଳିକାର କର୍ମଚାରୀ, ସ୍ୱଚ୍ଛ ସାଥୀ, ଯୁବ ସଙ୍ଗଠକ ଗୋଲଖ ସାହୁ ଏହି ସଫେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏଥି ସହିତ ପାରାଦୀପର ବିଭିନ୍ନ ଓାର୍ଡମାନଙ୍କରେ ଏହି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମହିଳାମାନଙ୍କର ପରିବେଶ ପରିଷ୍କାର ଅଭିଯାନକୁ ସ୍ଥାନୀୟ ଲୋକମାନେ ଉଚ୍ଚ ପ୍ରଶଂସା କରିଛନ୍ତି ।

## ଶାନ୍ତିକାନନରେ ‘ଭାବରୂପ’ ଓ ‘ଗୁଣସୂତ୍ର’ ପୁସ୍ତକ ଉନ୍ମୋଚିତ




ବାଲେଶ୍ୱର, ୦୧/୧୦ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନଠାରେ କବି ତଥା ସମାଲୋଚକ ପବିତ୍ର ମୋହନ ଦାଶଙ୍କ ସମାଲୋଚନା ପୁସ୍ତକ ‘ଭାବରୂପ’ ଓ ମାନମୟୀ ରଥଙ୍କ ଗଳ୍ପ ସଂକଳନ ‘ଗୁଣସୂତ୍ର’ ଉନ୍ମୋଚିତ ହୋଇଯାଇଛି । ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ‘ଅକ୍ଷାଂଶ’ର ସଂପାଦକ ଡ. ହରିଶ୍ଚନ୍ଦ୍ର ବେହେରା ମୁଖ୍ୟଅତିଥି, ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ସାହିତ୍ୟ ବିଭାଗର ପ୍ରଫେସର ଡ. ଦେବାଶିଷ ପାତ୍ର ମୁଖ୍ୟବକ୍ତା, ଚିତ୍ରଶିଳ୍ପୀ କେଶୁ ଦାସ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ପୁସ୍ତକ ଦୁଇଟି ସଂପର୍କରେ ଭାବଗର୍ଭକ ଆଲୋଚନା କରିଥିଲେ । ‘ଭାବରୂପ’ ପୁସ୍ତକ ପାଇଁ କବି ଶୈଳଜ ରବି କବିତା ଆକାରରେ ପଠାଇଥିବା ପାଠକୀୟ ପ୍ରତିକ୍ରିୟା ‘ପବିତ୍ରଙ୍କ ଭାବଭୂମିରେ ନେଳି ନିଶା’ ଶୀର୍ଷକ କବିତାକୁ କବି ଶ୍ରୀଦେବ ଆବୃତ୍ତି କରିଥିଲେ । ଅଦିତି ପ୍ରକାଶନୀର ସ୍ୱତ୍ୱାଧିକାରୀ ବବିତା ସାହୁ ପ୍ରକାଶକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଲେଖକ ପବିତ୍ର ମୋହନ ଦାଶ ଓ ଗାଳ୍ପିକା ମାନମୟୀ ରଥ ଲେଖକୀୟ ଅଭିବ୍ୟକ୍ତି ରଖିଥିଲେ । ପରିଷଦର ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ ସଂପାଦକ ଦୀପକ ବୋଷ ପ୍ରାକ୍‌ବକ୍ତବ୍ୟ ରଖିଥିଲେ । ଅନ୍ୟତମ ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଅତିଥିମାନଙ୍କୁ ଚାରାଗଛ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା ।

## ଶିଳାନ୍ୟାସ ପୂର୍ବରୁ ଫଳକ ଭାଙ୍ଗିଦେଲେ ଦୁର୍ବୃତ୍ତ

ଜଗତସିଂହପୁର, ୦୧/୧୦ (ନି.ପ୍ର): ଜଗତସିଂହପୁର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ମଣ୍ଡସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂଆ ବର୍ହିଃ ଚିକିତ୍ସା ବିଭାଗ କୋଠା ନିର୍ମାଣ ପାଇଁ ଆଜି ଶିଳାନ୍ୟାସ ହେବାକୁ ଥିବା ବେଳେ ତା'ପୂର୍ବରୁ କେହି ଦୁର୍ବୃତ୍ତ ନାମ ଫଳକଙ୍କୁ ଭାଙ୍ଗି ଦେଇଛନ୍ତି । ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଆଜି ଅପରାହ୍ନ ୪ଟାରେ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ ଥିବା ବେଳେ କିଏ ଏହି କାଣ୍ଡ ଘଟାଇଛି, ତାହା ଜଣାପଡ଼ିନାହିଁ । ଫଳକରେ ସ୍ଥାନୀୟ ସରପଞ୍ଚ ପୁଷ୍ପଲତା ଦାସଙ୍କ ନାମ ନଥିବାରୁ ତାଙ୍କ ସମର୍ଥକ ଏପରି କରିଥାଇ ପାରନ୍ତି ବୋଲି ଆଶଙ୍କା କରାଯାଉଛି । ତେବେ ସରପଞ୍ଚଙ୍କ ପ୍ରତିନିଧି ଅଶୋକ ଭୋଇ ଫଳକ ଭଙ୍ଗା ଘଟଣାକୁ ନିନ୍ଦା କରିଛନ୍ତି ଓ ଫଳକରେ ସରପଞ୍ଚଙ୍କ ନାମ ନରହିବା ନିନ୍ଦନୀୟ ବୋଲି କହିଛନ୍ତି । ମେଡିକାଲ ଅଫିସର ସୁରେଶ ଲେଙ୍କା ଘଟଣା ସଂପର୍କରେ ପୁଲିସ୍‌କୁ ଖବର ଦେଇଥିଲେ । ପୁଲିସ ଘଟଣାର ତଦନ୍ତ କରୁଛି । ଅନ୍ୟପକ୍ଷରେ ପୁଣିଥରେ ଫଳକ ଲଗାଯାଇ ଶିଳାନ୍ୟାସ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟରେ ହେବ ବୋଲି କହିଛନ୍ତି ମେଡିକାଲ ଅଫିସର । ଦୁଇ ଦିନ ତଳେ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ବଟୀଘର ପଞ୍ଚାୟତ ନିପାଣିଆ ଖୋଳା ନାଳରେ ନବନିର୍ମିତ ବିଜୁ ସେତୁକୁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଲୋକାର୍ପଣ କରିବାକୁ ପହଞ୍ଚିବା ପୂର୍ବରୁ କେହି ଫଳକକୁ ଭାଙ୍ଗି ଦେଇଥିଲେ ।

## ଅସହାୟଙ୍କ ଦେବଦୂତ ସାଜିଲେ ମହିଳା ସଭାନେତ୍ରୀ

ମାଲକାନଗିରି, ୦୧/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଣସପୁଟ , ଯୋଡାମ୍ବ,ଅଶ୍ୱରାପାଲି ପଂଚାୟତ ଗସ୍ତ ସମୟରେ ରୋଗ ଶଯ୍ୟା ରେ ପଡ଼ିରହିଥିବା ରୋଗୀଙ୍କ ବନ୍ଧୁ ସାଜିଲେ ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ! ସୂଚନା ଅନୁଯାୟୀ ଲକ୍ଷ୍ମୀପ୍ରିୟା ଓ ସୁନିତା ଜେନା ଏବଂ ଅନ୍ୟ ବରିଷ୍ଠ ବିଜେଡି କର୍ମୀ ଶିବ ଖରା, ଦେବେନ୍ଦ୍ର ଦାସ, ପିତାମ୍ବର ଖେମୁଡୁ,ଡମ୍ବରୁ ହରିଜନ, ସୁବର୍ଣ୍ଣ ପାଲିଗୁଡ଼ିଆ, ଲକ୍ଷ୍ମୀ ମାଣ୍ଡି ମିଶି ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳର ବିଭିନ୍ନ ଗ୍ରାମାଂଚଳ ଗସ୍ତ କରିଥିଲେ !ସେହି ସମୟରେ ଦୀର୍ଘ ଦିନ ହେବ ରୋଗ ଶଯ୍ୟା ରେ ପଡ଼ିରହିଥିବା ରୋଗୀ ତାଙ୍କ ନଜରକୁ ଆସିଥିଲା ! ତୁରନ୍ତ ସେ ବିଳମ୍ବ ନକରି ତାଙ୍କର ସ୍ୱାସ୍ଥ୍ୟ ସମ୍ପର୍କରେ ତାଙ୍କ ଘର ଲୋକଙ୍କ ଠାରୁ ଅବଗତ ହୋଇ ୧ ୯ ଜଣ ରୋଗୀଙ୍କୁ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରିଥିଲେ ଏବଂ ଡାକ୍ତରି ଟିମ୍ ଚିକିତ୍ସିତ କରି ଉନ୍ନତ ମାନର ଚିକିତ୍ସା ପାଇଁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବା ପାଇଁ ପରାମର୍ଶ ଦେଇଥିଲେ ! ତୁରନ୍ତ ଶ୍ରୀମତୀ ଲକ୍ଷ୍ମୀପ୍ରିୟା ନାୟକ ବସ ଏବଂ ଆମ୍ବୁଲାନ୍ସ ଯୋଗେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ । ଦୁଃଖରେ ଭାଙ୍ଗିପଡିଥିବା ପରିବାରଙ୍କୁ ସାହସଦେଇ ଉନ୍ନତ ମାନର ଚିକିତ୍ସା ଯୋଗଇବା ପାଇଁ ପ୍ରତିଶ୍ରୁତି ଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଯୁଗାନ୍ତକାରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ଗଣମାଧ୍ୟମକୁ ପ୍ରକାଶ କରିଛନ୍ତି ।

## ସରକାରୀ ଶିକ୍ଷାନୀତିର ପରିବର୍ତ୍ତନ ନ ହେଲେ ସଂସ୍କୃତି ଓ ସଂସ୍କୃତଭାଷା ବିଲୁପ୍ତ ହେବ

ଜଳେଶ୍ୱର , ୦୧/୧୦ (ନି.ପ୍ର): ସର୍ବପୁରାତନ ଶାଳିକୋଠାସ୍ଥିତ ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ୧୦ ଦିନ ବ୍ୟାପି ସଂସ୍କୃତ ସଂଗୋଷ୍ଠୀର ବାର୍ଷିକ ସମାରୋହ ଆଜି ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ ସଭାପତିତ୍ୱ କରି ସ୍ୱାଗତ ଅଭିଭାଷଣ ରଖିଥିଲେ । ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରବିନାରାୟଣ ରଥସର୍ମା ସଂସ୍କୃତ ସବୁ ଭାଷାର ଜନନୀ, ବିଶ୍ୱର ବହୁ ଭାଷା ବିଲହ ହୋଇଥିବା ବେଳେ ଅଦ୍ୟାବଧି ସଂସ୍କୃତ ଭାଷା ତିଷ୍ଠି ରହିଛି । ସାଧକର ସାଧକ, ସାଧନାର ଶ୍ରେଷ୍ଠ ଫଳ କହିବା ସହିତ ସାମ୍ପ୍ରତି ସମାଜରେ ଶିକ୍ଷାନିତୀ, ସଂସ୍କୃତ ଓ ଓଂସ୍କୃତି ବିରୋଧରେ ଚାଲିଛି । ସଂସ୍କୃତ ଅନୁଷ୍ଠାନ ଗୁଡିକ ଭୁଷୁଡି ପଡୁଛି । ଏହାର ପରିବର୍ତ୍ତନ ନ ହେଲେ ସଂସ୍କୃତ ଓ ସଂସ୍କୃତି ଓ ପରମ୍ପରା ଭୁଷୁଡି ପଡିବ ବୋଲି ଭବିଷ୍ୟବାଣି ଶଉଣାଇଥିଲେ । ମୁଖ୍ୟବକ୍ତାଭାବେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୂଳପତି ଡ. ନିଳକଣ୍ଠ ପତି ଯୋଗ ଦେଇ ସଂସ୍କୃତ ହିଁ ମଣିଷ ଜୀବନ ଓ ସଂସ୍କୃତି ଭାରତୀୟଙ୍କ ନିସ୍ୱାର୍ଥପଥ ଭଲପାଇବା ବୋଲି କହିଥିଲେ । ଗୁରୁଶିଷ୍ୟ ମଧ୍ୟରେ ଆନ୍ତରିକତା ବଢିବାରେ ସଂସ୍କୃତ ଭାଷାର ଆଚାର୍ଯ୍ୟ, ଉପାଧ୍ୟାୟ ଏବଂ ଦାରୁ ବ୍ରହ୍ମ ଓ ପରଂ ବ୍ରହ୍ମ ସଂପର୍କରେ ସଂସ୍କୃତ ପ୍ରେମୀ ଓ ଛାତ୍ରଛାତ୍ରୀଙ୍କ ଜ୍ଞାନ ରହିଛି । ଅଧ୍ୟବସାୟ ବିନାର ସଫଳତା ଅସମ୍ଭବ । ପୂଜକମାନେ ପୂଜା କଲାବେଳେ ବ୍ୟବହାର କରୁଥିବା ଭାଷା ହିଁ ସଂସ୍କୃତ ବୋଲି ପ୍ରକାଶ କରି ସଂସ୍କୃତ କେଉଁ ଗୁଣରେ କମ୍ ନୁହେଁ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଚାର୍ଯ୍ୟ ଦୁଲାଲ ନାଥ ମିତ୍ର, ଦେବେନ୍ଦ୍ର ନାଥ ଭୂୟାଁ, ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନା, ଗିରିଶ କୁମାର ପାଣିଗ୍ରାହୀ, ଆଶୁତୋଷ ରଥ, ଜନାର୍ଦ୍ଦନ ମିଶ୍ର, ପର୍ଶୁରାମ ମିଶ୍ର, ରାଜୀବ ନାରାୟଣ କର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏଥିରେ ଗୁରୁ ରବିନ୍ କୁମାର ମିଶ୍ର, ରବିନାରାୟଣ ମିଶ୍ର ଓ ପୂର୍ବତନ ଅଧ୍ୟକ୍ଷ ପଣ୍ଡିତ ରବିନାରାୟଣ ରଥଶର୍ମାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ମାସିକ ପତ୍ରିକା ସୁଶ୍ରୀ, ଡ. ନିଳକଣ୍ଠ ପତିଙ୍କ ରୁଦ୍ରାଭିଷେକ, ଶିକ୍ଷାପଦ୍ଧତି ଓ ରବିଦ୍ୟୁତି ପୁସ୍ତକ ଉନ୍ମୋଚିତ ହୋଇଥିଲା । ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟ ଓ ହେମଚନ୍ଦ୍ର ସଂସ୍କୃତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଶଣ କରାଯାଇଥିବା ସଂଗୀତ, ନାଟକ, ନାଚଗୀତ ଇତ୍ୟାଦିରେ କୃତିଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଂଜୟ ଦାଶ, ସଂଗ୍ରମ ମହାପାତ୍ର, ପ୍ରସନ୍ନ ଦାସ, ହେମନ୍ତ ଦାସ, ରବିନ୍ ମିଶ୍ର, ଅନୁରାଧା ରାଉତ, ରବିନାରାୟଣ ମିଶ୍ର, ଡ. ଗୁରୁପ୍ରସାଦ ରାଉ, ସପନ ମିଶ୍ର, ଲଛମନ ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ ।

## ଭିନ୍ନକ୍ଷମ ସମାଜସେବୀ ରାଜେନ୍ଦ୍ରଙ୍କ ସ୍ୱଚ୍ଛ ଭାରତ ଅଭିଯାନ

ନୀଳଗିରି, ୦୧/୧୦ (ନି.ପ୍ର): ସଡ଼କ ଦୁର୍ଘଟଣାରେ ଦୁଇ ଗୋଡ଼ କଟା ଯାଇଥିବା ବେଳେ ସମାଜ ସେବାରୁ କାଣିଚାଏବି ପଛଘୁଞ୍ଚା ଦେଇନାହିଁ ରାଜେନ୍ଦ୍ର । ନିଳଗିରି ସହରରେ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ ରକ୍ତଦାନ ଶିବିର ଆୟୋଜନ କରି ବେଶ୍ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ନିଳଗିରି ଘାଟଘରସାହି ଗ୍ରାମର ଭିନ୍ନକ୍ଷମ ଯୁବକ ରାଜେନ୍ଦ୍ର ଜେନା ଆଜିର ସମାଜରେ ଜଣେ ଅନନ୍ୟ ବିଶେଷତ୍ୱର ଉଦାହରଣ ପାଲଟିଛନ୍ତି । ପବିତ୍ର ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଏକ ଭିନ୍ନ ଢ଼ଙ୍ଗରେ ସ୍ୱଚ୍ଛଭାରତ ଅଭିଯାନ ଆରମ୍ଭ କରିଛନ୍ତି । ଆଜି ନିଳଗିରି ମାଉସୀ ମା ମନ୍ଦିର ପାର୍ଶ୍ୱରେ ଅଳିଆ ଆବର୍ଜନାକୁ ନିଜେ ଓ ସହଯୋଗୀଙ୍କ ସହାୟତାରେ ସଫେଇ କରିଛନ୍ତି । ପୂର୍ବରୁ ବିଭିନ୍ନ ସ୍ଥାନରେ ପରିବେଶ ସୁରକ୍ଷା ଅଭିଯାନ, ବୃକ୍ଷରୋପଣ ପାଇଁ ମାନ୍ୟବର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଶଂସା କରିଥିଲେ । ଜଣେ ଭିନ୍ନକ୍ଷମ ଯୁବକ ହୋଇ ସମାଜ ପାଇଁ ଏଭଳି ଏକ ଭିନ୍ନ ପ୍ରୟାସ ଯୁବସମାଜକୁ ପ୍ରେରଣାର ଉତ୍ସ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି ।

ସୋମବାର, ଅକ୍ଟୋବର ୦୨, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ବସ୍ତା ବିଜେପିର ଗାନ୍ଧୀଛକରେ ସ୍ୱଚ୍ଛ ଭାରତ ଅଭିଯାନ ପାଳିତ

ବସ୍ତା , ୦୧/୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ଆଜି ସାରାଭାରତ ରେ ମହାତ୍ମାଗାନ୍ଧୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ପାଇଁ ଏକ ଘଣ୍ଟା ଶ୍ରମ ଦାନକରି ସ୍ୱଚ୍ଛ ଭାରତ ଅଭିଯାନ ଆୟୋଜନ କରାଯାଇଛି । ସରକାରୀ,ବେସରକାରୀ,ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବ୍ୟକ୍ତିଗତ ଭାବେ ଆଜି ବସ୍ତାର ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମରେ ସମସ୍ତେ ଭାଗନେଇଛନ୍ତି। ବସ୍ତା ବିଜେପି ତରଫରୁ ଆଜି ସକାଳ ୧୦ଟାବେଳେ କର୍ମୀମାନେ ଏକଜୁଟ ହୋଇ ବସ୍ତାର ପ୍ରାଣକେନ୍ଦ୍ର ଗାନ୍ଧୀଛକ ଠାରେ ରାସ୍ତାଘାଟ ସଫାକରି ଆବର୍ଜନା କୁଣ୍ଡ ସ୍ଥାପନା କରିଥିଲେ।ବରଯାତ୍ରୀ ଓ ଦୋକାନୀ ଭାଇ ମାନଙ୍କୁ ବର୍ଜ୍ୟବସ୍ତୁର ପରିଚାଳନା ସମ୍ପର୍କ ରେ ସଚେତନ କରାଇଥିଲେ। ପରେ ଆସନ୍ତା କାଲି ଜୟନ୍ତୀ ଉପଲକ୍ଷେ ଗାନ୍ଧୀମୂର୍ତି ସଫା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ବିଜେପିର ବରିଷ୍ଠ ନେତା ଶ୍ୟାମାପ୍ରସାଦ ବେହେରା,ପୂର୍ବତନ ସମିତିସଭ୍ୟ ରାଧେଶ୍ୟାମ ମହାପାତ୍ର, ସୂର୍ଯ୍ୟନାରାୟଣ



ସାହୁ,ଧିରେନ ସେଠୀ,ପରମାନନ୍ଦ ମହାପାତ୍ର, ସୁଦର୍ଶନ ସାହୁ,ବିନୟ କେତନ ଜେନା,ଦିବାକର ରାଉତ,ଶରତ ବାରିକ,ଅଜୟ ଜେନା,ମନୋଜ ସାମଲ, ନୀହାର ବେହେରା,ଦିଲ୍ଲୀପ ପଣ୍ଡାପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଖଇରାରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ



ଖଇରା, ୦୧/୧୦ (ନି.ପ୍ର): ଖଇରା ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇ ଯାଇଛି । ଶରତ କୁମାର ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅଧ୍ୟାପକ ଡ ମଦନମୋହନ ମହଲା ଯୋଗ ଦେଇ ସାମାଜିକ ବିଧି ବ୍ୟବସ୍ଥା ମଧ୍ୟରେ ବରିଷ୍ଠ ମାନଙ୍କୁ ଅଣଦେଖା କରାଯାଉଥିବା ପ୍ରକାଶ କରିଥିଲେ । ସମ୍ପାଦକ ମୁକ୍ତକାନ୍ତ ଶତପଥି, ଉମେଶ ଚନ୍ଦ୍ର ନାୟକ, ଅନ୍ତର୍ଯ୍ୟାମୀ ପାତ୍ର, ପଦ୍ମଲୋଚନ ଦାସ, ବସନ୍ତ କୁମାର ଖିଲାର, ଇନ୍ଦ୍ରମଣି ରାଉତ, ବିଷ୍ଣୁମୋହନ ଶତପଥି,ସନ୍ତୋଷ କୁମାର ଶତପଥି, ବୁଦ୍ଧିରାମ ପାଣିଗ୍ରାହୀ ପ୍ରମୁଖ ନିଜର ମତ ଉପସ୍ଥାପନ କରିଥିଲେ । ମଞ୍ଚର ଦିବଂଗତ ଜିଲା ସମ୍ପାଦକ ଲକ୍ଷ୍ମୀଧର ବେହେରା, ରଘୁନାଥ ବାରିକ, କଳ୍ପନା ମହାପାତ୍ର, ବଳରାମ ଦଳେଇ, ହୈମବତୀ ମହାପାତ୍ର, ମହେଶ୍ୱର ମହାପାତ୍ର, ବାବାଜୀ ଚରଣ ସେଣ୍ଠ ଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା ।

# ଜାତୀୟ ରକ୍ତଦାନ ଦିବସ ପାଳିତ

## ରକ୍ତଦାନ କ୍ଷେତ୍ରରେ ଉଦଳା ଦୃଷ୍ଟାନ୍ତ ପାଲଟିଛି : ପ୍ରମିଳା ପଣ୍ଡା

ଉଦଳା , ୦୧/୧୦ (ନି.ପ୍ର): ଉଦଳା ସ୍ଥିତ ଉପଖଣ୍ଡ ସରକାରୀ ଚିକିତ୍ସାଳୟ ପରିସରରେ ଥିବା ଓଡ଼ିଶା ରକ୍ତ କେନ୍ଦ୍ର ଠାରେ ଆଜି ୦୧ ଅକ୍ଟୋବର ରବିବାର ଦିନ ଜାତୀୟ ରକ୍ତଦାନ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟରତ ଉପଖଣ୍ଡ ଚିକିତ୍ସାଧିକାରୀ ଡ଼ା. ଲକ୍ଷ୍ମୀକାନ୍ତ ପତି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଆଜିର ଦିବସଟିକୁ ଜାତୀୟ ରକ୍ତଦାନ ଦିବସ ରୂପେ ସମଗ୍ର ଦେଶରେ କାହିଁକି ପାଳନ କରାଯାଉଛି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦଳାରେ କିପରି ବାରମ୍ୱାର ରକ୍ତଦାନ ଶିବିର ଆୟୋଜିତ ହେଉଛି ଓ ଏଥିପାଇଁ ଡ଼ାକ୍ତରଖାନାରେ ରକ୍ତର ଅଭାବ ଦେଖାଯାଉ ନାହିଁ ବ୍ୟକ୍ତ କରିବା ସହ ଏହା ସମଗ୍ର ଓଡ଼ିଶା ପାଇଁ ଦୃଷ୍ଟାନ୍ତ ପାଲଟିଛି ବୋଲି କହିଥିଲେ । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ରକ୍ତଦାନ କରୁଥିବା ବ୍ୟକ୍ତି କିପରି ନିଜେ ସୁସ୍ଥ ରହିବା ସହଅନ୍ୟର ଜୀବନ ବଂଚାଇବାରେ ସହାୟକ ହୋଇଥାନ୍ତି ବର୍ଣ୍ଣନା କରିଥିଲେ । ଏହାପରେ ରକ୍ତଦାନ ଶିବିର ଆୟୋଜନ କରୁଥିବା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଓ ମହାବିଦ୍ୟାଳୟ ମାନଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି




ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମର ଆୟୋଜକ ରକ୍ତ କେନ୍ଦ୍ର ଅଧିକାରିଣୀ ଡ଼ା. ପ୍ରଜ୍ଞାପ୍ରିୟ ଦର୍ଶିନୀ ବେହେରା ରକ୍ତଦାନ କରୁଥିବା ବ୍ୟକ୍ତି ବିଶେଷ ଓ ଶିବିର ଆୟୋଜନ କରୁଥିବା ବିଭିନ୍ନ ଅନୁଷ୍ଠାନ ମାନଙ୍କୁ କେଉଁ ଭାଷାରେ ଧନ୍ୟବାଦ ଜଣାଇବି ସେଥିପାଇଁ ମୋ ନିକଟରେ ଭାଷା ନାହିଁ ବୋଲି ବ୍ୟକ୍ତ କରିଥିଲେ । ଏହିଭଳି ଉଦ୍ୟମ ସବୁଦିନ ଜାରି ରହୁ ବୋଲି ଅନୁରୋଧ ଜଣାଇଥିଲେ । ଡ଼ା. ଖଗେଶ୍ୱର ସିଂହ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ସ୍ୱେଚ୍ଛାସେବି ଆଶିଷ ମଲ୍ଲିକ, ସୁବ୍ରତ କୁମାର ମହାନ୍ତି, ରବିନ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

## ସାରଡାଙ୍ଗ ପଞ୍ଚାୟତରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଖଇରା, ୦୧/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରଡାଙ୍ଗ ପଞ୍ଚାୟତରେ ନିର୍ବାହୀ ଅଧିକାରୀ ଦେବେନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ରବିବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆଶା,ଅଙ୍ଗନୱାଡି କର୍ମୀ, ମହିଳା ଗୋଷ୍ଠୀର ସଦସ୍ୟା ମାନେ ଯୋଗ ଦେଇ ଶପଥ ପାଠ କରିବା ସହ ସାରଡାଙ୍ଗକୁ ପ୍ଲାଷ୍ଟିକ ବା ପଲିଥିନ ମୁକ୍ତ ପଞ୍ଚାୟତ ଭାବେ ଗଢିବାପାଇଁ ସମସ୍ତେ କାର୍ଯ୍ୟ କରିବାକୁ ସହମତି ପ୍ରକାଶ କରିଥିଲେ। ଏମବିକେ ଶ୍ରଦ୍ଧାଞ୍ଜଳୀ ପତ୍ରୀ,ୱାର୍ଡସଭ୍ୟ ଚକ୍ରଧର ବେହେରା,ଯୁବନେତା ମନୋରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ନ୍ୟାୟାଳୟ ପରିସରରେ ସ୍ୱଚ୍ଛଭାରତ ଦିବସ ପାଳିତ

ଭଦ୍ରକ, ୦୧/୧୦ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ଏବଂ ଜିଲ୍ଲା ଦୌରାଜଜ୍‌ଙ୍କ ମିଳିତ ଆନୁକୂଲ୍ୟରେ ଶ୍ରୀ ଆଶିଷ୍ କୁମାର ତ୍ରିପାଠୀ, ଭାରପ୍ରାପ୍ତ ଜିଲ୍ଲା ଏବଂ ଦୌରାଜଜ୍‌ଙ୍କ ନିର୍ଦ୍ଦେଶରେ ଜିଲ୍ଲା ନ୍ୟାୟାଳୟ ପରିସର ନଳାଙ୍ଗ, ଭଦ୍ରକ ଠାରେ ସ୍ୱଚ୍ଛ ଭାରତ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ନ୍ୟାୟାଳୟର ସମସ୍ତ ବିଚାରପତି ବୃନ୍ଦ ତଥା କର୍ମଚାରୀ ଗଣ ଯୋଗଦେଇଥିଲେ। ଶ୍ରୀ ମୁକ୍ତିରଞ୍ଜନ ଶତପଥୀ, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ବିଚାରପତି (ପୋକ୍‌ସୋ), ଭଦ୍ରକ ଏହି ଦିବସ ପାଳନର ଅର୍ଥ ଏବଂ "ସ୍ୱଚ୍ଛତା ହି ସେବା (ଏସ୍.ଏଚ୍.ଏସ୍)" ରେ ଅନ୍ତର୍ଭୁକ୍ତ




କ୍ରିୟାକଳାପ ମଧ୍ୟରେ ଖୋଲା ଯାଗାରେ ପାନଛେପ, ଖଙ୍କାର ଆଦି ନପକାଇ ପରିବେଶକୁ ସ୍ୱଚ୍ଛ ତଥା ସୁସ୍ଥ ରଖିବା ପାଇଁ ଆମେ ସମସ୍ତେ ଇଚ୍ଛା ପ୍ରକାଶ କରି କାର୍ଯ୍ୟ କରିବା ପାଇଁ ମତବ୍ୟକ୍ତ କରିଥିଲେ। ଶ୍ରୀମତୀ ନେହା ଅଗ୍ରୱାଲ, ସଚିବ, ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ଭଦ୍ରକ ଏହି ଦିବସ ପାଳିତ ହେବାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସ୍ୱଚ୍ଛତା ହି ସେବା, ଅଳିଆ ଆବର୍ଜ୍ଜନା ମୁକ୍ତ ଭାରତ ତଥା ଏହି ଆବର୍ଜନାରୁ ପୁନଃ ନବୀକରଣ ପ୍ରକ୍ରିୟାରେ କିପରି ଉପଯୋଗୀ ସାମଗ୍ରୀ ତିଆରି ହୋଇପାରିବ ସେସବୁ ବିଷୟରେ ବିଷଦ ଆଲୋଚନା କରିଥିଲେ।

# ଦୁଇ ଅଜଗର ସାପ ଉଦ୍ଧାର

ନୀଳଗିରି , ୦୧/୧୦ (ନି.ପ୍ର): ଦୁଇ ଅଜଗର ସାପ ଉଦ୍ଧାର। ଗୋଟିଏ ସାପ ଶନିବାର ବିଳମ୍ବିତ ରାତ୍ରୀରେ ନୀଳଗିରି ଏନଏସିର ସାନଅତା ଗାଁର ୧୦ ଫୁଟ ଲମ୍ବର ଅଜଗର ସାପଟି ନିକଟସ୍ଥ ସ୍ୱର୍ଣ୍ଣଚୂଡ ପାହାଡରୁ ଖସିଆସି ନଟୁ ସରକାର ଙ୍କ ଘର ଆଗ ରାସ୍ତାର କଡ ଡ୍ରେନରେ ଏକ ବିଲେଇ କୁ ଗିଳିଦେଇଥିଲା। ଏ ପରି ଦୃଶ୍ୟ ସେଠାକାର ଲୋକେ ଦେଖିବା ପରେ ଭୟଭୀତ ହୋଇ ପଡିଥିଲେ। ରାତ୍ରି ସମୟରେ ପାଖାପାଖି ଗ୍ରାମବାସି ଏକତ୍ରୀତ ହୋଇ ସାପଧରାଳି କୁମାର ରାୟଙ୍କୁ ଖବର ଦେବାପରେ ଘଟଣାସ୍ଥଳରେ ଶ୍ରୀ ରାୟ ପହଞ୍ଚି ଅଜଗରକୁ ଉଦ୍ଧାର କରି ଏକ ପ୍ଲାଷ୍ଟିକ ଡଷ୍ଟବିନ ଡବାରେ ରଖିଥିଲେ। ଏହି ଖବର ପ୍ରଚାରିତ ହେବାପରେ ରବିବାର ସକାଳେ ସାପଟିକୁ ଦେଖିବା ପାଇଁ ଅଞ୍ଚଳରେ ଲୋକାରଣ୍ୟ ହୋଇଥିଲା। ପରେ ସାପଟି ବିଲେଇ ଓକାଳିଥିଲା। ଅନୁରୂପ ଭାବେ ରବିବାର ନୀଳଗିରି ଥାନା ଅଧିନ ସନ୍ତରାଗଡିଆ ଗ୍ରାମରେ ମାଛ ଜାଲରେ ଛନ୍ଦି ହୋଇଥିବା ଏକ ପାଞ୍ଚ ଫୁଟ ଲମ୍ବର ଅଜଗର ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ସାପଧରାଳି ହରେକୃଷ୍ଣ ରାଉତଙ୍କୁ ଖବର ଦେଇଥିଲେ। ଶ୍ରୀ ରାଉତ୍ ଘଟଣା ସ୍ଥଳରେ ପହଞ୍ଚି



ସାପଟିକୁ ଉଦ୍ଧାର କରିଥିଲେ। ପରେ ବନବିଭାଗର କର୍ମଚାରୀ ମାନେ ଏହି ଦୁଇଟି ଅଜଗରକୁ କୁଳଡିହା ଅଭୟାରଣ୍ୟରେ ଛାଡି ଦେଇଥିବା ସୂଚନା ମିଳିଛି।

# କଳିଙ୍ଗ ବାଲିଯାତ୍ରାର ପ୍ରଥମ ପ୍ରସ୍ତୁତି ବୈଠକ

ପାରାଦୀପ, ୦୧/୧୦ (ନି.ପ୍ର): କଳିଙ୍ଗ ବାଲିଯାତ୍ରା କମିଟି ଅଧ୍ୟକ୍ଷା ତଥା ଜିଲ୍ଲାପାଳ ପାରୁଲ ପଟୱାରୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଫିସର୍ସ କ୍ଲବରେ ଆୟୋଜିତ କଳିଙ୍ଗ ବାଲିଯାତ୍ରାର ପ୍ରଥମ ପ୍ରସ୍ତୁତି ବୈଠକରେ ଜଗତସିଂହପୁର ଜିଲ୍ଲା ସାଂସଦ ଡଃ ରାଜଶ୍ରୀ ମଲ୍ଲିକ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳ, ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ପାରାଦୀପ ଉପ ଆରକ୍ଷୀ ଅଧିକ୍ଷକ ସନ୍ତୋଷ ଜେନା, ଆଦର୍ଶ ଥାନା ଅଧିକାରୀ ସୁଚିତ୍ରବିର୍ଯ୍ୟ ଦାସ, କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, ବନ୍ଦର ଇଷ୍ଟେଟ ଅଫିସର ବିଶ୍ୱଜିତ ମିଶ୍ର ଓ ପୌର ଉପାଧ୍ୟକ୍ଷା ଛବିଲତା ରାଉତ ଙ୍କ ସମେତ ସ୍ଥାନୀୟ ଶିକ୍ଷ ସଂସ୍ଥା ର ବରିଷ୍ଠ




ଅଧିକାରୀ, ବାଲିଯାତ୍ରା କମିଟିର ସଦସ୍ୟ, ପାରାଦୀପ ପୌର ପରିଷଦ ର ସମସ୍ତ କର୍ମଚାରୀ ଓ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଙ୍କ ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ। କମିଟିର ଅଧ୍ୟକ୍ଷା ତଥା ଜିଲ୍ଲାପାଳ ପାରୁଲ ପଟୱାରୀ ଚଳିତ ବର୍ଷ କଳିଙ୍ଗ ବାଲିଯାତ୍ରା ମହା ଆଡମ୍ବରରେ ଅନୁଷ୍ଠିତ ହେବ ନେଇ ସୂଚନା ପ୍ରଦାନ କରିଛନ୍ତି। ଆସନ୍ତା ନଭେମ୍ବର ୨୬ ରେ ୮ ଦିନ ଧରି ଅନୁଷ୍ଠିତ ହେବ । ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ସୂଚନା ଦେଇ କହିଥଲେ ଦୁଇ ମାସ ପୂର୍ବରୁ ଏହି କଳିଙ୍ଗ ବାଲିଯାତ୍ରା ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବାରୁ ଏହାକୁ ସରସ ସୁନ୍ଦର ଭାବରେ କରାଯିବା । ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ରେ ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତ ୨୦୨୨ ବର୍ଷର ଆୟ ବ୍ୟୟର ହିସାବ ସର୍ବ ସମ୍ମୁଖରେ ଜଣାଇଥିଲେ। ଏଥର କଳିଙ୍ଗ ବାଲିଯାତ୍ରା କିଭଳି ଅଧିକ ସରସ ସୁନ୍ଦର ହୋଇପାରିବ ସେ ନେଇ ଜିଲ୍ଲାପାଳ ବିସ୍ତୃତ ଆଲୋଚନା କରିଥିଲେ। ପୁରୁଣା ଐତିହ ସଂସ୍କୃତି କୁ ମନେ ପକାଇବା ପାଇଁ ପାରାଦୀପ ରେ ଆୟୋଜିତ ହେଉଥିବା ଏହି ମହୋତ୍ସବ କୁ ଅଧିକରୁ ଅଧିକ ସୁନ୍ଦର କରିବାକୁ ସାଂସଦ ଶ୍ରୀମତି ମଲ୍ଲିକ ସୂଚନା ଦେଇଥିଲେ। ପରେ କମିଟିର ସଦସ୍ୟ ମାନେ ମଧ୍ୟ ନିଜର ସୁଚିନ୍ତିତ ମତାମତ ରଖିଥିଲେ।ଏଥି ସହିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ ପ୍ରତିଭାଙ୍କୁ ସୁଯୋଗ ପ୍ରଦାନ କରିବାକୁ ସଦସ୍ୟ ମାନେ ଜିଲ୍ଲାପାଳ ଙ୍କୁ ନିବେଦନ କରିଥିଲେ। ଓଡିଶାରକୋଣ ଅନୁକୋଣରୁ ତଥା ରାଜ୍ୟ ଓ ରାଜ୍ୟ ବାହାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ କଳାକାର ମାନଙ୍କୁ ଅଣାଯିବା ନେଇ ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳ ସୂଚନା ଦେଇଥିଲେ। ଶେଷରେ କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ହିନ୍ଦୀ ଦିବସ ପକ୍ଷ ପାଳିତ



ବାରିପଦା, ୦୧/୧୦ (ନି.ପ୍ର): ଶୁକ୍ରବାର ଅପରାହ୍ନ ୨ ଘଟିକା ସମୟରେ ଆଦର୍ଶ ଦୁର୍ଗାବତୀ ରାଷ୍ଟ୍ର ଭାଷା ବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଥିଲା। ହିନ୍ଦୀ ଦୀବସ ପକ୍ଷ ଏବଂ ଏହା ଆରମ୍ଭ ହୋଇ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଦ୍ୟାଳୟର ସଭାପତି ଶ୍ରୀଯୁକ୍ତ ଗୟା ପ୍ରସାଦ ଖଣ୍ଡେଲୱାଲଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସ୍ୱର୍ଗୀୟା ଦୁର୍ଗାବତୀ ଖଣ୍ଡେଲୱାଲଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ ପରେ ଆବାଦନି ସଙ୍ଗୀତ ଗାନ ଛାତ୍ର ଛାତ୍ରୀଙ୍କ ଦ୍ୱାରା କରାଯାଇଥିଲା। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ତାପସ କୁମାର ନାୟକ ଏମ.ପି.କେ. ଗାଲ୍ସ ହାଇସ୍କୁଲର ପ୍ରଧାନ ଶିକ୍ଷକ ମୁଖ୍ୟବକ୍ତା ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ଭାଗବତ ପଣ୍ଡା, ସମ୍ମାନୀୟ ଅତିଥି ଏ.ବି.ଓ. / ସି.ଆର.ସି.ସି. ବ୍ରଜମୋହନ ମୁର୍ମୁ, ଡ.ଶଶୀଧର ବିଶ୍ୱାଳ, ଶିକ୍ଷକ ସୋମନାଥ ସିଂ, ଶିକ୍ଷକ ବଳରାମ ନାଥ, ସି.ଆର.ସି.ସି. କନକଲତା ମାଝୀ, କାର୍ଯ୍ୟକାରିଣୀ କମିଟି ସଦସ୍ୟ ଶ୍ରୀ ସୁକା' ଜୀଉ, ଶ୍ରୀ ଅସୀମ କୁମାର ଚକ୍ରବର୍ତୀ ଯୋଗଦେଇ ରାଷ୍ଟ୍ର ଭାଷା ହିନ୍ଦୀର ବିକାଶ ବିସ୍ତାର ହିନ୍ଦୀ ମାଧ୍ୟମରେ ହିଁ ହେଉଛୀ ଆଲୋକପାତ କରିଥିଲେ। ମୟୂରଭ ଜିଲ୍ଲାର ଏକମାତ୍ର ହିନ୍ଦୀ ବିଦ୍ୟାଳୟ ଆଦର୍ଶ ଦୁର୍ଗାବତୀ ରାଷ୍ଟ୍ର ଭାଷା ବିଦ୍ୟାଳୟ ଯେପରି ପରିଚାଳିତ ହୁଏ ତାର ଗୁରୁତ୍ୱ ପ୍ରକାଶ କରିଥିଲେ। ଶ୍ରୀଯୁକ୍ତ ତାପସ କୁମାର ନାୟକ ପ୍ରଧାନ ଶିକ୍ଷକ ଏମ.ପି.କେ. ଗାଲର୍ସ ହାଇସ୍କୁଲ, ଶ୍ରୀ ବ୍ରଜ ମୋହନ ମୁର୍ମୁ, ବି.ଆର.ସି./ଏ.ବି.ଓ. / ସି.ଆର.ସି.ସି. ନହରପଦା କନକଲତା ମାଝୀ, ପୁରାତନ ଛାତ୍ର ଡ. ଶଶୀଧର ବିଶ୍ୱାଳ ରାଷ୍ଟ୍ରପତୀ ପୁରସ୍କାର ପ୍ରାପ୍ତ ଶିକ୍ଷକଙ୍କୁ କାର୍ଯ୍ୟକାରୀଣୀ ସଭାପତି ଶ୍ରୀ ଗୟା ପ୍ରସାଦ ଖଣ୍ଡେଲୱାଲଙ୍କ ଦ୍ୱାରା ମାନପତ୍ର ଓ ଉତରୀୟ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପିଲାମାନଙ୍କ ଦ୍ୱାରା ଦେଶାତ୍ମକ ନୃତ୍ୟ ପ୍ରଦର୍ଶଣ, ଝୁମର, ଓଡିଶୀ, ବନ୍ଦେ ମାତରଂ ଜୟ ହେ! ଦେଶ ରଙ୍ଗୀଲା ସଂଗୀତରେ ନୃତ୍ୟ ଦ୍ୱାରା ହିନ୍ଦୀ ଦିବସର କାର୍ଯ୍ୟ ଉଦ୍‌ଯାପିତ କରାଯାଇଥିଲା। ଶ୍ରୀଯୁକ୍ତ ସୋମନାଥ ସିଂ ଅତିଥି ପରିଚୟ କରିଥିଲେ। ଶ୍ରୀଯୁକ୍ତ ଅସୀମ କୁମାର ଚକ୍ରବର୍ତୀ ସମର୍ଦ୍ଧଙ୍କୁ ଧନ୍ୟବାଦ ଜଣାଇଥିଲା। ଶ୍ରୀଯୁକ୍ତ ସଂତୋଷ କୁମାର ନାୟକ, ବୈକୁଣ୍ଠ ବେହେରା, ଜ୍ଞାନରନ ବାରିକ, ଭାଗୀରଥି କାଲିଆ, ଶ୍ରୀମତୀ ଦେବେନ୍ଦ୍ର କୋର, ଶ୍ରୀମତୀ ଇପସୀତା ଦାସ, ବର୍ଷା ଦାସ, ବିସମୀତା ସେଠୀ, ରଶ୍ମିରେଖା ପଟ୍ଟନାୟକ ସ୍ନେହ ମହାରଣା, ସୁଲୋଚନା ପାତ୍ର, ଇତ୍ୟାଦି ଶିକ୍ଷକ ଶିକ୍ଷୟତ୍ରୀ ବୃନ୍ଦ କାର୍ଯ୍ୟକ୍ରମକୁ ସୁନ୍ଦର ରୂପେ ପରିଚାଳନା କରିଥିଲେ। ସମସ୍ତ ବିଭାଗରେ ଅଂଶଗ୍ରହଣ କରି କୃତକାର୍ଯ୍ୟ ହୋଇଥିବା ଆଦର୍ଶ ଦୁର୍ଗାବତୀ ରାଷ୍ଟ୍ର ଭାଷାର ଦଶମ ଶ୍ରେଣୀ ଛାତ୍ରୀ ଗୁଡି ପାଶବାନଙ୍କୁ ରନିଙ୍ଗ କପ ପ୍ରଦାନ କରାଯାଇଥିଲା। ପରିଶେଷରେ ସମସ୍ତ ଅଭିଭାବକ ଅଭିଭାବିକା ଅତିଥିମାନଙ୍କୁ ଧନ୍ୟବାଦ ଦେବାପରେ ସଭାପତି ସଭାସାଂଗ କରିଥିଲେ।

# ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ- ୨୦୨୩ ଅନୁଷ୍ଠିତ

ବାଲେଶ୍ୱର, ୦୧/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନଠାରେ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ- ୨୦୨୩ ପାଳନ ହୋଇଯାଇଛି ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ କୃଷ୍ଣ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ, ଉପଜିଲ୍ଲାପାଳ ଶ୍ରୀଯୁକ୍ତ କୁନାଲ ମୋତିରାମ ଚହ୍ୱାନ, ସଭାପତି, ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ, ବାଲେଶ୍ୱର ଶ୍ରୀଯୁକ୍ତ ବୈଦ୍ୟନାଥ ଷଡ଼ଙ୍ଗୀ, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ଓ ପରାମର୍ଶଦାତା, ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ, ଶ୍ରୀଯୁକ୍ତ ଗିରୀଶ ଚନ୍ଦ୍ର ଦାସ, ଉପସଭାପତି, ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ପ୍ରଧାନ, ସମ୍ପାଦକ, ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ, ଶ୍ରୀଯୁକ୍ତ ଦାମୋଦର ନାୟକ ଓ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରିଣୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ଅତିଥି ଭାବେ ଯୋଗ ଦେଇଥିଲେ । ବୈଠକ ପ୍ରାରମ୍ଭରେ ବାହାନଗା ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତି ତଥା ସାଧାରଣ ସମ୍ପାଦକ, ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ, ସ୍ୱର୍ଗତ ଲକ୍ଷ୍ମୀଧର ବେହେରାଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ସମାରୋହରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଅଡିଓ ବାର୍ତ୍ତା ପରିବେଷଣ କରାଯାଇଥିଲା ଓ ବରିଷ୍ଠ ନାଗରିକଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ଯଥା ସାମାଜିକ ସୁରକ୍ଷା ନିମନ୍ତେ ମଧୁବାବୁ ପେନସନ ଯୋଜନାରେ ମାସିକ ଭତ୍ତା ପ୍ରଦାନ, ତୀର୍ଥ ଯାତ୍ରା ବ୍ୟବସ୍ଥା, ଜରାଶ୍ରମଗୁଡ଼ିକରେ ବରିଷ୍ଠ ନାଗରିକମାନଙ୍କ ଉପଯୁକ୍ତ ସେବା ଯତ୍ନ ଆଦି ସହିତ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା, ରାଜ୍ୟରେ ପ୍ରତିଷ୍ଠିତ ସମନ୍ୱିତ ଭିତ୍ତିଭୂମି କେନ୍ଦ୍ରଗୁଡ଼ିକରେ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ବିଭିନ୍ନ ସୁବିଧା, ବାର୍ଦ୍ଧକ୍ୟଜନିତ ଅକ୍ଷମତା ଦୂର ପାଇଁ ଫିଜିଓଥେରାପି କେନ୍ଦ୍ର ଆଦି ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ ଓ ଜିଲ୍ଲାରେ ବରିଷ୍ଠ ନାଗରିକଙ୍କ ପାଇଁ ଖୁବ ଶୀଘ୍ର ପରିଚୟ ପତ୍ରର ବ୍ୟବସ୍ଥା କରାଯିବା ପାଇଁ ପ୍ରତିଶୃତି ଦେବା ସହିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଯୋଜନାଗୁଡିକ ସହଜରେ ଯେପରି ସେମାନଙ୍କ ପାଖରେ ପହଞ୍ଚିପାରିବ ସେ ଦିଗରେ ଜିଲ୍ଲା ପ୍ରଶାସନ ତତ୍ପର ରହିଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ଆଲୋକପାତ କରିଥିଲେ । ସଭାରେ ଅତିଥିଙ୍କ ଦ୍ୱାରା ମୁଖପାତ୍ର 'ସାୟାହ୍ନ' ର ଉନ୍ମୋଚନ କରାଯିବା ସହିତ ଜିଲ୍ଲାର ୫ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରାଯାଇଥିଲା ଓ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ୩ଜଣ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo